


ସଞ୍ଜୟଙ୍କ ସହ କାମ କରିବିନି
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-107 ◆MONDAY ◆13 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୦୭ ◆ସୋମବାର ◆୧୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଗଣଦୁଷ୍କର୍ମ ମାମଲା

# ଜଙ୍ଗଲରୁ ଧରାହେଲେ ୩ ଅଭିଯୁକ୍ତ

- ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ଡ୍ରୋନ୍
- ଦୁର୍ଗାପୁର ଯିବ ଓଡ଼ିଶା ମହିଳା କମିସନ ଟିମ୍
- ଶୁଣୁନାହାନ୍ତି ପଶ୍ଚିମବଙ୍ଗ ମହିଳା କମିସନ



**ଭୁବନେଶ୍ୱର/ଜଳେଶ୍ୱର, ୧୨।୧୦ (ସମିସ):** ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ମେଡିକାଲ କଲେଜରେ ଦ୍ୱିତୀୟ ବର୍ଷର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଅଭିଯୁକ୍ତ ଅପୁ ବାଉରୀ (୨୧), ଫିର୍ଦ୍ଦୋଶ ଶେଖ୍ (୨୩) ଏବଂ ରିଆଜୁଦ୍ଦିନ (୩୧) ଙ୍କୁ ଗିରଫ କରିଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହ ସ୍ଥାନୀୟ କିଛି ଲୋକଙ୍କ ବୟାନ ଆଧାରରେ ମୋଟ ୫ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗିଥିବା ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମୋବାଇଲ ଟ୍ରାକିଂ କରି ପାରାନଗଞ୍ଜ ଜଙ୍ଗଲରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଜେରା କରୁଛି। ଅନ୍ୟ ୨ ଜଣଙ୍କୁ ଗିରଫ ପାଇଁ ଜଙ୍ଗଲ ମଧ୍ୟରେ ଡ୍ରୋନ୍ ସହାୟତାରେ ଖୋଜା ଚାଲିଛି।

ଏହି ଘଟଣାରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଦୁଇଜଣିଆ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କ ବାପା-ମା'ଙ୍କୁ ସାକ୍ଷାତ କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି। ପରିବାରଲୋକଙ୍କ ସନ୍ଦେହ ଥିବା ଛାତ୍ରୀଙ୍କ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି। ଅପରାଧୀଙ୍କୁ ଚିହ୍ନଟ କରିବାକୁ କ୍ୟାମ୍ପସରେ ସିସିଟିଭି ଫୁଟେଜ୍ ଏବଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି।

ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମହିଳା କମିଶନ ▶ପୃଷ୍ଠା-୭

## ମମତାଙ୍କ ମନ୍ତବ୍ୟ ନେଇ ହଙ୍ଗାମା

**ଦୁର୍ଗାପୁର, ୧୨।୧୦ (ଏଜେନ୍ସି):** ଓଡ଼ିଶାର ଜଣେ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମହିଳାମାନେ ବିଳମ୍ବିତ ରାତିରେ ବାହାରେ ବୁଲିବା ଉଚିତ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଛନ୍ତି। ନାରୀମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ମମତା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ନିନ୍ଦା କଲେ ବିରୋଧୀ ଦଳ**

ଏହି କାଣ୍ଡ ପାଇଁ ସମସ୍ତ ଦୋଷ ଦୁର୍ଗାପୁରର ସଂପୃକ୍ତ ଘରୋଇ ମେଡିକାଲ କଲେଜ ଉପରେ ଲଦି ଦେଇ ସେ କହିଛନ୍ତି ଯେ ପିଲାମାନଙ୍କର ସୁରକ୍ଷା ଦାୟିତ୍ୱ ହେଉଛି କଲେଜର। ରାତି ସାଢ଼େ ୧୨ଟା ପରେ ସଂପୃକ୍ତ ଏମ୍‌ବିବିଏସ୍ ଛାତ୍ରୀ କଲେଜ କ୍ୟାମ୍ପସ ବାହାରକୁ କେମିତି ଗଲେ ବୋଲି ପ୍ରଶ୍ନ କରିଛନ୍ତି। ମଧ୍ୟରାତିରେ ପିଲାମାନଙ୍କୁ ବାହାରକୁ ଛାଡ଼ିବା ଉଚିତ ନୁହେଁ। ଆଇନଶୃଙ୍ଖଳା ପୁଲିସର ଦାୟିତ୍ୱ ଥିଲେ ମଧ୍ୟ ସବୁ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ନୁହେଁ। ଦୁର୍ଗାପୁରର ଯେଉଁ ମେଡିକାଲ କଲେଜରେ ▶ପୃଷ୍ଠା-୭

### ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏ ଆସନ ଭାଗବଣ୍ଟା



**ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି):** ଆସନ୍ତାମାସରେ ବିହାର ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ କ୍ଷମତାସୀନ ଏନ୍‌ଡିଏ ଅଂଶୀଦାର ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ବିଜେପି ଏବଂ ନୀତୀଶ କୁମାରଙ୍କ ଜେଡିୟୁ ୧୦୧ ଲେଖାଏଁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମେଣ୍ଟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ମିଳିଛି ୨୯ଟି ଆସନ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ସହମତି ଭିତ୍ତିରେ ଏଭଳି ଆସନ ବୁଝାମଣା ହୋଇଛି ବୋଲି ବିଜେପିର ବିହାର ପ୍ରଭାରୀ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ବୁଝାମଣା ଅନୁଯାୟୀ ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଜେଡିୟୁ ଏବଂ ବିଜେପି ଉଭୟ ୧୦୧ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ।

**୧୦୧ ଲେଖାଏଁ ଆସନରେ ଲଢ଼ିବେ ବିଜେପି-ଜେଡିୟୁ**

**ଚିରାଗଙ୍କୁ ୨୯, ମାନ୍‌ଝି ଓ କୁଶୱାହଙ୍କୁ ୬ ଲେଖାଏଁ ଆସନ**

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୦୫ ପରେ ପ୍ରଥମ ଥର ଲାଗି ଜେଡିୟୁ ଏବଂ ବିଜେପି ସମାନ ଆସନରେ ଲଢ଼ିବେ। ଏହାପୂର୍ବରୁ ଜେଡିୟୁ ସର୍ବଦା ବିଜେପି ଅପେକ୍ଷା ଅଧିକ ଆସନରେ ଲଢୁଥିଲା। ଗତ ୪ଟି ନିର୍ବାଚନରେ ଜେଡିୟୁ ବଡ଼ ଭାଇର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ଗତ ୨୦୨୦ ନିର୍ବାଚନରେ ଜେଡିୟୁ ୧୧୫ଟିରେ ପ୍ରାର୍ଥୀ ଦେଇଥିବା ବେଳେ ବିଜେପି ୧୧୦ଟି ସିଟ୍‌ରେ ଲଢ଼ିଥିଲା। ▶ପୃଷ୍ଠା-୭

### ଆଜି ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି; ଦ୍ୱୈତ ଦାୟିତ୍ୱରେ ଓଡ଼ିଶା ସିଇଓ

# ନିରପେକ୍ଷତାକୁ ନେଇ ପ୍ରଶ୍ନ

**ଭୁବନେଶ୍ୱର, ୧୨।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ପୂର୍ବରୁ ଉପନିର୍ବାଚନ ତାରିଖ ଘୋଷଣା ହେବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ନିର୍ବାଚନୀ ପ୍ରକ୍ରିୟା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସର୍ବଦଳୀୟ ବୈଠକଠାରୁ ଆରମ୍ଭ କରି ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ମୁଖ୍ୟନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନଙ୍କ "ଦ୍ୱୈତ ଦାୟିତ୍ୱ'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବରିଷ୍ଠ ଆଇଏଏସ୍ ଅଧିକାରୀ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନ୍ୟ ଏକ ସରକାରୀ ପଦବୀରୁ ▶ପୃଷ୍ଠା-୭

**ଚାପ ଯୋଗୁଁ ପ୍ରଭାବିତ ହୋଇପାରେ ଏସ୍‌ଆଇଆର୍**

# ବିଜେପିରେ 'ପୋଷା ପୁଅ'; ନୂଆପଡ଼ାରେ ବିଭାଜନ

**ଭୁବନେଶ୍ୱର, ୧୨।୧୦ (ସମିସ):** ଘରେ ନ ପଶୁଣୁ ବିଜେପି ନେତାଙ୍କ ମୁଣ୍ଡରେ ଚାଳ ବାଜିଛି। ପରଲୋକଗତ ବିଜେଡି ନେତା ରାଜେନ୍ଦ୍ର ଢ଼ୋଲକିଆଙ୍କ ପୋଷ୍ୟ ପୁତ୍ର ଜୟ ଢୋଲକିଆଙ୍କୁ ଦଳରେ ମିଶାଇ ନୂଆପଡ଼ା ବାଜି ଜିତିବାକୁ ଯୋଜନା କରିଥିବା ବିଜେପିକୁ ଲାଗିଛି ବଡ଼ ଝଟ୍‌କା। ଜୟଙ୍କୁ ଦଳକୁ ଆଣି ଟିକଟ ଦେବା ପ୍ରସଙ୍ଗକୁ ବରିଷ୍ଠ ନେତାମାନେ ପସନ୍ଦ କରୁ ନ ଥିବାବେଳେ ନୂଆପଡ଼ାରୁ ଆଶାୟୀ ଥିବା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମନ୍ତବ୍ୟ ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇଛି। ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ନେତାଙ୍କୁ ଉପେକ୍ଷା କରାଯାଉଥିବା ସଂକ୍ରାନ୍ତରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ପୁଣିଥରେ ସତ୍ୟ ସାବ୍ୟସ୍ତ ହୋଇଛି। ଜୟଙ୍କ ଯୋଗଦାନ ବିଜେପି ପାଇଁ ରାସ୍ତା ସହଜ କରିବା ପରିବର୍ତ୍ତେ ରାସ୍ତା ଅଧିକ ଜଟିଳ କରିଛି। ନୂଆପଡ଼ା ସମେତ ରାଜ୍ୟବ୍ୟାପୀ କର୍ମୀ ମହଲରେ ଏପରି ମିଶ୍ରଣକୁ ନାପସନ୍ଦ କରିଛନ୍ତି।

**ଦଳର ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ କରାଯାଉଛି ଅବହେଳା**

**ବସନ୍ତ ଓ ପୁଅ ଅଭିନନ୍ଦନଙ୍କ ପଦକ୍ଷେପକୁ ନେଇ ଚିନ୍ତାରେ ଦଳ**

**ଦଳୀୟ ପଦକ୍ଷେପକୁ ପ୍ରସନ୍ନ, ଯଦୁମଣିଙ୍କ ସମର୍ଥକଙ୍କ ବିରୋଧ**

ଜୟଙ୍କ ଯୋଗଦାନ ପୂର୍ବରୁ ଶନିବାର ବସନ୍ତ ପଣ୍ଡାଙ୍କ ସହ ଘଣ୍ଟା ଘଣ୍ଟା ଧରି କବାଟ କିଳା ଆଲୋଚନା କରିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମେ ଜୟଙ୍କ ବିଜେପି ଯୋଗଦାନକୁ ପୂରାଜୋରରେ ବିରୋଧ କରିଥିଲେ ବସନ୍ତ। ନିଜ ପୁଅର ଭବିଷ୍ୟତକୁ ନେଇ ବସନ୍ତ ଚିନ୍ତା ପ୍ରକଟ କରିବା ସହ ଏପରି ମିଶ୍ରଣକୁ ସେ ଗ୍ରହଣ କରିପାରିବେ ନାହିଁ ବୋଲି ମନମୋହନ-ମାନସଙ୍କୁ ସଫାସଫା କହିଥିଲେ। ତେବେ ପୁଅଙ୍କୁ ଥଇଥାନ ସଂକ୍ରାନ୍ତରେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ବସନ୍ତ ମିଶ୍ରଣ ସଭାକୁ ଆସିବା ସହ ମଞ୍ଚକୁ ଚଢ଼ିଥିଲେ। ମାତ୍ର ମିଶ୍ରଣ ପର୍ବ ପରେ ବିଭିନ୍ନ ଗଣଣାଧମକୁ ▶ପୃଷ୍ଠା-୭

# ଆଜି ଉତ୍ତର ଓଡ଼ିଶାରୁ ମେଲାଣି ନେବ ମୌସୁମୀ

**ଭୁବନେଶ୍ୱର, ୧୨।୧୦ (ସମିସ):** ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବ। ମୁଖ୍ୟତଃ ଉତ୍ତର ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ। ଗତ ଦୁଇ ଦିନ ହେବ ରାଜ୍ୟରୁ ବର୍ଷାର ପରିମାଣ କମିଯାଇଛି। ଏହାସହିତ ଆଗକୁ ବିଶେଷ ପାଣିପାଗଜନିତ ନିୟାମକ ସକ୍ରିୟ ନ ଥିବାରୁ ବର୍ଷାର ସମ୍ଭାବନା ମଧ୍ୟ କମ୍ ରହିଛି। ତେଣୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଆକାଶ ନିର୍ମଳ ରହିବ। ଦିନବେଳା ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ବାୟୁମଣ୍ଡଳରେ ଜଳୀୟବାଷ୍ପ କମିଯିବା ହେତୁ ତାପମାତ୍ରା ମଧ୍ୟ ହ୍ରାସ ପାଇବ। ଏହି ସମୟରେ ରାତିରେ କାକର ପଡ଼ିବା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୨୩-୨୫ ▶ପୃଷ୍ଠା-୭

**ରାତିରେ ରାଜୁତି କରିବ କୁହୁଡ଼ି ଓ କାକର**

# ଜାଲରେ ପଡ଼ିଲେ ୯୦ଟି ବିରଳ ତେଲିଆ ମାଛ

**କୋଟିଏ ଟଙ୍କାରେ କିଣିନେଲା ଔଷଧ କମ୍ପାନୀ**



**ବାଲେଶ୍ୱର(ଉତ୍ତର), ୧୨।୧୦ (ସମିସ):** ବାଲେଶ୍ୱର ଜିଲ୍ଲା ସୀମାନ୍ତ ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀଙ୍କ ଜାଲରେ ଆଜି ବିରଳ ପ୍ରଜାତିର ତେଲିଆ(ଭୋଲା) ମାଛ ଲାଗିଛି। ଏହାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଦୀଘା ମୁହାଣରେ ଟ୍ରଲର୍ ଲାଗିବା ପରେ ଏହି ପ୍ରଜାତିର ୯୦ଟି ମାଛ ନିକଟସ୍ଥ ବଜାରକୁ ଆସିଥିଲା। ପ୍ରତ୍ୟେକ ମାଛର ଓଜନ ୩୦ରୁ ୩୫ କେଜି ହୋଇଥିଲା ବେଳେ ଏହା ଏକ କୋଟି ଟଙ୍କାରେ ନିଲାମ ହୋଇଥିଲା। କୋଲକାତାର ଏକ ଔଷଧ କମ୍ପାନୀ ଏହାକୁ କିଣି ନେଇଥିବା ଜଣାପଡ଼ିଛି। ଟ୍ରଲର୍‌ରୁ ମାଛଗୁଡ଼ିକ ଆସିବା ପରେ ଏହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସୂଚନାଯୋଗ୍ୟ, ଏହି ମାଛର ଚର୍ବି ଏବଂ ଅନ୍ୟାନ୍ୟ ଅଂଶ ବିଭିନ୍ନ ଜୀବନ ରକ୍ଷାକାରୀ ଔଷଧ ▶ପୃଷ୍ଠା-୭




# ପୁଣି ଥରେ ଉଦାହରଣ ସୃଷ୍ଟିକଲା କେରଳ




**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** କେରଳ ପୁଣି ଥରେ ଦେଶ ତଥା ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆ ପାଇଁ ଉଦାହରଣ ସୃଷ୍ଟି କରିଛି। ସରକାର ଓ ସାମାଜିକ ଭାଗୀଦାରିରେ କେରଳ ପୁଣିଥରେ ଦେଶର ରୋଲ ମଡେଲ ହେବାକୁ ଯାଉଛି। ଦକ୍ଷିଣ ଭାରତର ଏହି ରାଜ୍ୟ ଅତି ଦାରିଦ୍ର୍ୟକୁ ହଟାଇବାରେ ସକ୍ଷମ ହୋଇଛି। ଅବଶ୍ୟ ଆସନ୍ତା ନଭେମ୍ବରରେ ଏ ନେଇ ଆନୁଷ୍ଠାନିକ ଘୋଷଣା ହେବ। ଅତି ଦାରିଦ୍ର୍ୟକୁ ହଟାଇବାରେ କେରଳ ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟର ମାନ୍ୟତା ପାଇବ। ଜାତିସଂଘ ଅନୁସାରେ ଦିନକୁ ୧୫୮.୧୦ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଅତି ଦରିଦ୍ର ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ କହିଛନ୍ତି। କେରଳ ଖାଦ୍ୟ, ଆୟ, ସ୍ୱାସ୍ଥ୍ୟ ଓ ବାସଗୃହକୁ ଆଧାର କରି ବିଭିନ୍ନ ଯୋଜନା କରିଥିଲା ଓ ଏହାକୁ ମାନବୀୟ ଗାରିମାର ଆଖ୍ୟା ଦେଇଥିଲା। ଏହି ପ୍ରକ୍ରିୟାରେ ସାମାଜିକ ସଂଗଠନଗୁଡିକର ତରଫରୁ ଅଭୂତପୂର୍ବ ସହାୟତା ମିଳିଥିଲା। କେରଳରେ ୭୩ ହଜାର

## ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟ ଭାବେ ହଟାଇଲା 'ଅତି ଦାରିଦ୍ର୍ୟ'

ମାଇକ୍ରୋ ଯୋଜନା କରିଥିଲା ଓ ବିଭିନ୍ନ ପରିବାରର ଆବଶ୍ୟକତା ଅନୁଯାୟୀ ସହାୟତା ପ୍ରଦାନ କରାଯାଇଥିଲା। ଏ ନେଇ ଖର୍ଚ୍ଚ ହେଉଥିବା ଅର୍ଥ ଓ ସାହାଯ୍ୟର ହିସାବ ମଧ୍ୟ ରଖାଯାଉଥିଲା। ୪ ବର୍ଷ ମଧ୍ୟରେ କେରଳ ଶେଷରେ ଏହି ଏଥିରେ ସଫଳତା ହାସଲ କରିଥିଲା।

୨୦୨୧ରେ ଲୋକଙ୍କୁ ଅତି ଦାରିଦ୍ୟରୁ ବାହର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏଥିପାଇଁ ୧,୩୦୦ ସର୍ଭେୟରଙ୍କୁ ୧୪ଟି ଜିଲ୍ଲାରେ ନିୟୋଜିତ କରିଥିଲେ। ଯେଉଁ ଲୋକମାନେ ଖାଦ୍ୟ, ସ୍ୱାସ୍ଥ୍ୟ, ଆୟ ଓ ବାସଗୃହର ଅଭାବ ଦେଇ ଗତି କରୁଥିଲେ ସର୍ଭେୟରମାନେ ସେମାନଙ୍କୁ ଚିହ୍ନଟ କରିଥିଲେ। ଏହି ପ୍ରକ୍ରିୟାରେ ୱାର୍ଡ ଓ ବିଭିନ୍ନ ଡିଭିଜନର ଭାଗୀଦାରୀର ନାମାଙ୍କନ, ସବ-କମିଟି ଦ୍ୱାରା ସର୍ଟଲିଷ୍ଟିଂ, ମୋବାଇଲ ଆପ୍ ଦ୍ୱାରା ସାକ୍ଷାତକାର ଓ ଗ୍ରାମସଭା ଦ୍ୱାରା ଫାଇନାଲ ଭେରିଫିକେଶନକୁ ସାମିଲ କରାଯାଇଥିଲା। ଏହି କ୍ରମରେ ୧,୦୩, ୦୯୯ ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୮୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିଲେ। ୨୪ ପ୍ରତିଶତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାଥିଲା। ୨୧ ପ୍ରତିଶତ ଲୋକ ଖାଦ୍ୟାଭାବେ ଦେଇ ଗତି କରୁଥିଲେ। ୧୫ ପ୍ରତିଶତ ଲୋକଙ୍କୁ ପାଖରେ ବାସଗୃହ ନଥିଲା। ଏହାପରେ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। କୋଟିୟମ ଜିଲ୍ଲାରେ ୯୭୮ ମାଇକ୍ରୋ ପ୍ଲାନ ସହ ଏହାର ଶୁଭାରମ୍ଭ କରାଯାଇଥିଲା। ଶେଷରେ ଏହା ପର୍ଯ୍ୟାୟ କ୍ରମେ ସଫଳତା ହାସଲ କରିଥିଲା।

# ପାକ୍-ଆଫଗାନ ସୀମାରେ ଲଢ଼େଇ

## କାବୁଲ ଏୟାର ଷ୍ଟ୍ରାଇକ୍‌ର ପ୍ରତିଶୋଧ ● ୫୮ ପାକ୍ ସୈନ୍ୟଙ୍କୁ ମାରିଲା ତାଲିବାନ



**କାବୁଲ,୧୨।୧୦(ଏଜେନ୍ସି):**

ଆଫଗାନ୍ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଭାରତ ଗସ୍ତରେ ଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ସଂଘର୍ଷ ଚରମ ସୀମାର ପହଞ୍ଚିଛି। ପାକିସ୍ତାନ ବାୟୁସେନା ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିବା ପରେ ଆଫଗାନିସ୍ତାନ ଏହାର ପ୍ରତିଶୋଧ ନେଇଛି। ଏହି କ୍ରମରେ ଆଫଗାନିସ୍ତାନ ଆକ୍ରମଣରେ ପାକିସ୍ତାନର ୫୮ ଜଣ ସୈନ୍ୟ ନିହତ ହୋଇଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି। ଆଫଗାନିସ୍ତାନର ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏ ନେଇ ସୂଚନା ଦେଇଛନ୍ତି। କେବଳ ସେତିକି ନୁହଁ, ଆଫଗାନିସ୍ତାନ ପାକିସ୍ତାନର ୨୫ଟି ସେନା ପୋଷ୍ଟକୁ ମଧ୍ୟ ନିଜ କବ୍‌ଜାକୁ ନେଇଛି। ଆଫଗାନିସ୍ତାନ ଆକ୍ରମଣରେ ୩୦ଜଣ ପାକ୍

### କବ୍‌ଜାରେ ୨୫ ସେନା ପୋଷ୍ଟ

ସୈନ୍ୟ ମଧ୍ୟ ଆହତ ହୋଇଛନ୍ତି। ଅର୍ଦ୍ଧରାତିରେ ଆମର ଅପରେସନ ଶେଷ ହୋଇଛି। ଯଦି ପାକିସ୍ତାନ ପୁଣିଥରେ ଆଫଗାନିସ୍ତାନ ସୀମାର ଉଲ୍ଲଂଘନ କରେ ତେବେ ଆମେ ସେନା ଦେଶର ରକ୍ଷା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ରାଜଧାନୀ କାବୁଲ ଓ ଦେଶର ପୂର୍ବାଞ୍ଚଳର ଏକ ବଜାରରେ ପାକିସ୍ତାନ ବୋମା ଆକ୍ରମଣ କରିଛି ବୋଲି ଆଫଗାନ ଅଧିକାରୀମାନେ ଦାବି କରିଛନ୍ତି। ତେବେ ପାକିସ୍ତାନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ। ପାକିସ୍ତାନ ନିଜ ମାଟିରେ ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କୁ ଶରଣ ଦେଉଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି। ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନ ସମେତ ପୂରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛନ୍ତି ବୋଲି ମୁଜାହିଦ କହିଛନ୍ତି। ପାକିସ୍ତାନ ଏମାନଙ୍କୁ ବାହର କରୁ କିମ୍ବା ଆଫଗାନିସ୍ତାନକୁ ସମର୍ପି ଦେଉ ବୋଲି ସେ କହିଛନ୍ତି। ଆଫଗାନିସ୍ତାନରେ ହେଉଥିବା ଆକ୍ରମଣର ଷଡ଼ଯନ୍ତ୍ର ପାକିସ୍ତାନରେ ହେଉଛି ଓ ଏହାର ପ୍ରମାଣ ଆମ ପାଖରେ ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଭାରତ ଭଳି ଆଫଗାନିସ୍ତାନକୁ କଡ଼ା ଜବାବ ଦିଆଯିବ ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଆଫଗାନିସ୍ତାନ ୬ଟି ଭିନ୍ନ ସ୍ଥାନରେ ଆକ୍ରମଣ କରିଛି ବୋଲି ରେଡିଓ ପାକିସ୍ତାନ ତରଫରୁ କୁହାଯାଇଛି। ଏହି ସଂଘର୍ଷରେ ଆଫଗାନିସ୍ତାନର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦିଆଯାଇଛି ବୋଲି ପାକିସ୍ତାନ ସେନା କହିଛି। ଉଲ୍ଲେଖଥାଉ କି, ୩ ଦିନ ତଳେ ପାକିସ୍ତାନ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଭାରତ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ମୁତ୍ତାକି ପାକିସ୍ତାନକୁ ଏଭଳି ଖେଳିବା ବନ୍ଦ କରୁ ଓ ଆମକୁ ଉତ୍ତେଜିତ ନ କରୁ ବୋଲି କହିଥିଲେ। ସେପଟେ କତାର, ଇରାନ ଓ ସାଉଦି ଆରବ ସଂଯମ ଆଚରଣ ପ୍ରଦର୍ଶନ କରିବାକୁ ଉଭୟ ପାକିସ୍ତାନ ଓ ଆଫଗାନିସ୍ତାନକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ସେନା ଦାବି କରିଛି ଯେ ସେମାନଙ୍କ ଆକ୍ରମଣରେ ଆଫଗାନିସ୍ତାନ ୨୦୦ ତାଲିବାନ ସୈନ୍ୟ ପ୍ରାଣ ହରାଇଛନ୍ତି।

## ତାଲିବାନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆଗରେ ବସିଲେ ମହିଳା

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ରବିବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ମହିଳା ସାମ୍ବାଦିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମହିଳା ସାମ୍ବାଦିକମାନେ ପ୍ରଥମ ଧାଡ଼ିରେ ହିଁ ବସିଥିଲେ। ଏହାପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଡକାଯାଇ ନଥିଲା ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ନ ଡାକିବା ନେଇ ମୁତ୍ତାକି ସଫେଇ ଦେଇଥିଲେ। ସମୟ କମ୍ ଥିବାରୁ ସାମ୍ବାଦିକଙ୍କର ଏକ ଛୋଟିଆ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବୈଷୟିକ ତ୍ରୁଟି ବୋଲି କୁହାଯାଇପାରେ। ଏହା ପଛରେ ଅନ୍ୟ କୌଣସି କାରଣ ନଥିଲା ବୋଲି ମୁତ୍ତାକି ସ୍ପଷ୍ଟ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସେ ମହିଳାଙ୍କ ଶିକ୍ଷା, ଭାରତୀୟ ଦୂତାବାସ ପୁଣି ଆରମ୍ଭ କରିବା, ଭାରତ ସହିତ ବ୍ୟବସାୟ ଓ ବାଣିଜ୍ୟ ନେଇ ସାକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ।

## ଭାରତ- ଆଫଗାନ୍ ବିବୃତିକୁ ପାକିସ୍ତାନର ବିରୋଧ

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଅକ୍ଟୋବର ୧୦ରେ ଭାରତ ଓ ଆଫଗାନିସ୍ତାନ ଦେଇଥିବା ମିଳିତ ବିବୃତିକୁ ପାକିସ୍ତାନ କଡ଼ା ବିରୋଧ କରିଛି। ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ଭାରତ ଗସ୍ତ ଅବସରରେ ନୂଆଦିଲ୍ଲୀରେ ଦୁଇଦେଶ ମିଳିତ ବିବୃତ୍ତି ଦେଇଥିଲେ। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଏହି ବିବୃତି ନେଇ କଡ଼ା ଆପତ୍ତି କରାଯାଇଛି। କାଶ୍ମୀରକୁ ଭାରତ ଅଂଶ ବୋଲି ଏହି ବିବୃତ୍ତିରେ ଦର୍ଶାଯାଇଛି। ଏହା ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବର ଉଲ୍ଲଂଘନ ବୋଲି ପାକିସ୍ତାନ କହିଛି। ଏହି ମିଳିତ ବିବୃତିରେ ଜାମ୍ମୁ-କଶ୍ମୀରରେ ଗତ ଏପ୍ରିଲରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଆଫଗାନିସ୍ତାନ କଡ଼ା ଭାଷାରେ ନିନ୍ଦା କରିଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ। ଦୁଇ ଦେଶ ସବୁ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଏଥିସହ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ବିଶ୍ୱସନୀୟତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ୪ ପିଲାଙ୍କୁ ବିଷ ଦେଇ ମା'ର ଆତ୍ମହତ୍ୟା

**ସିକର,୧୨।୧୦(ଏଜେନ୍ସି):** ରାଜସ୍ଥାନର ସିକରରେ ଗୋଟିଏ ପରିବାରରେ ୪ ପିଲାଙ୍କୁ ବିଷ ଦେଇ ଜଣେ ମା' ଆତ୍ମହତ୍ୟା କରିଛନ୍ତି। ମାଙ୍କ ସହ ୩ ପୁଅ ଓ ଗୋଟିଏ ଝିଅ ଫ୍ଲାଟ୍‌ରେ ବିଷ ଦ୍ୱାରା ଜୀବନ ହାରିଛନ୍ତି। ଘଟଣାସ୍ଥଳରେ ୧୦ଟି ବିଷ ପ୍ୟାକେଟ ଉଦ୍ଧାର କରାଯାଇଛି। ଏଥିମଧ୍ୟରୁ ୮ଟି ବ୍ୟବହୃତ ହୋଇଛି। ସେହିପରି ଏକ ପାନୀୟ ବିଷ ମଧ୍ୟ ମିଳିଛି ବୋଲି ପୁଲିସ କହିଛି। ପତିଙ୍କ ସହ ନ ପଡିବାରୁ କିରଣ ଓରଫ୍ ପିଙ୍କି ଚୌଧୁରୀ ନାମକ ଏହି ମହିଳା ଅଲଗା ରହୁଥିଲେ। ପିଙ୍କିଙ୍କ ବୟସ ୪୦। ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଥିଲେ। ତାଙ୍କ ଫ୍ଲାଟ ଗୋଟିଏ ସପ୍ତାହ ଧରି ବନ୍ଦ ଥିଲା ଓ ସେଠାରୁ ଦୁର୍ଗନ୍ଧ ଆସୁଥିଲା। ଫଳରେ ବିଲ୍ଡିଂରେ ରହୁଥିବା ଅନ୍ୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଏହି ୫ଟି ମୃତଦେହ ଉଦ୍ଧାର କରିଥିଲା ଓ ଏଗୁଡିକ ପଚି ଯାଇଥିଲା। ପିଙ୍କି ଦୁଇଥର ବିବାହ କରିଥିଲେ। ପ୍ରଥମ ପତିଙ୍କୁ ସେ ୨୦୦୬ରେ ପ୍ରେମ ବିବାହ କରିଥିଲେ। କିନ୍ତୁ ୨୦୧୯ରେ ତାଙ୍କୁ ଛାଡ଼ପତ୍ର ଦେଇ ଆଉ ଜଣଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ପତିଙ୍କ ବିରୋଧରେ ସେ ଦୁଷ୍କର୍ମର ଅଭିଯୋଗ ଆଣିଥିଲେ ଓ ତାଙ୍କ ସହ ପିଙ୍କିଙ୍କର କୌଣସି ସମ୍ପର୍କ ନଥିଲା। ପ୍ରଥମ ପତି ଏମାନଙ୍କ ମୃତଦେହ ନେବାକୁ ମନା କରିଥିଲେ।

## ଏୟାର ଇଣ୍ଡିଆକୁ ଆରଏଟିର ଯାଞ୍ଚ ପାଇଁ ଡିଜିସିଏର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ରବିବାର ଏୟାର ଇଣ୍ଡିଆକୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁ ବୋଇଂ ୭୮୭ ବିମାନରେ କିଛିଦିନ ତଳେ ପାୱାର କଣ୍ଡିସନିଂ ମଡ୍ୟୁଲ (ପିସିଏମ୍) ବଦଳାଯାଇଛି, ସେହି ସବୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି)ର ଷ୍ଟୋୱେଜ (ଫିଟିଂ ଆଣ୍ଡ କଣ୍ଡିସନ)ର ଦ୍ୱିତୀୟଥର ପାଇଁ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ଏୟାର ଇଣ୍ଡିଆର ଦୁଇଟି ବୋଇଂ ୭୮୭ ବିମାନରେ ହୋଇଥିବା ବୈଷୟିକ ଘଟଣା ଓ ଏୟାର ଇଣ୍ଡିଆର ସବୁ ୭୮୭ ଡ୍ରିମଲାଇନର ବିମାନଗୁଡିକର ଗ୍ରାଉଣ୍ଡ କରିବା ନେଇ ଫେଡେରେସନ ଅଫ୍ ଇଣ୍ଡିଆନ ପ୍ଲାଇଟ୍ସ (ଏଫ୍‌ଆଇପି)ର ଦାବି ପରେ ଡିଜିସିଏ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଏହି ନିର୍ଦ୍ଦେଶ ଦେଇଛି। ଅମେରିକୀୟ ବିମାନ ନିର୍ମାତା ବୋଇଂ ମଧ୍ୟ ଏହି ଭଳି ଘଟଣାକୁ ରୋକିବାକୁ ଅବଲମ୍ବନ କରିଥିବା ବିଭିନ୍ନ ଉପାୟ ନେଇ ଡିଜିସିଏ ସବିଶେଷ ରିପୋର୍ଟ ତଲବ କରିଛି। ଏହା ବ୍ୟତୀତ ବିଶ୍ୱବ୍ୟାପୀ ବୋଇଂ ୭୮୭ ସିରିଜର ବିମାନରେ ଏହି ଭଳି ଅନକମାଣ୍ଡ ଆରଏଟି ଡିପ୍ଲୟମେଣ୍ଟର ବିଭିନ୍ନ ଘଟଣା ସମ୍ପୂର୍ଣ୍ଣ ତଥ୍ୟ ଡିଜିସିଏ ମାଗିଛି। ପିସିଏମ୍ ମଡ୍ୟୁଲ ବଦଳାଇବା ପରେ ଦେଖାଦେଇଥିବା ସର୍ଭିସ ଡିଫିକଲ୍ଟିର ରିପୋର୍ଟର ସୂଚନା ମଧ୍ୟ ମଗାଯାଇଛି।


## ଅପରେସନ ବ୍ଲୁ-ଷ୍ଟାର୍ ଥିଲା ଭୁଲ୍ ନିଷ୍ପତ୍ତି: ଚିଦାମ୍ବରମ୍

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ଅପରେସସନ ବ୍ଲୁ-ଷ୍ଟାର୍ ନେଇ ଏକ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସେହି କହିଛନ୍ତି ଯେ, '୧୯୮୪ ଜୁନ୍‌ରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ବାହାରକୁ ବାହାର କରିବା ପାଇଁ ଅପରେସନ ବ୍ଲୁ-ଷ୍ଟାର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏହି ନିଷ୍ପତ୍ତି ଭୂଲ୍ ଥିଲା। ଏଥିପାଇଁ ଇନ୍ଦିରା ଗାନ୍ଧୀଙ୍କୁ ଜୀବନ ଦେବାକୁ ପଡ଼ିଥିଲା। କିନ୍ତୁ ଏହି ନିଷ୍ପତ୍ତି କେବଳ ତାଙ୍କର ନଥିଲା। ଏଥିରେ ସେନା, ପୁଲିସ, ଗୁଇନ୍ଦା ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଥିଲେ'। ହିମାଚଳ ପ୍ରଦେଶର କାସାଉଲିରେ ଶନିବାର ଆୟୋଜିତ 'ଖୁସୱନ୍ତ ସିଂହ ଲିଟେରେଚର ଫେଷ୍ଟିଭାଲ୍'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଜଣାଶୁଣା ସାମ୍ବାଦିକ ହରିନ୍ଦର ବାବେଜାଙ୍କ ବହି 'ଦେ ୱିଲ ସୁଟ୍ ୟୁ ମ୍ୟାଡାମ'କୁ ନେଇ ହୋଇଥିବା ଆଲୋଚନାରେ ସେ ବ୍ଲୁ-ଷ୍ଟାର୍ ବିଷୟରେ ଆଲୋକପାତ କରି ଏହି କଥା କହିଥିଲେ। ସ୍ୱର୍ଣ୍ଣ ମନ୍ଦିରକୁ ଫେରି ପାଇବାର ଏହି ପ୍ରକ୍ରିୟା ନିହାତି ଭୁଲ ଥିଲା। ତେବେ ଏଥିପାଇଁ କୌଣସି ସେନା ଅଧିକାରୀଙ୍କୁ ଅପମାନ କରିବାକୁ ଚାହୁଁନାହିଁ ବୋଲି ସେ କହିଥିଲେ। ଅପରେସନ ବ୍ଲୁ-ଷ୍ଟାର୍‌କୁ ନେଇ ଗତ ୬ ମାସ ମଧ୍ୟରେ ଦ୍ୱିତୀୟଥର ପାଇଁ ବଡ଼ ମନ୍ତବ୍ୟ ଦିଆଯାଇଛି। ଏହା ପୂର୍ବରୁ ଗତ ମେ ୪ରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲଙ୍କ ଗାନ୍ଧୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଅପରେସନ ବ୍ଲୁ-ଷ୍ଟାର୍ ଏକ ଭୁଲ ବୋଲି ସ୍ୱୀକାର କରିଥିଲେ। ୮୦ ଦଶକରେ ଯେଉଁ ତ୍ରୁଟି ହୋଇଥିଲା ତା'କୁ ସ୍ୱୀକାର କରିବାକୁ ରାଜି ଅଛି ବୋଲି ସେ କହିଥିଲେ। ଅପରେସନ ବ୍ଲୁ-ଷ୍ଟାର୍ ପରେ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ ଦେହରକ୍ଷୀମାନେ ଗୁଳିକରି ହତ୍ୟା କରିଥିଲେ। ଏହାପରେ ସାରା ଭାରତରେ ଶିଖ ବିରୋଧୀ ଦଙ୍ଗା ହୋଇଥିଲା ଓ ଏଥିରେ ୩,୦୦୦ ଶିଖଙ୍କୁ ହତ୍ୟା କରାଯାଇଥିଲା।


'ଏଥିପାଇଁ ଇନ୍ଦିରାଙ୍କୁ ଜୀବନ ଦେବାକୁ ପଡ଼ିଥିଲା'

## ବର୍ଦ୍ଧମାନ ଷ୍ଟେସନରେ ଦଳାଚକଟା: ୧୨ ଆହତ

**କୋଲକାତା,୧୨।୧୦(ଏଜେନ୍ସି):** ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳ ଷ୍ଟେସନରେ ରବିବାର ସନ୍ଧ୍ୟାରେ ହୋଇଥିବା ଦଳାଚକଟାରେ ଅତିକମ୍‌ରେ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ୪, ୬ ଓ ୭ ନଂ ପ୍ଲାଟ୍‌ଫର୍ମରେ ଏକାସଙ୍ଗେ ୩ଟି ଟ୍ରେନ୍ ଛିଡ଼ା ହୋଇଥିଲା। ନିଜ ଟ୍ରେନ୍ ଧରିବାକୁ ୩ଟି ଟ୍ରେନ୍‌ର ଯାତ୍ରୀ ଫୁଟ୍ ଓଭର ବ୍ରିଜ୍‌ରେ ଦୌଡ଼ିବାକୁ ଲାଗିଥିଲେ। ଫଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଓ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଶେଷରେ ଏହା ଦଳଚକଟାର ରୂପ ନେଇଥିଲା। ଆହତଙ୍କୁ ରେଳବାଇର ଉଦ୍ଧାରକାରୀ ଦଳ ବର୍ଦ୍ଧମାନ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି ଘଟଣା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିଛିବର୍ଷ ତଳେ ଏହି ଷ୍ଟେସନରେ ଏକ ପାଣି ଟାଙ୍କି ଭୁଶୁଡିବା ଫଳରେ ଏକାଧିକ ଲୋକ ମୃତ୍ୟୁବରଣ କରିଥିଲେ।



## ଦିଲ୍ଲୀ ଜୈନ ମନ୍ଦିରରୁ ୪୦ ଲକ୍ଷ ଟଙ୍କାର ସୁନା କଳସ ଚୋରି

**ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି):** ଉତ୍ତରପୂର୍ବ ଦିଲ୍ଲୀର ଜ୍ୟୋତିନଗରରେ ଜୈନ ମନ୍ଦିରରୁ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି। ସୁନା ପ୍ଲେଟ ଦିଆଯାଇଥିବା ୪୦ ଲକ୍ଷ ଟଙ୍କାର ଏକ କଳସ ମନ୍ଦିରରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଲୋକ ଯେତେବେଳେ କର୍ବାଚୌଥର ବ୍ରତ ପାଳନ କରୁଥିଲେ ସେତେବେଳେ ମନ୍ଦିରର କଳସ ଚୋରି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଏହି କଳସର ଓଜନ ୨୫ରୁ ୩୦ କେଜି ଥିଲା। ମନ୍ଦିରର ଶିଖରରେ ଥିବା ୪୦ ଲକ୍ଷ ଟଙ୍କାର ଏହି କଳସ ଚୋରି ହୋଇଛି ବୋଲି ପୁଲିସ କହିଛି। ତମ୍ବାରେ ତିଆରି ଏହି କଳସ ସୁନା ଦ୍ୱାରା ଆଚ୍ଛାଦିତ ହୋଇଥିଲା। ପୂର୍ବରୁ ମଧ୍ୟ ଲାଲକିଲ୍ଲା ନିକଟରେ ଏକ ଜୈନ ଧାର୍ମିକ ସମାରୋହରେ ପାଖାପାଖି ଏକ କୋଟି ଟଙ୍କା ମୂଲ୍ୟର ଜିନିଷ ଚୋରି ହେବା ଘଟଣା ସାମ୍ନାକୁ ଆସିଥିଲା। ଏହାର କିଛି ଦିନ ପରେ ହିଁ ଏହି ଘଟଣା ଘଟିଛି ବୋଲି ପୁଲିସ କହିଛି। ଜଣେ ବ୍ୟକ୍ତି ବିଜୁଳି ତାରକୁ ବ୍ୟବହାର କରି ମନ୍ଦିର ଛାତ ଉପରେ ଚଢ଼ିବା ପରେ ଶିଖରରେ ପହଞ୍ଚିଥିଲେ ଓ କଳସକୁ ନେଇ ପଳାଇଯାଇଥିଲେ। ଶନିବାର ସକାଳେ ଶିଖରରେ କଳସକୁ ଦେଖିବାକୁ ନ ପାଇବାରୁ ଲୋକେ ମନ୍ଦିର ପ୍ରଶାସନକୁ ସୂଚନା ଦେଇଥିଲେ। ରାତି ୧୧.୪୫ରେ ଜଣେ ଯୁବକ ମନ୍ଦିର ବାହାରେ ବୁଲୁଥିବାର ସିସିଟିଭି କ୍ୟାମେରାରେ ଦେଖାଯାଇଥିଲା। ସେ ଉପରକୁ ଚଢ଼ି କଳସ ନେଇଯାଇଛି ବୋଲି ପୁଲିସ କହିଛି। ଏବେ ଏହି ଘଟଣା ନେଇ ମାମଲା ରୁଜୁ କରାଯାଇଛି।

# ଆଜି ମୁକ୍ତ ହେବେ ଇସ୍ରାଏଲ ପଣବନ୍ଦୀ; ଶାନ୍ତି ଚୁକ୍ତି ବୈଠକରେ ଟ୍ରମ୍ପ ଉପସ୍ଥିତ



**ଗାଜା,୧୨।୧୦(ଏଜେନ୍ସି):**

ଗାଜା ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଅନୁସାରେ ସୋମବାର ସକାଳେ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହିକ୍ରମେ ୨୦ ଜୀବିତ ବ୍ୟକ୍ତି ଓ ୨୮ଟି ମୃତଦେହ ହମାସ ତରଫରୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରାଯିବ। ଅନ୍ୟପଟେ ଇସ୍ରାଏଲ ଗାଜାରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏହାପରେ ପଣବନ୍ଦୀଙ୍କୁ ଫେରାଇବା ପାଇଁ ହାମାସକୁ ୭୨ ଘଣ୍ଟା ସମୟ ଦିଆଯାଇଛି। ଇସ୍ରାଏଲ ମଧ୍ୟ ୨,୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିବ। ଏହି ପ୍ରକ୍ରିୟାକୁ ଅନ୍ତର୍ଜାତୀୟ ରେଡକ୍ରସ୍ ତଦାରଖ କରିବ ବୋଲି କୁହାଯାଇଛି। ଯଦି ସ୍ଥିତି ଅନୁକୂଳ ହୁଏ, ତେବେ ରବିବାର ରାତିରୁ ପଣବନ୍ଦୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଇଛି।

ପୁଣି ସୋମବାର ଇଜିପ୍ଟରେ ଗାଜା ଯୁଦ୍ଧ ସମାପ୍ତ କରିବା ଚୁକ୍ତି ନେଇ ଚର୍ଚ୍ଚା ହେବ। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଶ୍ୱର ୨୦ରୁ ଅଧିକ ନେତା ଅଂଶଗ୍ରହଣ କରିବେ। କିନ୍ତୁ ସୋମବାର ହେବାକୁ ଥିବା ଗାଜା ଶାନ୍ତି ଚୁକ୍ତିର ଆନୁଷ୍ଠାନିକ ସମାରୋହରେ ସାମିଲ ହେବାକୁ ହମାସ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଯୋଜନାରେ କିଛି ଅଂଶ ସହ ଆମେ ସହମତ ନୁହଁ ବୋଲି ହମାସର ବରିଷ୍ଠ ନେତା ହୋସାମ ବଡ୍ରାନ୍ କହିଛନ୍ତି। ଇଜିପ୍ଟରେ ଆୟୋଜନ ହେବାକୁ ଥିବା ଶାନ୍ତି ଚୁକ୍ତିରେ ଭାରତ ପକ୍ଷରୁ ବୈଦେଶିକ ରାଜ୍ୟମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ସାମିଲ ହେବେ। ଏହି ଶାନ୍ତି ଚୁକ୍ତି ବୈଠକ ଲୋହିତ ସାଗରର ମନୋରମ ରିସୋର୍ଟ ଶର୍ମ-ଅଲ ଶେଖରେ ଆୟୋଜନ ହେବ। ଏଥିରେ ଯୋଗଦେବାକୁ ଆମେରିକା ସ୍ପେନ୍, ଜାପାନ, ଆଜରବୈଜାନ, ହଙ୍ଗେରୀ, ଅଲସାଲଭାଡୋର, ସାଇପ୍ରସ, ଗ୍ରୀସ୍, ବାହରିନ, କୁଏତ ଓ କାନାଡ଼ା ସମେତ ଅନ୍ୟ ଦେଶଗୁଡିକର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛି। ସୋମବାର ଟ୍ରମ୍ପ ଇସ୍ରାଏଲ ପହଞ୍ଚି ସଂସଦ ନେସେଟ୍‌କୁ ସମ୍ବୋଧିତ କରିବେ। ବନ୍ଦକଙ୍କୁ ମୁକ୍ତି କରିବାର ପ୍ରକ୍ରିୟା ଅବସରରେ ସେ ଇସ୍ରାଏଲରେ ରହିବେ ଓ ସେ ସବୁ ପଣବନ୍ଦୀଙ୍କୁ ଭେଟିବେ ବୋଲି ଅନୁମାନ କରାଯାଉଛି।

# ପୀତବାସଙ୍କ ମୋବାଇଲରୁ ଖୋଲୁଛି ସାଂଘାତିକ ରହସ୍ୟ!

ବ୍ରହ୍ମପୁର,୧୨।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୭ ଦିନ ବିତିବାକୁ ବସିଥିଲେ ହେଁ ଏଯାଏ ପୁଲିସ ହାତରେ ସେମିତି କିଛି ଠୋସ୍ ସୁରାକ୍ ଲାଗିନାହିଁ। କିଏ ଓ କାହିଁକି ହତ୍ୟା କଲା, ତା'ର ଖିଅ ପାଉନି ପୁଲିସ। ଅନ୍ଧାରରେ ବାଡ଼ି ବୁଲାଇବା ଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏପରିସ୍ଥଳେ, ପୁଲିସ ହେପାଜତରେ ଥିବା ପୀତବାସଙ୍କ ଦୁଇଟି ମୋବାଇଲରୁ କିଛି ସାଂଘାତିକ ରହସ୍ୟ ପୁଲିସକୁ ମିଳିଛି। ଏକାଧିକ ମହିଳା ବନ୍ଧୁଙ୍କ ସହ ସମ୍ପର୍କ ଓ ସେମାନଙ୍କ ମଧ୍ୟରେ ତିକ୍ତତା ହତ୍ୟାର ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି। କଲ୍-ଡିଟେଲ୍ସ-ରିପୋର୍ଟ (ସିଡିଆର୍) ଆଧାରରେ ପୁଲିସ ୨ଜଣ ମହିଳାଙ୍କୁ ପଚରାଉଚରା କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆଗକୁ ଅନ୍ୟମାନଙ୍କୁ ମଧ୍ୟ ପଚରାଉଚରା କରାଯାଇପାରେ। ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ପୁଲିସ ସାମାନ୍ୟତମ କୌଣସି ସୁରାକ୍‌କୁ ହାତଛଡ଼ା କରିବାକୁ ଚାହୁଁନାହିଁ।



ସିସିଟିଭି ଫୁଟେଜ୍ ଆଧାରରେ ସନ୍ଦିଗ୍ଧଙ୍କ ନିକଟତର ହେବାକୁ ପୁଲିସ ପ୍ରୟାସ ଜାରି ରଖିଥିବା ବେଳେ ପୀତବାସଙ୍କ ସଂସ୍ପର୍ଶରେ ରହୁଥିବା ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କଠାରୁ ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। ସେଥିମଧ୍ୟରେ ପୀତବାସଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ସମେତ ଏକାଧିକ ଆଇନଜୀବୀ ମଧ୍ୟ ଅନ୍ତର୍ଭୁକ୍ତ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ପଚରାଉଚରା କରାଯାଉଛି। ସେହିଭଳି, ଘଟଣା ଦିନ ଉପସ୍ଥିତ ଥିବା ତଥା ପୀତବାସଙ୍କୁ ହସ୍ପିଟାଲକୁ ନେଇଥିବା ଯୁବକ ଓ ଭିଡିଓ ଉତ୍ତୋଳନ କରିଥିବା ସାମ୍ବାଦିକଙ୍କୁ ମଧ୍ୟ ଏକାନ୍ତରେ ପଚରାଉଚରା କରିଥିବା ଜଣାପଡ଼ିଛି।

- ସମ୍ପର୍କ ଓ ତିକ୍ତତାର କାରଣ ଖୋଜୁଛି ପୁଲିସ, ୨ ଜଣଙ୍କୁ ଜେରା
- ତାଲିକାରେ ଘନିଷ୍ଠ ସହଯୋଗୀ, ସାମ୍ବାଦିକ, ଆଇନଜୀବୀ
- ମୁକୁଳିଲେ ଅଟକ ଦୁଇ ଯବାନ, ପରିବାର ଲୋକେ ଆଶ୍ୱସ୍ତ

ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ଘର ଓ କ୍ରସର ଓ ତତ୍‌ସଂଲଗ୍ନ ଜମି ତାଙ୍କ ଅଗୋଚରରେ ହଡ଼ପ ହୋଇଥିବା ଭଳି ନୂଆ ତଥ୍ୟ ପଦାକୁ ଆସୁଛି। ଏହାକୁ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି।

ଅପରପକ୍ଷେ, ପୁଲିସ କବ୍‌ଜାରେ ଅଟକ ୨ ଯବାନଙ୍କୁ ସନ୍ଦେହ ଦୂର ପରେ ଛାଡ଼ି ଦିଆଯାଇଛି। ଯବାନଦ୍ୱୟ ଦୁଇ ବନ୍ଧୁ ଏବଂ ସେମାନେ କୁମାର ପୂର୍ଣ୍ଣିମା ଅବସରରେ ତାସ୍ ଖେଳିବାକୁ ଏକାଠି ହୋଇଥିଲେ। ପ୍ରଥମେ ସେମାନେ ଖାଇବା ଆଣିବାକୁ ନନ୍ଦନ ହୋଟେଲକୁ ଯାଇଥିଲେ। କିନ୍ତୁ ସେତେବେଳକୁ ସେଠାରେ ପାର୍ସଲ ବ୍ୟବସ୍ଥା ବନ୍ଦ ହୋଇସାରିଥିଲା। ପରେ ସେମାନେ ଭୂପତି ହୋଟେଲକୁ ଯାଇଥିଲେ। ସେମାନଙ୍କ ସମ୍ମୁଖରେ ପୀତବାସ ନିଜ ବାଇକ୍‌ରେ ଯାଉଥିଲେ। ଯାହା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଯବାନଙ୍କ ଗାଡ଼ି ପୀତବାସଙ୍କୁ ପିଛା କରୁଥିବା ଭଳି ଭ୍ରମ ସୃଷ୍ଟି କରିଥିଲା। ପରେ ସମସ୍ତେ ଭୂପତି ହୋଟେଲକୁ ଯାଇ ସେଠାରୁ ଖାଦ୍ୟ ପାର୍ସଲ ନେଇଥିଲେ। ସେଠାରେ ପୁଣି ସମସ୍ତଙ୍କ ଫୁଟେଜ ସିସିଟିଭିରେ କଏଦ୍ ହୋଇଥିଲା। ଏହାକୁ ପୁଲିସ ତଦନ୍ତ ବେଳେ ସନ୍ଦେହ କରିଥିଲା। ତେବେ, ଘଟଣା ସହ କାହାରି କୌଣସି ପ୍ରକାରର ସମ୍ପର୍କ ନଥିଲେ ହେଁ ହତ୍ୟାକାଣ୍ଡ ଭଳି ଘଟଣାରେ ସମସ୍ତଙ୍କୁ ଅଟକ ରଖାଯାଇଥିବାରୁ ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ସେପଟେ କାଳେ ତାସ ଖେଳ କଥା ପଦାରେ ପଡ଼ିଯିବ, ସେନେଇ ମଧ୍ୟ ଯବାନଦ୍ୱୟ ବିବ୍ରତ ହୋଇପଡ଼ିଥିଲେ। ଜେରା ବେଳେ ପୁଲିସକୁ ବାରମ୍ବାର ମିଥ୍ୟା ତଥ୍ୟ ଦେଇ ଅଯଥାରେ ହରଡ଼ଘଣାରେ ପଡ଼ିଥିଲେ। ସନ୍ଦେହ ଦୂର ହେବା ପରେ ଉଭୟେ ମୁକୁଳିବା ସହ ଆଶ୍ୱସ୍ତ ହୋଇଛନ୍ତି।

### ସପ୍ତାହକ ପରେ ବିଜେପି ପକ୍ଷରୁ ଶୋକସଭା

# ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ବ୍ରହ୍ମପୁର, ୧୨।୧୦ (ସମିସ): ବିଳମ୍ବରେ ହେଲେ ପଛେ, ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କ ଦେହାନ୍ତରେ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହିଲପାଟଣାସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀଙ୍କ ସହ ବହୁ ଆଇନଜୀବୀ ସାମିଲ ହୋଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରି ସ୍ମୃତିଚାରଣ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ତେବେ ଏହି ସଭାରେ ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି।

ସ୍ମୃତିସଭାରେ ଓକିଲାତି ପେସାରେ ପୀତବାସଙ୍କ ଗୁରୁତୁଲ୍ୟ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ ଚକ୍ରାନ୍ତକାରୀଙ୍କୁ ଅଭିଶାପ ଦେଇଥିଲେ। ଯେଉଁମାନେ ସିଧାସଳଖ ହତ୍ୟାକାଣ୍ଡରେ ଜଡ଼ିତ, ସେମାନେ କେବଳ ମୋହରା। ତେଣୁ, ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି।

ସେପଟେ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତିଙ୍କ ଅପରିପକ୍ୱ ବକ୍ତବ୍ୟ ଉପସ୍ଥିତ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଥିଲ। କାହ୍ନୁ କହିଥିଲେ ଯେ ପୀତବାସଙ୍କୁ ହତ୍ୟା ପାଇଁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଗତ ୨୬



- ଷଡ଼ଯନ୍ତ୍ରକାରୀଙ୍କୁ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀଙ୍କ ଅଭିଶାପ
- କାହ୍ନୁଙ୍କ ଅପରିପକ୍ୱ ମନ୍ତବ୍ୟକୁ ନେଇ ଅସନ୍ତୋଷ
- ସ୍ମୃତିଚାରଣ କଲେ ଦଳୀୟ ନେତା, ବିଧାୟକ ଓ ଆଇନଜୀବୀ;
- ସମସ୍ତଙ୍କର ଗୋଟିଏ ଦାବି; 'ମୋହରା'ଙ୍କୁ ନୁହେଁ, ପ୍ରକୃତ ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ହେଉ ଦୃଢ଼ କାର୍ଯ୍ୟାନୁଷ୍ଠାନ

ତାରିଖରୁ ପୀତବାସଙ୍କୁ ପିଛା କରାଯାଇ ଶେଷରେ ୬ ତାରିଖ ରାତିରେ ହତ୍ୟା କରାଯାଇଥିଲା। କେବଳ ସେତିକି ନୁହେଁ, ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପଡ଼ୋଶୀ ଆନ୍ଧ୍ରରୁ ଆସିଥିଲା। ଏଥିରେ ପୂର୍ବର ଏକ ହତ୍ୟାକାଣ୍ଡରୁ ଖସି ଯାଇଥିବା ଅଭିଯୁକ୍ତଙ୍କ ସମ୍ପୃକ୍ତି ଅଛି। ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୀତବାସଙ୍କ ନିକଟରେ ଥିବାରୁ ସେଗୁଡ଼ିକୁ ହାସଲ କରିବାକୁ ଏହି ହତ୍ୟାକାଣ୍ଡ କରାଯାଇଥିବା ବେଳେ ହତ୍ୟାକାରୀମାନେ ପୀତବାସଙ୍କଠାରୁ ଉକ୍ତ ତଥ୍ୟ ଛଡ଼ାଇ ନେଇଥିବା କାହ୍ନୁ ଶୋକସଭାରେ ଓ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଗୋଟିଏପଟେ, ଏକ ସମ୍ବେଦନଶୀଳ ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବା ବେଳେ କାହ୍ନୁଙ୍କ ଭଳି ବରିଷ୍ଠ ରାଜନେତାଙ୍କ ଏଭଳି ମନ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଖୋଦ୍ ବିଜେପିର କେତେକ ନେତା।

ପୀତବାସଙ୍କ ସ୍ମୃତିରେ ଦଳ ପକ୍ଷରୁ ଶୋକସଭାର ଆୟୋଜନରେ ବିଳମ୍ବ ହୋଇଥିଲେ ହେଁ ରବିବାର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି ଜିଲ୍ଲା ସଭାପତି ସରୋଜ ସାବତ। ଅନ୍ୟମାନଙ୍କ ମଧ୍ୟରେ ଟି. ଗୋପୀ, ସୁନୀଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପରେଶ ଚନ୍ଦ୍ର ରଥ, ରାମକୁମାର ପାତ୍ର, ପଦ୍ମଚରଣ ସାହୁ, ଏସ୍. ରାଣୀ, ବାଳକୃଷ୍ଣ ସାମନ୍ତରାୟ, ଅଶୋକ କୁମାର ଶୁକ୍ଳା, ବନମାଳୀ ସେଠୀ, ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ଚିନ୍ମୟାନନ୍ଦ ମହନ୍ତ, କର୍ପୋରେଟର୍ ନିତା ସାହୁ, ବିଷ୍ଣୁ ସୁବୁଦ୍ଧି, କୁଞ୍ଜବିହାରୀ ପଣ୍ଡାଙ୍କ ସମେତ ବହୁ ନେତା କର୍ମୀ ଉପସ୍ଥିତ ଥିଲେ।

# ସୂଚନା ଅଧିକାର ଆଇନକୁ ପଙ୍ଗୁ କରୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, ୧୨।୧୦ (ସମିସ): ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ। ସରକାରଙ୍କ କାର୍ଯ୍ୟ ପଦ୍ଧତିରେ ସ୍ୱଚ୍ଛତା ଆସିବା ସହ ସରକାରଙ୍କ ଉତ୍ତରଦାୟିତ୍ୱ ବଢ଼ିବା ଲକ୍ଷ୍ୟ ନେଇ ୟୁପିଏ ସରକାର ଏହି ଆଇନ ପ୍ରଣୟନ କରିଥିଲେ। ମାତ୍ର ବର୍ତ୍ତମାନର ବିଜେପି ସରକାର ଏହାକୁ ପଙ୍ଗୁ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ସୂଚନା ଅଧିକାର ଆଇନର ୨୦ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଏହା କହିଛନ୍ତି।



ଭକ୍ତ କହିଛନ୍ତି, ୟୁପିଏ ସରକାର ଅମଳରେ ୨୦୦୫ମସିହାରେ ଆର୍‌ଟିଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା। କିନ୍ତୁ, ବିଜେପି ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କାଟି ଚାଲିଛି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି ଯେ ବର୍ତ୍ତମାନ ସୂଚନା ଆଇନ ଅନ୍ତର୍ଗତ ୨୩ଲକ୍ଷମାମଲା ଏବଂ ୪ଲକ୍ଷଅପିଲ ବିନା ଫୈସଲାରେ ପଡ଼ି ରହିଛି। କେନ୍ଦ୍ରୀୟ ସୂଚନା କମିଶନ ଓଡ଼ିଶାର କମିଶନରେ ଠିକ୍ ଭାବରେ ନିଯୁକ୍ତି ମଧ୍ୟ କରୁନାହାନ୍ତି। ମୋଟାମୋଟି ବିଜେପି ସରକାର ଉକ୍ତ ଆଇନକୁ ଅକାମୀ କରିବାରେ ଲାଗିଛନ୍ତି ବୋଲି ଶ୍ରୀ ରାୟ ମତବ୍ୟକ୍ତ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ସୂଚନା ଆଇନ ସଂଶୋଧନ ଫଳରେ ଓଡ଼ିଶା ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ବର୍ଷକୁ ୬ହଜାର ଆବେଦନ ନାକଚ କରିଦିଆଗଲା ଏବଂ କୈଫିୟତ ଦିଆଗଲା ଯେ ତଥ୍ୟ ମାଗିଲା ବେଳେ କୌଣସି ସ୍ପଷ୍ଟତା ନାହିଁ। ଆଇନକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନିଆନଯିବା ଯୋଗୁଁ ସାଧାରଣ ଜନତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେବା ସହ ସୂଚନା କର୍ମୀ ହତ୍ୟାର ଶିକାର ହେଉଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ଭଇଁଷା ପୁରୁଣା ଡାକ୍ତରଖାନାରୁ ୩ଟି କଙ୍କାଳ ଠାବ

ପାଟଣାଗଡ଼, ୧୨।୧୦(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗାଁର ପୁରୁଣା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ କୋଠାର ୱାସ୍‌ରୁମରୁ ରବିବାର ୩ଟି କଙ୍କାଳ ଠାବ ହୋଇଛି। ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏ ସମ୍ପର୍କରେ ପାଟଣାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

୬ବର୍ଷ ହେଲା ବନ୍ଦ ପଡ଼ିଥିବା ଭଇଁଷା ଗାଁର ଏହି ପୁରୁଣା ଗୋଷ୍ଠୀ

- ପୁଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ
- ପାଖରେ ପଡିଛି ମାଙ୍କଡ଼ ବାଳ ଓ ଲାଞ୍ଜ

ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ ୱାସ୍‌ରୁମ୍ ଭିତରେ ୩ଟି କଙ୍କାଳ ପଡ଼ିଥିବା ଜଣେ ବ୍ୟକ୍ତି ଦେଖିବା ପରେ ପ୍ରଥମେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଅବଗତ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରିଥିଲେ। ତେବେ କଙ୍କାଳର ଆଖପାଖ ସ୍ଥାନରେ ମାଙ୍କଡ଼ର ବାଳ ଓ ଲାଞ୍ଜ ପଡ଼ିଥିବାରୁ ତାହା ମାଙ୍କଡ଼ର କଙ୍କାଳ ବୋଲି ଅନୁମାନ କରାଯାଉଛି। ତେବେ ଏହି ପରିତ୍ୟକ୍ତ ୱାସ୍‌ରୁମ ଭିତରେ କେବେଠାରୁ ଏହି କଙ୍କାଳ ପଡ଼ିଛି, ଯଦି ଏହା ମାଙ୍କଡ଼ର କଙ୍କାଳ, ତେବେ ତାହା ଏହି ପରିତ୍ୟକ୍ତ ୱାସରୁମ ଭିତରକୁ କିଭଳି ଆସିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବାଲି ଚାଲାଣକୁ ବିରୋଧ କରିବାରୁ ମାଡ଼

ସାରସକଣା, ୧୨।୧୦ (ସମିସ): ବେଆଇନ ବାଲିଚାଲାଣକୁ ବିରୋଧ କରିବାରୁ ଯୁବକଙ୍କୁ ମାଡ଼। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍ ଜାମଶୋଳାଠାରେ ଏଭଳି ଘଟଣା ଘଟିଛି।



ଝାରପୋଖରିଆ ଥାନା ଅଧୀନ ଜାମଶୋଳାଠାରେ ଦିନକୁ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ବେଆଇନ ବାଲି ଘାଟରୁ ଶହଶହ ଟ୍ରକ୍ ବାଲି ଉଠୁଛି। ଏନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବିରୋଧ କରି ଗତକାଲି ବିଳମ୍ବିତ ରାତିରେ ବାଲି ଚୋରାଚାଲାଣ ହେଉଥିବା ସମୟରେ ଏକ ହାଇୱାକୁ ଅଟକାଇଥିଲେ। କିନ୍ତୁ ବାଲିମାଫିଆମାନେ ସେମାନଙ୍କୁ ମାଡ଼ ମାରି ହାଇୱା ନେଇ ପଳାଇବାରୁ ଯୁବକଜଣଙ୍କ ପୁଲିସକୁ ଖବର ଦେଇଥିଲେ। ତେବେ ମାଡ଼ ମାରିଥବା ଯୁବକଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଅଭିଯୋଗ କରିଥିବା ଯୁବକ ବିକାଶ ରଞ୍ଜନ ସାହୁଙ୍କୁ ଥାନାକୁ ନେଇ ଯାଇଥିଲା। ପୁଲିସର ଏପରି ନିଷ୍କ୍ରିୟତା ଯୋଗୁଁ ଶାନ୍ତ ଝାରପୋଖରିଆ ଅପରାଧପ୍ରବଣ ହୋଇପଡ଼ିଲାଣି। ପୁଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନର ବିଜୁ ଜନତା ଦଳ ଥାନା ଘେରଉ କରିବ ବୋଲି କହିଛନ୍ତି ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି।

ସୂଚନାଯୋଗ୍ୟ, ଜାମଶୋଳାଠାରେ ବାଲିମାଫିଆଙ୍କ ଉତ୍ପାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ଶହଶହ ଟ୍ରକ୍ ବାଲି ଚୋରାରେ ଚାଲାଣ କରୁଛନ୍ତି। ନଦୀକୂଳିଆ ଗ୍ରାମବାସୀ ବିରୋଧ କଲେ, ସେମାନଙ୍କୁ ନାଲିଆଖି ଦେଖାଉଛନ୍ତି। ଏପରିକି, ବୋମା ପକାଇ ଜୀବନରୁ ମାରିବା ପାଇଁ ମଧ୍ୟ ଧମକ ଦେଉଛନ୍ତି।

### ■ ସରକାରଙ୍କ ନିକଟରେ 'ପିଷ୍ଟା'ର ଦାବି

# ଅଣଶିକ୍ଷା କାର୍ଯ୍ୟରୁ ଶିକ୍ଷକଙ୍କୁ ମୁକ୍ତ କର

ଭୁବନେଶ୍ୱର,୧୨।୧୦(ସମିସ): ପ୍ରାଥମିକ ଶିକ୍ଷକଙ୍କୁ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଉଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ବେଳେ ଅଣଶିକ୍ଷା କାର୍ଯ୍ୟକ୍ରମଶିକ୍ଷାଦାନକୁବ୍ୟାପକପ୍ରଭାବିତକରୁଛି। ଫଳରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ସମ୍ପ୍ରତି ଉଲ୍ଲାସ ପୋର୍ଟାଲରେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସ୍ୱାକ୍ଷରତା ଓ ପାଠପଢ଼ା ବିଷୟରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ଶିକ୍ଷକଙ୍କୁ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଖରାଛୁଟି ପରେ ଦୀର୍ଘ ୪ମାସ ହେଲା ଠିକ୍ ଭାବେ ପାଠପଢ଼ା ହେଉନଥିବା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷକଙ୍କୁ ବହୁତ ଅଣଶିକ୍ଷା କାର୍ଯ୍ୟ ଦିଆଯାଉଥିବାରୁ ସେମାନେ ଶିକ୍ଷାଦାନ ପାଇଁ ସମୟ ପାଉ ନାହାନ୍ତି। ସ୍ୱଳ୍ପ ଶିକ୍ଷକରେ ଶିକ୍ଷାଦାନ କରୁଥିବା ବେଳେ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସେମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଏବେ ପୁଣି ଉଲ୍ଲାସ ପୋର୍ଟାଲରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ କେତେବେଳେ ଉଲ୍ଲାସ ସର୍ଭେ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି, ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ନାହିଁ, କେବଳ ଅଣଶିକ୍ଷା କାର୍ଯ୍ୟ କରି ତା'ର ଫଟୋ ଉପରିସ୍ଥ ଅଧିକାରୀଙ୍କୁ ଦେବାରେ ସମୟ ଅପଚୟ ହେଉଛି। ଶିକ୍ଷା ଅଧିକାର ନିୟମ -୨୦୦୯ ଓ ଅଧିନିୟମ -୨୦୧୦ ଧାରା ୨୭ର ଏହା ଉଲ୍ଲଂଘନ ଦର୍ଶାଇବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟାରେ ନିୟୋଜିତ କରିବା ଯୋଗୁଁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଦୁର୍ବଳ ହେଉଛି ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି। ଉଲ୍ଲାସ ସର୍ଭେରୁ ଶିକ୍ଷକଙ୍କୁ ବାଦ୍ ଦେବା ପାଇଁ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଦାବି କରିଛନ୍ତି।

# କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ?

ପୁରୀ, ୧୨।୧୦ (ସମିସ): ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଠନ ହୋଇଛି। ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହେବାର ପାଖାପାଖି ବର୍ଷେ ପରେ ନୂଆ କମିଟି ଗଠନ କରାଯାଇଛି। ହେଲେ, ଗତ କମିଟି ନେଇଥିବା ଅନେକଗୁଡ଼ିଏ ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସେଥିମଧ୍ୟରୁ ସେବାୟତଙ୍କ ପାଇଁ ଘର ଏବଂ ଶ୍ରୀମନ୍ଦିର ଆଦର୍ଶନ ଗୁରୁକୁଳ ଅନ୍ୟତମ। ସେବାୟତଙ୍କ ଜୀବନଜୀବିକା ପାଇଁ ଏହି ଦୁଇ ପ୍ରସ୍ତାବ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ନୂଆ କମିଟି ପ୍ରଥମ ବୈଠକରେ ଏହା ଉପରେ ବିଧିବଦ୍ଧ ଭାବେ ଆଲୋଚନା ହୋଇନାହିଁ। ପ୍ରଶ୍ନ ଉଠୁଛି, କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ। ପୁଣି ସେବାୟତଙ୍କ ପାଇଁ ବାସଗୃହ ତିଆରି ହେବ ନା ନାହିଁ, ତାହାକୁ ନେଇ ବି ସେବାୟତ ଦ୍ୱନ୍ଦ୍ୱରେ।

ସେବାୟତ ଘରର ପିଲାମାନେ ମହାପ୍ରଭୁଙ୍କ ସେବାପୂଜା ସାଙ୍ଗକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେପରି ନିଜକୁ ପ୍ରତିଷ୍ଠିତ କରିପାରିବେ, ସେଥିପାଇଁ ଅଣ୍ଟା ଭିଡ଼ିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ସେମାନଙ୍କ ଲାଗି ଆବଶ୍ୟକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳର ପରିକଳ୍ପନା କରିଥିଲା। ସେବାୟତ ପିଲାମାନେ ଗୁରୁକୁଳରେ ଶିକ୍ଷା ସହ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଅଧିକ ଜ୍ଞାନ ହାସଲ କରିପାରିବେ ବୋଲି ଲକ୍ଷ୍ୟ ରହିଥିଲା। ୨୦୨୨-୨୩ ଶିକ୍ଷାବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ

### ସେବାୟତଙ୍କ ବାସଗୃହ ବି ଅଟକି ଯାଇଛି

ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

ଗୁରୁକୁଳ ନିର୍ମାଣ ପାଇଁ ମାଟିତୋଟା ମୌଜାରେ ୧୭ ଏକର ଜମି ଚିହ୍ନଟ ସରିଛି। ପୂର୍ବ ରାଜ୍ୟ ସରକାର ଗୁରୁକୁଳ ସ୍ଥାପନ ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିଲାଗି, ପରିଚାଳନା କମିଟି ଅଧୀନରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସୋସାଇଟି ଗଠନ କରାଯିବ। ଗୁରୁକୁଳ ପରିଚାଳନା ଲାଗି ସୋସାଇଟି ଏବଂ ବିର୍ଲା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏଠାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେବ। ଏହି ଗୁରୁକୁଳରେ ୫୦ ପ୍ରତିଶତ ସେବାୟତ ପିଲା, ଯେଉଁମାନେ ଏଠାରେ ରହି ପାଠ ପଢ଼ିବେ। ସେହିପରି ପୁରୀ ଆଖପାଖର ୫୦ ପ୍ରତିଶତ ପିଲା ମଧ୍ୟ ପଢ଼ିପାରିବେ। ସେବକ ପିଲାଙ୍କୁ କୌଣସି ପ୍ରକାର ଫି' ଦେବାକୁ ପଡ଼ିବ ନାହିଁ। ସିବିଏସ୍‌ଇ ପାର୍ଟନରେ ଶିକ୍ଷାଦାନ କରାଯିବ। କିନ୍ତୁ, ସେବକ ପିଲାମାନେ ଫର୍ମାଲ ଶିକ୍ଷା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଜ୍ଞାନ ଆହରଣ କରିପାରିବେ ବୋଲି ଚୂଡ଼ାନ୍ତ କରାଯାଇଥିଲା। ହେଲେ ଏହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି।

ସେହିପରି ସେବାୟତଙ୍କୁ ଘର ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଥିଲା ପୂର୍ବ ପରିଚାଳନା କମିଟି। ମହାପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା କରୁଥିବା ଅନେକ ସେବାୟତଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। ନିଷ୍ଠାର ସହ ନୀତିକାନ୍ତି କରୁଥିଲେ ବି ସେମାନଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଉପରେ ଭଲ ଛାତଟିଏ ନାହିଁ। ତଥାପି ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ରଖି ନିଜ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି ଅନେକ ସେବାୟତ। ତେଣୁ ସେହି ସେବାୟତ ପରିବାରଙ୍କୁ ବାସଗୃହ ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା। ଏଥିଲାଗି ହରଚଣ୍ଡୀ ସାହି ମୌଜାରେ ୩.୧୮ ଏକର ଜମି ଚିହ୍ନଟ ହୋଇଥିଲା। ଏହି ଜମି ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବା ପରେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଡିଜାଇନ୍ ପ୍ରସ୍ତୁତ ପାଇଁ କୁହାଯିବ। ସେହିପରି କେଉଁ ଆଧାରରେ ସେବାୟତଙ୍କୁ ଘର ଦିଆଯିବ, କେଉଁମାନେ ପାଇବାକୁ ଯୋଗ୍ୟ ଏ ସବୁ ବିଷୟରେ ଆଲୋଚନା କରାଯାଇ ସ୍ଥିର ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୦୦ ଆପାର୍ଟମେଣ୍ଟ କରାଯିବା ଲାଗି ଆକଳନ କରାଯାଇଥିଲା। ଜଣଙ୍କୁ ୬୦୦ରୁ ୬୫୦ ବର୍ଗଫୁଟ୍‌ରେ ଘର ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ଜମି ଆଇନ ବିବାଦରେ ଛନ୍ଦି ହୋଇଯାଇଛି। ଜଣେ ବ୍ୟକ୍ତି ହାଇକୋର୍ଟରୁ ଷ୍ଟେ'ଅର୍ଡର୍ ଆଣିଥିବା ବେଳେ ଆଗକୁ ବଢ଼ିପାରିନି ପ୍ରକ୍ରିୟା। ଇତିମଧ୍ୟରେ ଉକ୍ତ ଦୁଇଟି ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେଇଥିବା ପରିଚାଳନା କମିଟି କାର୍ଯ୍ୟକାରୀ ଗତବର୍ଷ ଅଗଷ୍ଟ ୧୧ତାରିଖରେ ଶେଷ ହୋଇଥିଲା। ତେବେ ନୂଆ କମିଟି ପାଇଁ ଏହି ଦୁଇଟି ପ୍ରକଳ୍ପ ନିଶ୍ଚିତ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି।

### ଚାକିରି ବେପାର

# ଶଙ୍କର ପୃଷ୍ଟି, ମୁନ୍ନା ମହାନ୍ତି ସମେତ ୧୦ଜଣଙ୍କ ଆକାଉଣ୍ଟ ଅଚଳ

ଭୁବନେଶ୍ୱର, ୧୨।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ପଞ୍ଚସପ୍ଟ ମୁଖ୍ୟ ଶଙ୍କରପୃଷ୍ଟି, ତାରସହଯୋଗୀମୁନ୍ନାମହାନ୍ତିସମେତ୧୦ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛି। ସେହିପରି ଧରାପଡ଼ିଥିବା ୫ ଦଲାଲଙ୍କ ଫୋନ୍ ଓ ଶଙ୍କର ପୃଷ୍ଟି ଅଫିସରୁ ଜବତ କମ୍ପ୍ୟୁଟର, ଅନ୍ୟ ଡିଭାଇସ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ଦିଆଯାଇଛି। ଏହାର ରିପୋର୍ଟ ଆସିଲେ କେଉଁମାନେ ଏହି ଦଲାଲମାନଙ୍କ ସହ ଯୋଗସୂତ୍ରରେ ଥିଲେ ତାହା ସ୍ପଷ୍ଟ ହେବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ଫେରାର ଥିବା ଶଙ୍କର ଓ ମୁନ୍ନାକୁ ଧରିବାକୁ କ୍ରାଇମବ୍ରାଞ୍ଚର ୪ଟି ଟିମ୍ ବିଭିନ୍ନ ରାଜ୍ୟକୁ ଯାଇଥିଲେ ମଧ୍ୟ ସେମାନଙ୍କ ହାତରେ କିଛି ସୁରାକ ମିଳିନାହିଁ। ବ୍ୟକ୍ତିମାନେ ଟଙ୍କା ଆଦାୟ କରୁଥିଲେ। ଏହି ମାମଲାରେ ଆହୁରି ବଡ଼ ବଡ଼ ମାଛ ଅଛନ୍ତି। ତେଣୁ

- ଫୋରେନ୍‌ସିକ୍ ଲ୍ୟାବ୍ ଗଲା ଗିରଫ ୫ ଦଲାଲଙ୍କ ମୋବାଇଲ୍ ଫୋନ୍
- ଲ୍ୟାବ୍‌କୁ ଯାଞ୍ଚ ପାଇଁ ପଠାଗଲା ପଞ୍ଚସପ୍ଟ ଅଫିସ୍‌ରୁ ଜବତ କମ୍ପ୍ୟୁଟର
- ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେଇ ପାରିବେ ନାହିଁ ଗିରଫ ୧୧୪

ଅନ୍ୟପଟରେ ଏବେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ଆହୁରି ୧୬ ଜଣ ବ୍ୟକ୍ତିଙ୍କ ଉପରେ ନଜର ରଖିଛି। ଆଶାର୍ଥୀମାନଙ୍କ ସହ ସେମାନେ ଯୋଗାଯୋଗ କରିବା ସହ ସେମାନଙ୍କଠାରୁ ଏହି ସେମାନଙ୍କୁ ଆଗାମୀ ଦିନରେ ଗିରଫ କରାଯିବା ପରେ ପୁରା ଘଟଣା ପଦାକୁ ଆସିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ଯିବାବେଳେ ଗିରଫ ହୋଇଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କ ଭାଗ୍ୟ ଏବେ ଝୁଲୁଛି। ସେମାନେ ଜେଲରୁ ବାହାରିବା ପରେ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେବା ଉପରେ କଟକଣା ଜାରି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଓପିଆରବି ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ସେମାନେ ଏଭଳି ଜାଲିଆତି କରି ଚାକିରି ପାଇବା ପାଇଁ ଆଶା କରିଥିଲେ। ତେଣୁ ସେମାନଙ୍କୁ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ନଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ। ଆହୁରି ମଧ୍ୟ କୋର୍ଟକୁ ମଧ୍ୟ ଏନେଇ କ୍ରାଇମ୍‌ବ୍ରାଞ୍ଚ ଅବଗତ କରିବେ। କୋର୍ଟ ସେମାନଙ୍କ ପରୀକ୍ଷା ଦେବା ନେଇ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ କାର୍ଯ୍ୟ ବୋଲି କହିଛନ୍ତି। ତେବେ ଏହି ପରୀକ୍ଷାର୍ଥୀମାନେ ଧରା ପଡ଼ିବା ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, କୋରାପୁଟ ଓ ବ୍ରହ୍ମପୁରରୁ ଅନ୍ୟ ରାଜ୍ୟରେ ପରୀକ୍ଷା ଅଭ୍ୟାସ ପାଇଁ ଯାଇଥିବା ଆହୁରି ପ୍ରାୟ ୩୦୦ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଏଯାଏ କୌଣସି ତଥ୍ୟ ମିଳି ନ ଥିବା କୁହାଯାଉଛି।

ମାତ୍ର ଏହି ସମଗ୍ର ଘଟଣାକୁ ନେଇ ଓପିଆର୍‌ବି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଗତକାଲି ଓପିଆରବି ଅଧ୍ୟକ୍ଷ ଏହାକୁ ଏକ ଛୋଟ ସଂଗଠନ ଓ ଏଥିରେ ୩ ଜଣ ସଦସ୍ୟ ଥିବା ଉଲ୍ଲେଖ କରି ସବୁ ଦୋଷ ଆଇଟିଆଇକୁ ଠେଲିବାକୁ ମଧ୍ୟ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ତତ୍ତ୍ୱାବଧାରକ ସଂସ୍ଥା ଭାବରେ ଆଇଟିଆଇ କାହାକୁ ପରୀକ୍ଷା ସବ୍‌ଲେଟ୍ କଲା ଓ ତାହା କିପରି ପରିଚାଳନା କରିବାକୁ ଯୋଜନା ହୋଇଛି ସେ ସମ୍ପର୍କରେ ଓପିଆରବି ଖବର ରଖିବା କଥା, ମାତ୍ର ସେହି ଦାୟିତ୍ୱରେ ଖିଲାପ ହୋଇଥିବା ସ୍ପଷ୍ଟ ହୋଇ ଯାଇଛି। ପୁନଶ୍ଚ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାର ଛାପା, ପରୀକ୍ଷା କେନ୍ଦ୍ର ମନୋନୟନ ଆଦି କାର୍ଯ୍ୟ ଆଇଟିଆଇରୁ ସିଲିକନ୍ ଓ ସିଲିକନ୍‌ରୁ ପଞ୍ଚସପ୍ଟକୁ ପ୍ରଦାନ କରାଯାଇଥିବା ସତ୍ତ୍ୱେ ଓପିଆରବି କାହିଁକି ଚୁପ୍ ବସିଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ସକାଳ THE SAKALA



# ହାତୀ ମୃତ୍ୟୁର କାରଣ ଖୋଜୁଛି ବନ ବିଭାଗ

ନୀଳଗିରି, ୧୨।୧୦ (ସମିସ)




ନୀଳଗିରି କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ପଞ୍ଚଲିଙ୍ଗେଶ୍ୱର ସେକ୍ସନ୍ ତେଣ୍ଡା ଫରେଷ୍ଟ ବିଟ୍ ଅଧୀନ ଗରଡି ପଞ୍ଚାୟତ ଆମ୍ବଝରର ନିକଟସ୍ଥ ଏକ ବିଲ କିଆରିରେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଘଟଣାସ୍ଥଳ ବିଲ କିଆରିରୁ ବନବିଭାଗ ପୋତା ଯାଇଥିବା ବାଉଁଶ କିଳା, ବନ୍ଧା ଯାଇଥିବା ଜିଆଇ ତାର ସିଜ୍ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ହାତୀ ମୃତ୍ୟୁର କାରଣ ଖୋଜିବା ଉଦ୍ଦେଶ୍ୟରେ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ ଜଏଣ୍ଟ ଟାସ୍କ ଫୋର୍ସର ଅଧିକାରିଣୀ ରେଣୁବାଳା ସାହୁ, ଆରସିସିଏଫ ପ୍ରକାଶଚାନ୍ଦ୍ ଗୁଗନାନୀ, ତାଙ୍କ ସହ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ, ଆୟ ଏ.ସି.ଏଫ୍ ତଟିନି ସେଠି, କୁଲଡିହା ରେଞ୍ଜର ସୁବ୍ରତ କୁମାର ବେହେରା, ସ୍ଥାନୀୟ ଫରେଷ୍ଟର ହୃଷିକେଶ ପ୍ରଧାନ, ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ ପରେ ମୃତଦେହକୁ ବ୍ୟବଚ୍ଛେଦ କରାଇଥିଲେ। ତେବେ ଦନ୍ତା ହାତୀକୁ କିଏ ହତ୍ୟା କଲା? ସ୍ୱାଭାବିକ, ନା ଦାନ୍ତ ତସ୍କରୀ ପାଇଁ ଗୁଳି କରି ହତ୍ୟା କରାଯାଇଛି ? ନା ବିଦ୍ୟୁତ୍ ସଂସ୍ପର୍ଷରେ ଆସି ମୃତ୍ୟୁ ହୋଇଛି କି? ଏସବୁକୁ ନେଇ ବନବିଭାଗ ତଦନ୍ତ ଆରମ୍ଭ କରିଛି। କୁଲଡିହାରେ ଶିକାରୀଙ୍କ ଉପଦ୍ରବକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଗତ ତିନି, ଚାରି ବର୍ଷ ଭିତରେ କୁଲଡ଼ିହା ଅଭୟାରଣ୍ୟରେ କ୍ରମାଗତ ଭାବେ ଏକାଧିକ ହାତୀଙ୍କ ମୃତ୍ୟୁ ହେଲାଣି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ଯାଉଛି ହାତୀଙ୍କ ଜୀବନ। ହାତୀ ବଂଶ ଲୋପ ପାଉଥିବାରୁ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ସ୍ଥାନୀୟ ଲୋକେ ବନବିଭାଗର ଅପାରଗତାକୁ ପ୍ରଶ୍ନ କରିଛନ୍ତି।

- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା
- ବିଲରୁ ବାଉଁଶ କିଳା ଓ ଜିଆଇ ତାର ଜବତ

## ଗାଁର ପାଠୁଆ ପୁଅକୁ ଗ୍ରାମବାସୀଙ୍କ ସମ୍ବର୍ଦ୍ଧନା



ରାଜଘାଟ, ୧୨।୧୦ (ସମିସ): ବସ୍ତା ବ୍ଲକ ବେଣାପୁରା ଗ୍ରାମର ରାଜେଶ କୁମାର ମହାପାତ୍ର ଚଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୧୩ ତମ ର୍‌ୟାଙ୍କ ରଖି ସଫଳତା ପାଇଛନ୍ତି। ତେବେ ଗାଁ ପୁଅର ସଫଳତା ପାଇଁ ଉତ୍ସାହିତ ହୋଇଛନ୍ତି ଗ୍ରାମବାସୀ। ପୁଅର ସଫଳତା କାମନା କରି ଗାଁ ବାସୁଳି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏହା ସହିତ ନିସ୍ୱାର୍ଥପର ଭାବରେ ନିଜର ସେବା କାର୍ଯ୍ୟ କରିବା ପାଇଁ ଦେଇଛନ୍ତି ଆଶୀର୍ବାଦ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗ୍ରାମର ସଭାପତି ମାନସ କୁମାର ଉପାଧ୍ୟାୟ, ସମ୍ପାଦକ ନରେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ସଭ୍ୟ ଭୀମଚରଣ ବେହେରା, ଶିକ୍ଷାବିତ ସନ୍ୟାସୀ ଚରଣ ପ୍ରଧାନ, ଗ୍ରାମ୍ୟ ପରିଚାଳନା କମିଟିର ସଭ୍ୟ ଧନଞ୍ଜୟ କୁଣ୍ଡ, ଅଜୟ କୁଣ୍ଡ, ଗୁଣାକର ମାଝୀ, ବ୍ରଜମୋହନ କୁଣ୍ଡ, ପ୍ରତାପ ଗିରି ସମେତ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

- ଗୁଣି ଗାରେଡି ସନ୍ଦେହରେ ଗଛରେ ବାନ୍ଧି ମାଡ଼ ଘଟଣା

## ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

ସୋର,୧୨।୧୦(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମଲ୍ଲିଚୁଆ ଗ୍ରାମରେ ଗୁଣି ଗାରେଡି ସନ୍ଦେହରେ ୩ ଜଣଙ୍କୁ ଗଛରେ ବାନ୍ଧି ମାଡ ମରା ଯାଇଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ମହିଳା ଜଣଙ୍କ ହେଲେ ସୋର ଥାନା ମହୁମୁହାଣ ପଞ୍ଚାୟତ ମଲ୍ଲିଚୁଆ ଗ୍ରାମର




ଟୁନି ସିଂ(୫୨)। ଗତ କିଛି ମାସ ତଳେ ଏହି ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଗୁଣିଗାରେଡି କାରଣରୁ ଯୁବକଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ଗତ ସେପ୍ଟେମ୍ବର ୨୧ ତାରିଖରେ ଗ୍ରାମବାସୀ ଗ୍ରାମର ଚଇତା ସିଂ, ତାଙ୍କ ସ୍ତ୍ରୀ ମୁନି ସିଂ ଓ ଭାଉଜ ଟୁନି ସିଂ(୫୨)ଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳକୁ ଯାଇଥିବା ବେଳେ ଗ୍ରାମବାସୀ ପୁଲିସକୁ ମଧ୍ୟ ଅଟକ ରଖିଥିଲେ। ଦୁଇ ଘଣ୍ଟା କାଳ ବୁଝାସୁଝା ପରେ ପରିବେଶ ଶାନ୍ତ ପଡିବାରୁ ପୁଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା। ଚଇତାର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଟୁନି ସିଂ ଓ ମୁନି ସିଂ ଘରେ ରହି ଚିକିତ୍ସିତ ହେଉଥିଲେ।୨୨ ତାରିଖରେ ଟୁନି ସିଂଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏ ବାବଦରେ ସେତେବେଳେ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ଟୁନିର ମୃତ୍ୟୁ ହୋଇଥିଲା। ଏହି ଖବର ଜଣାପଡିବା ପରେ ସୋର ପୁଲିସ ଆଜି ମଧ୍ୟାହ୍ନରେ ୫ ଜଣଙ୍କୁ ଗିରଫ କରି ଥାନାରେ ରଖିଥିବା ଜଣାପଡିଛି। ଆଜି ଅପରାହ୍ନରେ ଶବ ବ୍ୟବଚ୍ଛେଦ ହୋଇ ଗ୍ରାମରେ ପହଞ୍ଚିବା ପରେ ପୁଲିସ ଗ୍ରାମରେ ପହଞ୍ଚି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛି। ସନ୍ଧ୍ୟାରେ ସମ୍ପର୍କୀୟ ପୁଲିସ ଉପସ୍ଥିତି ରେ ଟୁନିର ଶବକୁ ଅନ୍ତିମ ସଂସ୍କାର କରିଥିବା ଜଣାପଡିଛି।

## ସାନପାଟପୁର ଉଚ୍ଚ ନୋଡାଲ ସ୍କୁଲର ହୀରକ ଜୟନ୍ତୀ ସମାରୋହ ବୈଠକ



ନୀଳଗିରି, ୧୨।୧୦ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମପଞ୍ଚାୟତସ୍ଥିତ ସାନପାଟପୁର ଉଚ୍ଚ ନୋଡାଲ ସ୍କୁଲରେ ହୀରକ ଜୟନ୍ତୀ ସମାରୋହ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସାଧାରଣ ସଭା ଛାତ୍ର ସଂସଦର ସଭାପତି ଡ. ଉପେନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ର ସଂସଦର ବାର୍ଷିକ ବିବରଣୀ ସଂପାଦକ ଜନ୍ମେଜୟ ପଟ୍ଟନାୟକ ପାଠ କରିଥିଲେ। ଆଗାମୀ ଜାନୁଆରୀ ମାସର ୧୦/୧୧ ତାରିଖରେ ଦୁଇ ଦିନ ବ୍ୟାପି ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ସାଧାରଣ ସମ୍ପାଦକ ଦିପକ ବେହେରା, ସଂପାଦକ ଶନୈଶ୍ଚ ରଞ୍ଜନ ବେହେରା, ବିଜୟ ବେହେରା, ମନୋରଞ୍ଜନ ମହାନ୍ତି, ବିଦ୍ୟାଧର ପ୍ରଧାନ, ବିଜେବି କଲେଜର ଅବସରପ୍ରାପ୍ତ ଅଧକ୍ଷ ସୁରେନ୍ଦ୍ର ମହାନ୍ତି, ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ବାରିକ, ଉପଦେଷ୍ଟା ଶରତ ଚନ୍ଦ୍ର ମହାପାତ୍ର, ଗୋଲକ ଜେନା, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହୃଷିକେଶ ପଣ୍ଡା , ପୂର୍ବତନ ଶିକ୍ଷକ ପ୍ରତାପ ଚୈଦୁରୀ, ମଧୁସୂଦନ ପାଣିଗ୍ରାହୀ, ରଘୁନାଥ ଜେନା, ପୂର୍ବତନ ବ୍ଲକ୍ ଅଧକ୍ଷ ରାମଚନ୍ଦ୍ର ବେହେରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମଳିକ, କପିଳ ଭୂୟାଁ, ଅନିରୁଦ୍ଧ ବେହେରା ଉପସ୍ଥିତ ରହି କିପରି ହୀରକ ଜୟନ୍ତୀ ସମାରୋହରେ ପାଳନ ହେବ ସେ ବିଷୟରେ ଆଲୋକପାତ କରିଥିଲେ। ଉପ ସଭାପତି ରମେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

## ଥାନା ଆଗରେ ସରପଞ୍ଚଙ୍କ ଧାରଣା

ରାଜଘାଟ, ୧୨।୧୦ (ସମିସ): ସିଂଲା ଥାନା ପୁଟୁରା ପଞ୍ଚାୟତ ପୁଟୁରା ଗ୍ରାମର ଜଣେ ଝିଅ ନିଖୋଜ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ପରେ ନିଖୋଜ ଝିଅର ପରିବାର ସରପଞ୍ଚଙ୍କୁ ଗୁହାରି କରିଥିଲେ। ଏହାକୁ ନେଇ ସରପଞ୍ଚ ଝିଅକୁ ଖୋଜା ଖୋଜି କରୁଥିବା ବେଳେ ଗତକାଲି ଝିଅ ଜଣେ ପୁଅ ସହିତ ବାଲେଶ୍ୱର ରେ ଥିବା ଜାଣି ସେମାନଙ୍କୁ ଫୋନ କରି ଘରକୁ ଡାକିଥିଲେ। ଯୁବକଯୁବତୀ ବସରେ ଘରକୁ ଫେରୁଥିବା ବେଳେ ଗାନ୍ଧିଛକ ଠାରେ ସରପଞ୍ଚ ସେମାନଙ୍କୁ ବସ୍‌ରୁ ଜବରଦସ୍ତ ଓହ୍ଲାଇ ଥିଲେ। ବହୁତ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ଯୁବକ ଜଣକ ଏହାର ବିରୋଧ କରିବାରୁ ସରପଞ୍ଚ ଉକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ ମାରି ଉଭୟ ପୁଅ ଝିଅକୁ ସିଂଲା ଥାନାକୁ ନେଇଯାଇଥିଲେ। ଥାନା ଅଧିକାରୀ ଝିଅ ପୁଅ ଠାରୁ ଘଟଣା ବାବଦରେ ଶୁଣି ପୁଅକୁ ମେଡିକାଲ ପଠାଇବା ସହିତ ସରପଞ୍ଚଙ୍କୁ ତାଗିଦ କରିଥିଲେ। ଏଥିରେ ସରପଞ୍ଚ ଥାନା ଅଧିକାରୀଙ୍କ ଉପରେ ଉତକ୍ଷିପ୍ତ ହୋଇ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧାରଣାରେ ବସିବା ପରେ ଶାସକ ଦଳର ତୁଙ୍ଗ ନେତୃତ୍ୱ ମାନେ ପହଞ୍ଚି ସମାଧାନ କରିଥିବା ଜଣାପଡିଛି। ଅନ୍ୟପଟେ ପୁଅର ବାପା ଏବଂ ମା' ପୁଅକୁ ନ୍ୟାୟ ଦେବାକୁ ସରପଞ୍ଚଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଇକ୍ ଚୋରକୁ ଧରି ପୁଲିସ ଜିମା

ଜଳେଶ୍ୱର ବ୍ଲକ, ୧୨।୧୦(ସମିସ) : ରାଇବଣିଆ ଥାନା ଅଞ୍ଚଳରେ ଶନିବାର ଚାଫଲା ହାଟକୁ ପେଣ୍ଡରାସାହି ଗ୍ରାମର ସିତାଂଶୁ ବେହେରା ତାଙ୍କର ବାଇକରେ ଆସି ଗାଡି ରଖି ସଉଦା କିଣି ଗାଡ଼ି ପାଖକୁ ଆସି ଦେଖନ୍ତି ତ ତାଙ୍କ ଗାଡ଼ି ଆଉ ସେଠାରେ ନାହିଁ। ସେ ସଙ୍ଗେସଙ୍ଗେ ଚାରିଆଡକୁ ଖବର ଦେଇଥିଲେ। ଚୋର ଗାଡି ନେଇ ରାଇବଣିଆ ଅଞ୍ଚଳକୁ ପଳାଇ ଯାଇଥିଲା, ସେଠାରୁ ତାକୁ ଗାଡି ସହିତ କାବୁ କରି ଚୋରଙ୍କୁ ରାଇବଣିଆ ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତଜଣକ ବସ୍ତା ଥାନା ଚାଷୀପଡ଼ା ଅଞ୍ଚଳର ଅନନ୍ତ ରଣାଙ୍କ ପୁତ୍ର ମଧୁ ରଣା ବୋଲି ପୁଲିସ ତଦନ୍ତ କରି ଜାଣିବାକୁ ପାଇଥିଲା। ଏନେଇ ରାଇବଣିଆ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି।



## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ଭୋଗରାଇ, ୧୨।୧୦(ସମିସ) : ଭୋଗରାଇ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳେଶ୍ୱରପୁର ସରକାରୀ ଉଚ୍ଚବିଦ୍ୟାଳୟ ଜଳେଶ୍ୱରପୁର ଠାରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବିଜ୍ଞାନ ଆଲୋଚନାଚକ୍ରରେ ଭୋଗରାଇ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଂଜନ ଦାସ, ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତ, ଅବସରପ୍ରାପ୍ତ ଅଧକ୍ଷ କୃତ୍ତିବାସ ସାହୁ, ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଦୁର୍ଗେଶ ନାୟକ ଯୋଗଦାନ କରିଥିଲେ। ବିଜ୍ଞାନ ଆଲୋଚନା ଚକ୍ରରେ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅଂଶୁମାନ ନନ୍ଦ ପ୍ରଥମ, ଭଗବାନ ଚନ୍ଦ୍ର ହାଇସ୍କୁଲ କଟିସାହିର ଅମିତ ସାମଲ ଦ୍ୱିତୀୟ, ପ୍ରସାଦ ଚନ୍ଦ୍ର ହାଇସ୍କୁଲ, କଚୁଆଡ଼ିର ସୋମେଶ ରାୟ ତୃତୀୟ ହୋଇଛନ୍ତି। ପ୍ରଥମ ହୋଇଥିବା ଛାତ୍ର ଆସନ୍ତା ୧୩ ଅକ୍ଟୋବରରେ ବାଲେଶ୍ୱର ଜିଲ୍ଲାସ୍କୁଲରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ରରେ ଭାଗ ନେବେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ମନୋରଂଜନ ଦାସ, ବିଜ୍ଞାନ ଶିକ୍ଷକ ଗୌରଗୋପାଳ ପାତ୍ର, ଧ୍ରୁବ ଚରଣ ପ୍ରଧାନ, ଅନୁରାଗ କାମିଲା, ଜ୍ୟୋତି ଗିରି, ବିଦ୍ୟୁତ ପ୍ରଭା ନନ୍ଦୀ, ମନୋରଂଜନ ଦେ, ରଶ୍ମିତା ପ୍ରଧାନ ସହିତ ଅନ୍ୟ ଶିକ୍ଷକ/ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ପୂଜକଙ୍କୁ ହାଣିଲେ ଦୁର୍ବୃତ୍ତ

ସୋର,୧୨।୧୦(ସମିସ): ଦିନ ଦ୍ୱିପ୍ରହରେ ସୋର ଥାନା ଚମ୍ପୁ ଛକ ନିକଟରେ ଧାର ଟଙ୍କାକୁ କେନ୍ଦ୍ରକରି ଜଣେ ପୂଜକଙ୍କୁ ହାଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ଜଣାପଡିଛି। ଏଥିରେ ପୂଜକ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ସୋର ଥାନା ବଡ଼ଖୁରି ଗ୍ରାମର ଦିନବନ୍ଧୁ ପାଣିଗ୍ରାହୀ ଜଣେ ପୂଜକ। ଆଜି ମଧ୍ୟାହ୍ନରେ ପୂଜାସାରି ସାଇକେଲ ଯୋଗେ ଫେରୁଥିବା ବେଳେ ଚମ୍ପୁ ଛକ ନିକଟରେ ତିନିଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ତାଙ୍କୁ ଏକ କଟୁରୀରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



## ବ୍ରଜମୋହନଙ୍କୁ ଭେଟିଲେ ପଶ୍ଚିମବଙ୍ଗ ବିଜେପି ନେତା



ଜଳେଶ୍ୱର,୧୨।୧୦(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କୁ ତାଙ୍କ ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ ବାସଭବନରେ ଗତକାଲି ସାକ୍ଷାତ କରିଛନ୍ତି ପଶ୍ଚିମବଙ୍ଗର ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ସଂଚାଳକ ଅଜିତ୍ ଜାନା। ଓଡିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଥିବା ରାଜନୈତିକ, ସାମାଜିକ, ସାଂସ୍କୃତିକ ସମତା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୁଇ ରାଜ୍ୟର ବିକାଶ ପାଇଁ ପରସ୍ପର ମଧ୍ୟରେ କିପରି ସମନ୍ୱୟ ରହିବ, ଉଭୟ ରାଜ୍ୟର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚଳି ଆସୁଥିବା ଚଳଣି, ପରମ୍ପରା, ସଂସ୍କୃତି ଯେପରି ଅକ୍ଷୁର୍ଣ୍ଣ ରହିବ ସେନେଇ ଏହି ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଗାମୀ ୨୦୨୬ ମସିହାରେ ପଶ୍ଚିମବଙ୍ଗ ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ନିର୍ବାଚନ ସମୟରେ ପଶ୍ଚିମବଙ୍ଗରେ ଯେପରି ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ ସେ ନେଇ ଆଲୋଚନା କରିଥିଲେ। ଏହି ସମୟରେ ଭାରତ ସରକାରଙ୍କ ସାମରିକ କର୍ମଚାରୀ ସୁଶାନ୍ତ ପରିଡା, ଯୁବନେତା କାଳି ଚରଣ ଦାସ, ରବିନ୍ଦ୍ର ପ୍ରଧାନ, ପିନାକୀ ଚାଟାର୍ଜୀ, ଅମର ପାତ୍ର, ତନ୍ମୟ ଚାନ୍ଦ, ଦୀନକୃଷ୍ଣ କୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଦରେ ଚାଲି ଚାଲି ୪ ଧାମ ଓ ୧୨ ଜ୍ୟୋର୍ତିଲିଙ୍ଗ ଯାତ୍ରା



ସୋର, ୧୨।୧୦(ସମିସ): ପାଦରେ ଚାଲିଚାଲି ଭାରତର ପ୍ରସିଦ୍ଧ ୪ ଧାମ ଓ ୧୨ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ପ୍ରୟାସୀ ଦୁଃସାହସିକ ଆଲିଗଡ଼ ଉତ୍ତରପ୍ରଦେଶର ଯୁବକ ଗୁଡ୍ଡୁ ଜାଠ ଆଜି ସୋରରେ ପହଞ୍ଚବା ପରେ ଦେଖିବା ପାଇଁ ଲୋକଙ୍କର ଭିଡ଼ ଲାଗିଥିଲା। ଗତ ଏପ୍ରିଲ ୨୮ ତାରିଖ ଦିନ ସେ ଆଲିଗଡ଼ ପିଶାଦର ଗାଁ ସୁଜାବଲଗଡ଼ରୁ ବାହାରି ହଜାରେ ଅଧିକ କିଲୋମିଟର ଅତିକ୍ରମ କରିସାରିଛନ୍ତି। ୫ ହଜାର କିଲୋମିଟର ବାଟ ଅତିକ୍ରମ କରିବା ପାଇଁ ତାଙ୍କୁ ଏକ ବର୍ଷ ଲାଗିବ। ସେ ପୁରୀ, ରାମେଶ୍ୱର, ବଦ୍ରିନାଥ ଏବଂ ଦ୍ୱାରିକା ଚାରିଧାମ ଦର୍ଶନ କରିବା ସହିତ ସୋମନାଥ, ମହାକାଳେଶ୍ୱର, ଓଙ୍କାରନାଥ, ମଲ୍ଲିକାର୍ଜୁନ, କେଦାରନାଥ, ନାଗେଶ୍ୱର, ତ୍ରୟମ୍ବକେଶ୍ୱର, ଭୀମଶଙ୍କର, ରାମେଶ୍ୱର, ଗିରିଶଙ୍କର ଓ କାଶୀ ବିଶ୍ୱନାଥ ୧୨ ଜ୍ୟୋତିର୍ଲିଙ୍ଗ ଚାଲିଚାଲି ଦର୍ଶନ କରବେ ବୋଲି କହିଛନ୍ତି।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ ସନ୍ଦେହ

ଜଳେଶ୍ୱର, ୧୨।୧୦ (ସମିସ) : ରାଇବଣିଆ ଥାନା ଅଧିନ ଖୁଦିଆ ମାଝୀ ସାହି ପଂଚାୟତ ଗୋପାଳ ପ୍ରାସାଦ ଗ୍ରାମର ବନମାଳୀ ସିଂଙ୍କ ପୁତ୍ର ରାଖାଲ ସିଂ (୫୩)ଙ୍କ ଶୁକ୍ରବାର ରାତିରେ ଘରେ ଶୋଇଥିବା ସମୟରେ କୌଣସି ଜନ୍ତୁ କାମୁଡି ଦେଇଥିଲା। ଖୋଜା ଖୋଜି ପରେ କିଛି ପାଇ ନ ଥିବାବେଳେ ସକାଳେ ମାଛ ଧରିବାକୁ ଯାଇଥିଲେ। ଘରକୁ ଫେରିବା ପରେ ତାଙ୍କ ମୁଣ୍ଡ ବିନ୍ଧା ଏବଂ ବାନ୍ତି ହୋଇଥିଲା। ପରିବାର ଲୋକ ତାଙ୍କୁ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା। ଗୁରୁତର ଭାବେ ତାଙ୍କୁ କଟକ ନେବାବେଳେ ବାଟରେ ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଏ ନେଇ ନାଏବ ସରପଂଚ କ୍ଷିତିଶ୍ ଚନ୍ଦ୍ର ଦେ, ପୂର୍ବତନ ସରପଂଚ ସତ୍ୟଶୋଭନ ମିଶ୍ର, ବିପ୍ଳବ ପ୍ରଧାନ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି କରିଛନ୍ତି।

## ନରସିମା କ୍ଲବ ପକ୍ଷରୁ ବସ୍ତ୍ର ବଣ୍ଟନ




ଜଳେଶ୍ୱର,୧୨।୧୦(ସମିସ): ଜଳେଶ୍ୱର ନୂଆ ବଜାର ଅଞ୍ଚଳରେ ନୂଆକରି ଗଢି ଉଠିଥିବା ନରସିମା କ୍ଲବ ପକ୍ଷରୁ ଅସହାୟଙ୍କୁ ବସ୍ତ୍ର ବଣ୍ଟନ ଲାଗି ନିଆରା ପ୍ରୟାସ ଆରମ୍ଭ ହୋଇଛି। ଆଗକୁ ଶୀତ ଋତୁ ଥିବାରୁ କ୍ଲବର ସଦସ୍ୟମାନେ ପୁରୁଣା ଓ ନୂଆ ଲୁଗାପଟା ସଂଗ୍ରହ କରି ଅସହାୟ ମାନଙ୍କୁ ଚନ୍ଦନା ସ୍ଥିତ ସାଇ ମନ୍ଦିର ରେ ବସ୍ତ୍ର ବଣ୍ଟନ କରିଥିଲେ। ସକାଳେ କ୍ଲବ୍ ଉପଦେଷ୍ଟା ସମାଜସେବୀ ରାଜେଶ ଖଟୁଆଙ୍କ ପରିଚାଳନା ରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ବ୍ରଜମୋହନ ପ୍ରଧାନ ଏବଂ ସମ୍ମାନୀତ ଅତିଥି ଭାବେ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ମିଳିତ ଭାବେ ବଣ୍ଟନର ଶୁଭ ଉଦଘାଟନ କରିଥିଲେ। ଫାଲଗୁନୀ ପାଣିଗ୍ରାହୀ, କାଳୀଚରଣ ଦାସ, ତାପସ ପାଣିଗ୍ରାହୀ, ରାସ ବିହାରୀ ରଣା,ଅଞ୍ଜନ ଦାସ,ମଳୟ ବିକାଶ ଡଗର ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ସଭାପତି ରୋନିତ ଦାସ, ସମ୍ପାଦକ ଖିତିଶ ବ୍ରହ୍ମ, ଉପସଭାପତି ଆଲୋକ ଡଗର, କାର୍ଯକାରୀ ସଭାପତି ସ୍ୱାଭିମାନ ସେନାପତି, କୋଷାଧକ୍ଷ ଅଂଶୁମାନ ଜେନା, ରାଧାରମଣ ରାଜ, ହିମାଂଶୁ ସାହୁ, ରିତୁ ରାଜ ପ୍ରମୁଖ ସହଯୋଗ କରିଥିଲେ।

## ଗଣଦୁଷ୍କର୍ମକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ସିପିଏମ୍

ଜଳେଶ୍ୱର,୧୨।୧୦(ସମିସ)



ପଶ୍ଚିମବଙ୍ଗସ୍ଥିତ ଆର ଜି କର ମେଡିକାଲ କଲେଜର ଡାକ୍ତର ଛାତ୍ରୀଙ୍କୁ ବଳାତ୍କାର ଓ ବୀଭତ୍ସ ହତ୍ୟାକାଣ୍ଡକୁ ଲୋକେ ଭୁଲିନଥିବା ବେଳେ ଦୁର୍ଗାପୁର ଠାରେ ଅବସ୍ଥିତ ଆଉ ଏକ ଘରୋଇ ମେଡିକାଲ କଲେଜର ଛାତ୍ରୀ ନାରକୀୟ ଗଣ ଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଏହି ଅମାନୁଷିକ ଘଟଣାକୁ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଘୋର ନିନ୍ଦା କରାଯାଇଛି। ଏହି ଘଟଣା ଯେ ସେଠାକାର ସରକାରକୁ କାଠ ଗଡାରେ ଛିଡ଼ା କରାଇ ଦେଇଛି ଏଥିରେ ସନ୍ଦେହ ନାହିଁ। ଦୁଷ୍କର୍ମର ଶିକାର ହୋଇଥିବ ଡାକ୍ତର ଛାତ୍ରୀ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱର ଅଞ୍ଚଳର ଜଣା ପଡ଼ିବା ପରେ ପାର୍ଟିର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବୁଝାସୁଝା କରିବା ସହିତ ଏଭଳି ବିପଦ ବେଳେ ଦଳ ପରିବାର ପାଖରେ ଛିଡ଼ା ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛି। ସେଠାକାର ସରକାର ଓ ପୁଲିସ ପୀଡ଼ିତାଙ୍କ ପରିବାରକୁ ଠିକ୍ ଭାବରେ ସହଯୋଗ କରୁନଥିବା ଶୁଣିବା ପରେ ଦୁଷ୍କର୍ମକାରୀମାନେ ଧରା ପଡ଼ିବା ଏବଂ ଦଣ୍ଡିତ ହେବା ନେଇ ଦଳ ଆଶଙ୍କା ପ୍ରକଟ କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଯଦି ସେଠାକାର ସରକାର ହାଲୁକା ଢ଼ଙ୍ଗରେ ନେଉଥାନ୍ତି ତେବେ ଏହାଠାରୁ ଦୁଃଖ ଓ ପରିତାପର ବିଷୟ କିଛି ହୋଇନପାରେ। ଏଭଳି ଅମାନବୀୟ ଘଟଣା ବାରମ୍ବାର ଘଟିବା ଏବଂ ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନହେବା ପଛରେ ପଶ୍ଚିମବଙ୍ଗର ତୃଣମୂଳ ସରକାର ଓ କେନ୍ଦ୍ରର ବିଜେପି ସରକାର ମଧ୍ୟରେ ଏକ ଗୁପ୍ତ ଅସାଧୁ ମେଣ୍ଟ କାମ କରୁଛି ବୋଲି ଦଳ ପକ୍ଷରୁ ସଙ୍ଗୀନ ଅଭିଯୋଗ କରାଯାଇଛି। ତୁରନ୍ତ ଦୁଷ୍କର୍ମକାରୀ ମାନଙ୍କୁ ଧରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ ଏକ କୋଟି ଟଙ୍କାର ସହାୟତା ରାଶି, ଛାତ୍ରୀଙ୍କର ସମସ୍ତ ପଢ଼ା ଖର୍ଚ୍ଚ ପଶ୍ଚିମବଙ୍ଗର ସରକାର ଯୋଗାଇଦେବାର ବ୍ୟବସ୍ଥା କରନ୍ତୁ ଏବଂ ପୀଡ଼ିତାଙ୍କ ନିରାପତ୍ତାର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ନିଅନ୍ତୁ ବୋଲି ସିପିଏମ ତରଫରୁ ପ୍ରତିନିଧି ଦଳରେ ଥିବା ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି, ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦୀପ୍ତିମାନ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡ଼ା, କୃଷକ ନେତା ରବୀନ୍ଦ୍ର ବାରିକ ଓ ଗଣତାନ୍ତ୍ରିକ ମହିଳା ସମିତିର ସବିତା ଭୂୟାଁ ଦାବି କରିଛନ୍ତି।

### କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା

# ବର୍ଜ୍ୟବସ୍ତୁ ପରିବହନ ପାଇଁ ନିଜସ୍ୱ ମଟରଗାଡ଼ି ଦାବି



କରଞ୍ଜିଆ,୧୨।୧୦(ସମିସ):

କରଞ୍ଜିଆ ଉପଖଣ୍ଡ ସରକାରୀ ଡାକ୍ତରଖାନା ଜିଲ୍ଲାର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାରୁ ଉପଖଣ୍ଡର ୫ଟି ବ୍ଲକ୍ ସହିତ ପଡୋଶୀ କେନ୍ଦୁଝର ଜିଲ୍ଲା ଏବଂ ନିକଟ ଝାଡ଼ଖଣ୍ଡ ରାଜ୍ୟର କିଛି ଅଞ୍ଚଳ ଏହା ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟେହ ଏକହଜାର ପାଖାପାଖି ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ଡାକ୍ତରଖାନାରେ ପ୍ରାୟ ଦେଢ଼ଶହରୁ ଦୁଇଶହ ରୋଗୀ ବିଭିନ୍ନ ୱାର୍ଡରେ ରହି ଚିକିତ୍ସିତ ହୋଇଥାନ୍ତି। ଏଣୁ ଡାକ୍ତରଖାନାର ସ୍ୱଚ୍ଛତା ଓ ପରିମଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟେଣ୍ଡର ମାଧ୍ୟମରେ ସଫେଇ କାର୍ଯ୍ୟ କରାଇଥାନ୍ତି। ସଫେଇ କର୍ମଚାରୀ ଡାକ୍ତରଖାନାର ବିଭିନ୍ନ ୱାର୍ଡ, ଡାକ୍ତରଖାନା ପରିସର ଓ ବିଭିନ୍ନ ଗୃହ ସବୁ ସଫେଇ କରିଥାନ୍ତି। ସଫେଇ ପରେ ବର୍ଜ୍ୟବସ୍ତୁଗୁଡିକୁ ଡାକ୍ତରଖାନା ଭିତରେ ଏକାଠି କରି ଭିନ୍ନଭିନ୍ନ ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖିଥାନ୍ତି। ଏନ୍ଏସି (ବର୍ତ୍ତମାନର ମୁନସିପାଲଟି)ର ସଫେଇ କର୍ମଚାରୀ ଉକ୍ତ ବର୍ଜ୍ୟ ସାମଗ୍ରୀକୁ ଏଠାରୁ ଉଠାଇ ଗ୍ରୀଡ଼ ପାଖରେ ଥିବା ଗାର୍ବେଜେ ପିଟ୍‌ରେ ପକାଇଥାନ୍ତି। ତେବେ ମୁନସିପାଲଟି ପକ୍ଷରୁ ସବୁଦିନେ ଏହି ବର୍ଜ୍ୟବସ୍ତୁକୁ ନେବା ସମ୍ଭପର ହୋଇନଥାଏ। ଦୁଇ ତିନି ଦିନ ଅନ୍ତରରରେ ଏହି ବର୍ଜ୍ୟବସ୍ତୁକୁ ଉଠାଇବା ଫଳରେ ଡାକ୍ତରଖାନା ଭିତରେ ଏକ ଅଭାବନୀୟ ପରିସ୍ଥିତି ଦେଖାଦେଇଥାଏ। ଅନେକ ସମୟରେ ଏହି ବର୍ଜ୍ୟବସ୍ତୁଗୁଡିକ ପରିବେଶକୁ ଦୂଷିତ କରିବା ସହିତ ଡାକ୍ତରଖାନାଟି ଦୁର୍ଗନ୍ଧମୟ ହୋଇପଡିଥାଏ ଏବଂ ଦେଖିବାକୁ ଘୃଣା ଆସିଥାଏ। ଏହି ବର୍ଜ୍ୟବସ୍ତୁଗୁଡିକୁ ଡାକ୍ତରଖାନାରୁ ଉଠାଉବା ପାଇଁ ଏକ ମଟରଗାଡିର ଆବଶ୍ୟକତା ହେଉଛି। ଏଣୁ ସ୍ୱାସ୍ଥ୍ୟ ବିଭାଗ କିମ୍ବା ବିଧାୟକ, ସାଂସଦ ସେମାନଙ୍କ ପାଣ୍ଠିରୁ ଗୋଟିଏ ମଟରଗାଡ଼ି ଯୋଗାଇଦେଲେ ତାହା ପ୍ରତିଦିନ ପରିବହନ କାର୍ଯ୍ୟରେ ଲାଗିପାରନ୍ତା। ଏଥିରେ ସମଗ୍ର ଉପଖଣ୍ଡବାସୀ ଉପକୃତ ହୁଅନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତେବେ ଅନେକ ପରିବେଶବିତ ଡାକ୍ତରଖାନାର ସଫେଇ ପାଇଁ ଗୋଟିଏ ମଟରଗାଡ଼ି ଦାବି କରିଥିବା ଜଣାପଡ଼ିଛି।

# ଭଞ୍ଜସେନା ତରଫରୁ 'ମୁଁ ସ୍ୱାବଲମ୍ବୀ ହେବି' ଆନ୍ଦୋଳନ




ବାରିପଦା,୧୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଥିବା ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟସ୍ଥଳୀ ଗୁଡିକର ଉନ୍ନତିକରଣ କରି ପରିବେଶକୁ କୌଣସି କ୍ଷତି ନ ପହଞ୍ଚାଇ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ବନ୍ୟଜାତ ଦ୍ରବ୍ୟର ଉଚିତ ବ୍ୟବସାୟୀକରଣ ତଥା ହସ୍ତତନ୍ତ କୁଟୀର ଶିଳ୍ପ ମାଧ୍ୟମରେ କିପରି ଜିଲ୍ଲାବାସୀ ସ୍ୱାବଲମ୍ବୀ ହୋଇପାରିବେ ଏବାବଦରେ ଭଞ୍ଜସେନା ତରଫରୁ 'ମୁଁ ସ୍ୱାବଲମ୍ବୀ ହେବି' ନାମକ ସ୍ଲୋଗାନ ନେଇ ଆରମ୍ଭ ହୋଇଛି ଆନ୍ଦୋଳନ। ଆଉ ଏହି ପ୍ରସଙ୍ଗ ପ୍ରତି ଆକର୍ଷିତ ହୋଇ ରବିବାର ଭଞ୍ଜସେନା ଶାମାଖୁଣ୍ଟା ବ୍ଲକ ଉପସଭାପତି ଜିତୁ ସିଂଙ୍କ ନେତୃତ୍ୱରେ ପାଖାପାଖି ୭ଶହରୁ ଅଧିକ ଯୁବ ଛାତ୍ର ସଂଗଠକମାନେ ସଂଗଠନରେ ସାମିଲ ହୋଇଛନ୍ତି। ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ହୋଇଥିବା ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସଂଜୀବ ରାଉତ, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଶାଖା ସଭାପତି ଏସକେ ରାଜାଖାନ, ଶାମାଖୁଣ୍ଟା ବ୍ଲକ ସଭାପତି ଶୁଭମ ସିଂ, ବ୍ଲକ କାର୍ଯ୍ୟକାରୀ ସଭାପତି ଦୀପକ ବେହେରା, ଯୁବ ନେତା ଜୁଜୁ ବେହେରା, ପଙ୍କଜ କରଣ, ମୁକ୍ତିଦତ୍ତ ପରିଡା, ଚନ୍ଦନ ସାହୁ, ସଞ୍ଜୟ ମହାନ୍ତ, ସଞ୍ଜୟ ମାହାର୍ଣ୍ଣା, ସୌମ୍ୟରଞ୍ଜନ ଦାସବାବୁ, ସମ୍ପଦ ପୃଷ୍ଟି, ଶମ୍ଭୁ ରଣା, ସତ୍ୟ ପୃଷ୍ଟି, ମହିଳା ଶାଖା ସହର ସଭାପତି ରୂପାଲି ରୁପନୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମିଲ ହୋଇଥିବା ପ୍ରମୁଖ ଯୁବ ଛାତ୍ର ସଂଗଠକ ମାନଙ୍କ ମଧ୍ୟରେ ଦିପୁ ଦାସ୍, ଶିବ ବଗାଳ, ମାନସ ମହାନ୍ତ, ବାପୁନ ମହାନ୍ତ, ପ୍ରବୀର ମହାନ୍ତ, ଅଜୟ ସିଂ, ସୁସାନ୍ତ ସିଂ, ମନୋଜ ମହାନ୍ତି, ଆକାଶ୍ ମହାପାତ୍ର, ରୁଦ୍ର ମହାନ୍ତ, ରାଜା ବେହେରା, ଫାୟାର୍ ମଣ୍ଡଳ ଓ ପିଣ୍ଟୁ ସିଂ ପ୍ରମୁଖ ବିଦ୍ଧିବଦ୍ଧ ଭାବେ ଭଞ୍ଜସେନା ସହ ଯୋଗଦାନ କରିଛନ୍ତି। ଚଳିତ ଅକ୍ଟୋବର ମାସ ୧୭ ଏବଂ ୧୮ ତାରିଖ ଦୁଇଦିନ ଧରି ହେବାକୁ ଥିବା କର୍ମଶାଳା ଲଘୁଚାପ ଜନିତ ବର୍ଷା ଆଶଙ୍କା ଯୋଗୁଁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ପାଗ ଭଲ ହେବାପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ସଂଗଠନ ପକ୍ଷରୁ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ନବ ନିର୍ମାଣ କୃଷକ ସଂଗଠନର ବୈଠକ

ବଡ଼ସାହି,୧୨।୧୦(ସମିସ): ବଡ଼ସାହି ବ୍ଲକ୍ ମ.ଇ ସ୍କୁଲ ପଡିଆରେ ନବ ନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି ବୈଠକ ଅନଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ସଭାପତି ରାମକୃଷ୍ଣ ନାଏକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲ୍ଲା ପ୍ରଭାରୀ ଚିନୁ ଦାସ, ଜିଲ୍ଲା ସଭାପତି ପ୍ରାଣକୃଷ୍ଣ ପଲେଇ, ଗୋପବନ୍ଧୁନଗର ବ୍ଲକ୍ ସଭାପତି ରବିନ୍ଦ୍ରନାଥ ପୁଥାଳ, ବେତନଟୀ ବ୍ଲକ୍ ସଭାପତି ପ୍ରଶାନ୍ତ କରଣ ପ୍ରମୁଖ ଯୋଗଦେଇ ଗୋଆଧାରିତ ଗ୍ରାମ୍ୟ ବିକାଶ, ପାରମ୍ପାରିକ କୃଷି ଆୟୁର୍ବେଦ



ଓ ପଞ୍ଚଗବ୍ୟ ଚିକିତ୍ସା ଓ କୁଟୀର ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଚାଷୀ ଓ ଚାଷର ଉନ୍ନତି କରିବା, ଯୁବବର୍ଗଙ୍କୁ ରୋଜଗାର ମିଳିବା ନେଇ ଗ୍ରାମ ସ୍ୱରାଜ ପ୍ରତିଷ୍ଠା ଉପରେ ବକ୍ତବ୍ୟ ରଖିଥିଲେ। ଏତଦବାଦ ଧାନମଣ୍ଡିମାନଙ୍କରେ ହେଉଥିବା ମନଇଚ୍ଛା କଟନୀଛଟନୀକୁ କିପରି ରୋକାଯାଇପାରିବ ଓ ପଞ୍ଚାୟତ ଏବଂ ବ୍ଲକ୍‌ସ୍ତରରେ ହେଉଥିବା ବ୍ୟାପକ ଦୁର୍ନୀତିକୁ କିପରି ହଟାଯିବ ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେଶର ସରେନ, ରାଇମଣୀ ବିଶ୍ୱାଳ, ରାମସାଇ ହେମ୍ବ୍ରମ୍, ପଦ୍ମଲୋଚନ ମହାନ୍ତ, କୃଷ୍ଣମହୋନ ମହାନ୍ତ ଓ ମନେରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜଙ୍ଗଲରୁ ଦୁଇ ଛୁଆକୁ ଉଦ୍ଧାର କଲେ ଗ୍ରାମବାସୀ



ମୋରଡା,୧୨।୧୦(ସମିସ): ଜଙ୍ଗଲରୁ ଦୁଇ ଛୁଆକୁ ଉଦ୍ଧାର କଲେ ଗ୍ରାମବାସୀ। ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡା ଡୁମୁରଡିହା ଗ୍ରାମର ଗୋବିନ୍ଦଚନ୍ଦ୍ର ମହାନ୍ତ ରବିବାର ୧୦ଟା ବେଳେ ନିଜ ଗ୍ରାମର ଶିବ ମହାନ୍ତ, ମଙ୍ଗଳୀ ମହାନ୍ତ ଏବଂ ଅନ୍ୟ ଗ୍ରାମବାସୀଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ। ତେବେ ଦିନ ପ୍ରାୟ ୧୨ଟା ବେଳେ ଘରକୁ ଫେରିବା ସମୟରେ ଜଙ୍ଗଲ ମଝି ଦେଇଯାଇଥିବା ସୁବର୍ଣ୍ଣରେଖା କେନାଲ ଉପରେ ୩ ବର୍ଷର ପୁଅ ଏବଂ ଅଢେଇ ବର୍ଷର ଝିଅ ଛୁଆ ବସିଥିବାର ଦେଖିବାକୁ ପାଇଥିଲେ। ତେବେ କିଛି ସମୟ ପରେ ଉକ୍ତ ଦୁଇଛୁଆ ପାଣି ପିଇବାକୁ କେନାଲକୁ ଓହ୍ଲାଇ ଥିବାର ଦେଖି ଗୋବିନ୍ଦ କେନାଲକୁ ଯାଇ ଉଭୟଙ୍କୁ ଉଦ୍ଧାର କରି ନିଜ ଘରକୁ ଆଣିଥିଲେ। ତେବେ ଚିତ୍ରଡାକୁ ଆସିଥିବା କିଛି ଲୋଧା ଜନଜାତିର ଲୋକେ ଉକ୍ତ ଦୁଇ ଛୁଆକୁ ଦେଖି ଚିହ୍ନି ପାରିଥିଲେ ଏବଂ ଏମାନେ ମୋରଡା ବ୍ଲକ ଅଧୀନ ବରକନ୍ଦ ପଞ୍ଚାୟତ ଟିଆଁସୀ ଗ୍ରାମର ବାପି ମଲ୍ଲିକଙ୍କ ପୁଅ ଓ ଝିଅ ବୋଲି କହିଥିଲେ। କିଛି ସମୟରେ ଉକ୍ତ ଦୁଇ ଭାଇଭଉଣୀଙ୍କୁ ନେବାକୁ ଜେଜେ ବାପା ମୁନ୍ନୀ ମଲ୍ଲିକ ଆସିଥିଲେ ମଧ୍ୟ ଭାଇଭଉଣୀ ତାଙ୍କ ସହିତ ଯାଇ ନଥିଲେ। ଖବର ପାଇ ଅଙ୍ଗନବାଡି କର୍ମୀ ଜୟନ୍ତୀ ନାଏକ ଏବଂ ଲୋଧା ଉନ୍ନୟନ ସଂସ୍ଥାର ପୋଷଣ ସହାୟିକା ଅରୁଣା ପ୍ରଜାପତି ଗୋବିନ୍ଦଙ୍କ ଘରେ ପହଞ୍ଚି ଘଟଣା ବାବଦରେ ବୁଝିଥିଲେ ଏବଂ ଉପରୋକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ତେବେ ଉଦ୍ଧାର ଦୁଇ ଭାଇଭଉଣୀଙ୍କୁ ଅଙ୍ଗନବାଡି କର୍ମୀ ଜୟନ୍ତୀ ତାଙ୍କ ଘରେ ରଖିଛନ୍ତି। ଏବାବଦରେ ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟଙ୍କୁ ପଚାରିବାରୁ ବାପା ବାପି ମଲ୍ଲିକ ଉକ୍ତ ଦୁଇ ଭାଇଭଉଣୀଙ୍କୁ ଜଙ୍ଗଲରେ ଅମାନୁଷିକ ଭାବେ ଛାଡିଛନ୍ତି। ଆସନ୍ତାକାଲି ଦୁଇ ଛୁଆକୁ ସିଡବ୍ଲ୍ୟୁସିକୁ ପଠାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବାପି ଦ୍ୱିତୀୟ ବିବାହ କରିଛନ୍ତି ଏବଂ ଉକ୍ତ ଦୁଇ ଭାଇଭଉଣୀ ତାଙ୍କର ପ୍ରଥମ ପତ୍ନୀଙ୍କ ପିଲା। ବାପିଙ୍କ ପ୍ରଥମ ସ୍ତ୍ରୀ ଦୁଇ ମାସ ତଳେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

# ମଦ୍ୟପ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୁଣ୍ଡ ଫାଟିଲା

ମହୁଲଡିହା,୧୨।୧୦(ସମିସ): ମହୁଲଡିହା ଥାନା ସାତକୋଶିଆ ପଞ୍ଚାୟତ ଘୁଲୁଘୁଲିଆ ଗ୍ରାମର ଚିଆଁବେଡା (ବାଉଁଶ କୁଦୁର) ସାହିରେ ମଦ୍ୟପ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀର ମୁଣ୍ଡ ଫାଟି ଡାକ୍ତରଖାନାରେ ଭର୍ତ୍ତିହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ, ଶନିବାର ରାତିରେ ସାତକୋଶିଆକୁ ଯାତ୍ରା ଦେଖିବାକୁ ସ୍ୱାମୀସ୍ତ୍ରୀ ଯାଇ ରବିବାର ସକାଳୁ ଘରକୁ ଫେରିଥିଲେ। ପରେ କୌଣସି କରାଣ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ ଦୁମ୍ବି ହାଇବୁରୁ(୫୫) ଉତ୍ୟକ୍ତ ହୋଇ ସ୍ତ୍ରୀ ସୁରୁକୁ କାଠଫାଳିଆରେ ବାଡ଼େଇ ମୁଣ୍ଡଫଟାଇ ଦେଇଥିଲା। ସୁରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଝିଅ ସହିତ ଚିକିତ୍ସା ପାଇଁ ଚାଲିଚାଲି ମହୁଲଡିହା ଆସୁଥିବା ସମୟରେ ହନୁମାନ ଛକ ନିକଟରେ ରାସ୍ତା ଉପରେ ଅଚେତ ଅବସ୍ଥାରେ ପଡ଼ିଯାଇଥିଲେ। ଖବର ପାଇ ମହୁଲଡିହା ଥାନା ଆଇଆଇସି ଅରୁଣ କୁମାର ଟୁଡୁଙ୍କ ନିର୍ଦ୍ଦେଶରେ ଏଏସଆଇ ବିଜୟକୃଷ୍ଣ ସାନ୍ତରା ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି।

# ଗୋପବନ୍ଧୁନଗର ବ୍ଲକ୍‌ରେ ୫୬୯୩ ଶିଶୁଙ୍କୁ ପୋଲିଓ ବୁନ୍ଦା



କୁଆମରା,୧୨।୧୦(ସମିସ): ଆଜି ଠାରୁ ପଲ୍ସ ପୋଲିଓ ବୁନ୍ଦା ଅଭିଯାନ ଆରମ୍ଭ ହୋଇଛି। ଏହା ତିନି ଦିନ ପର୍ଯ୍ୟନ୍ତ ଚାଲିବ। ତେବେ ଆଜି ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ପୋଲିଓ ବୁନ୍ଦା ଶିଶୁମାନଙ୍କୁ ଦିଆଯାଉଥିବା ବେଳେ ଆସନ୍ତାକାଲିଠାରୁ ୨ ଦିନ ଧରି ଘରକୁ ଘର ବୁଲି ଯେଉଁ ଶିଶୁ ପୋଲିଓ ବୁନ୍ଦା ଖାଇ ନଥିବ ସେଠାରେ ସ୍ୱାସ୍ଥ୍ୟ କର୍ମୀ ପହଞ୍ଚି ବୁନ୍ଦା ଖୁଆଇବାକୁ ପରାମର୍ଶ ଦିଆଯାଇଛି। ଗୋପବନ୍ଧୁ ନଗର ବ୍ଲକର ୮୧,୯୬୧ ଜନ ସଂଖ୍ୟା ଥିବା ବେଳେ ଜନ୍ମରୁ ୫ ବର୍ଷ ମଧ୍ୟରେ ଶିଶୁଙ୍କ ସଂଖ୍ୟା ୫୬୯୩ ଥିବାର ସୂଚନା ରହିଛି। ତେବେ ପୋଲିଓ ବୁନ୍ଦା ପାଇଁ ୧୩ ଟି ପଞ୍ଚାୟତର ମୋଟ ୩୨ଟି କେନ୍ଦ୍ର ଖୋଲା ଯାଇଥିବା ବେଳେ ଖୁଣ୍ଟା ବସ୍‌ଷ୍ଟାଣ୍ଡରେ ଗୋଟିଏ କେନ୍ଦ୍ର ଉପଲବ୍ଧ ହୋଇଛି। ଶତ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବାର ଲକ୍ଷ୍ୟ ରଖା ଯାଇଥିବା ଖୁଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସତ୍ୟଜିତ ଦାସ ସୂଚନା ଦେଇଛନ୍ତି। ତେବେ ଏଥି ନିମନ୍ତେ ସୁପରିଚାଳନା ପାଇଁ ମୋଟ ୧୩୨ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହୋଇଥିବା ବେଳେ ଅଙ୍ଗନବାଡି କର୍ମୀ, ଆଶାକର୍ମୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପୋଲିଓ ବୁନ୍ଦା କାର୍ଯ୍ୟକ୍ରମକୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡା. ସାକିଲା ମୁର୍ମୁ ଓ ଜିଲ୍ଲା ସ୍ୱାସ୍ଥ୍ୟ ପରିଚାଳିକା ଏଲିନା ସାମଲ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

# ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

କୁଆମରା,୧୨।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ଡେଙ୍ଗାମ ପଞ୍ଚାୟତ ବିପ୍ରଚରଣ ପୁର ଗ୍ରାମର ହୀରା ମୁର୍ମୁ (୫୫) ନାମକ ମହିଳାଙ୍କ ମୃତଦେହକୁ ଆଜି ନାଲୁହା ନଦୀରୁ ଉଦ୍ଧାର କରିଛି ପୁଲିସ। ଶନିବାର ହୀରା ନଦୀର ସେପାରିକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ତେବେ କାଠନେଇ ଘରକୁ ଫେରୁଥିବା ବେଳେ ଅସାବଧାନତା ବଶତଃ ନଦୀର ଗଭୀର ଜଳ ମଧ୍ୟକୁ ଯାଇ ସମ୍ଭବତଃ ଆଉ ଆସି ପାରି ନଥିଲେ। ତେବେ ଅପରାହ୍ନ ସୁଦ୍ଧା ହୀରା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ସନ୍ଧାନ ପାଇ ନଥିଲେ। ତେବେ ଆଜି ସକାଳେ ସ୍ଥାନୀୟ ଲୋକେ ନଦୀକୁ ଯାଇଥିବା ବେଳେ ପାଣିରେ କେହି ଭାସୁଥିବାର ଦେଖିବାକୁ ପାଇ ନଦୀପଠାକୁ ଆଣିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉଦଳା ପାଇଥିବା ବେଳେ ଏନେଇ ୬୮/୨୫ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା



ବାରିପଦା,୧୨।୧୦(ସମିସ): ଏଆଇଡିଏସଓ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ରବିବାର ବାରିପଦା ସ୍ଥିତ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ସ୍ଥଳରେ ଏକ ସଭା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପରିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ ସିଦ୍ଧାର୍ଥ ରଥ ମୁଖ୍ୟଅତିଥି ବିଜୟ କୁମାର ଗିରି ଓଡ଼ିଶା ମୟୂରଭଞ୍ଜ କ୍ରୀଡା ଓ କଳା ଶିକ୍ଷକ ସଂଘର ରାଜ୍ୟ ସମ୍ପାଦକ। ସଂଗଠନର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହର୍, ଜିଲ୍ଲା ଅଫିସ୍ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ସିଂରାୟ ଦେଓଗାମ, ମାନସିଂ ହୋ, ବିନୋଦ ନାଏକ, ବାପୁନ୍ ବାନରା, ରଜତ ଉଗ୍ରସାଣ୍ଡି, ବିର୍ସା ଦାସ ଓ ସଦସ୍ୟା ରଶ୍ମିତା ନାଏକ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ୫ ମାସ ହେଲା ଫରେଷ୍ଟର ପଦ ଫାଙ୍କା


କୁଆମରା,୧୨।୧୦(ସମିସ): ଉଦଳା ରେଞ୍ଜ ଅଧୀନ କୁଆମରା ଫରେଷ୍ଟ ଅଫିସରେ ୫ ମାସ ହେଲା ଫରେଷ୍ଟର ପଦ ଫାଙ୍କା ପଡିଛି। ଫଳରେ ସମସ୍ୟା ଦେଖାଦେଇଛି। କୁଆମରା ଫରେଷ୍ଟ ଅଧୀନରେ ଧାଉଁଡିଆ ଓ ଦାମାସାହି ଦୁଇଟି ବିଟ୍ ହାଉସ୍ ରହିଛି। ତେବେ ୧୨ଶହ ହେକ୍ଟରରୁ ଅଧିକ ଜଙ୍ଗଲ ଜମି ରହିଥିବା ବେଳେ ତାହାକୁ ଜଗିବା ପାଇଁ ମାତ୍ର ଦୁଇ ଜଣ ଫରେଷ୍ଟ ଗାର୍ଡ ରହିଛନ୍ତି। ଏଣୁ କିପରି ଜଙ୍ଗଲକୁ ସୁରକ୍ଷା ଦେଉଥିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦାମାସାହି ବିଟ୍ ହାଉସରେ ଦୀର୍ଘଦିନ ଧରି କର୍ମଚାରୀ ପଦ ଫାଙ୍କାପଡିଛି। ଫଳରେ ମାଫିଆଙ୍କ ରାଜ ବଢି ଚାଲିଛି ବୋଲି ଅଭିଯୋଗ ହେଉଛି। ପ୍ରତ୍ୟହ ଜଙ୍ଗଲରୁ କିଛି ନା କିଛି ସ୍ଥାନରୁ ମାଫିଆମାନେ କାଠକାଟୁଥିବାର ଲକ୍ଷ୍ୟ କରାଯାଉଛି। ତତ୍‌ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ମଧ୍ୟ ବାଜି ଲାଗୁଛି। ରାତିରେ ପିକଅପ୍ ଯୋଗେ ଏହି ରାସ୍ତା ଦେଇ ପଡୋଶୀ ଜିଲ୍ଲାକୁ ଅବାଧରେ ଚାଲାଣ ହେଉଛି ମୂଲ୍ୟବାନ କାଠ ବୋଲି ମଧ୍ୟ ଅଭିଯୋଗ ହେଉଛି। ମୟୂରଭଞ୍ଜ ଓ ବାଲେଶ୍ୱର ସୀମାରେ ଏହା ଅବସ୍ଥାପିତ ହୋଇଥିବା ବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଣୁ ଜଙ୍ଗଲର ସ୍ୱାର୍ଥ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ଫରେଷ୍ଟର ପଦ ପୂରଣ କରିବା ସହ ଆବଶ୍ୟକ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ଜଙ୍ଗଲ ପ୍ରେମୀମାନଙ୍କ ପକ୍ଷରୁ ଦାବି ହେଉଛି।

# କୃଷି ବିଜ୍ଞାନ କେନ୍ଦ୍ରରେ ସଚେତନତା ସଭା

କରଞ୍ଜିଆ,୧୨।୧୦(ସମିସ): ଅକ୍ଟୋବର ୧୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ କୃଷି ବିଜ୍ଞାନ ପରିସରରୁ ଟେଲିଭିଜନ ଯୋଗେ ସିଧାପ୍ରସାରଣରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ଯଶିପୁର କୃଷି ବିଜ୍ଞାନକେନ୍ଦ୍ରରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଏବଂ ଡାଲି ଜାତୀୟ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣକୁ ଶତାଧିକ ଚାଷୀ ଭାଇଭଉଣୀ ଦେଖିଥିଲେ। କେନ୍ଦ୍ରର ବୈଜ୍ଞାନିକ ମୁଖ୍ୟ ଡ. ଦୀପକ କୁମାର ମହାନ୍ତି ସେଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଯଶିପୁର ବ୍ଲକ ଉପାଧ୍ୟକ୍ଷା କନକଲତା ଦାସ୍, ଯଶିପୁର ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଲିଙ୍ଗରାଜ ମହାନ୍ତ, କୁସୁମୀ ବ୍ଲକ ବିଡିଓ ତଥା ଭାରପ୍ରାପ୍ତ ରାଇରଙ୍ଗପୁର ଏସ୍‌ଡିଭିଓ ଡ. ପ୍ରେମାନନ୍ଦ ଶତପଥି ଓ ବୈଜ୍ଞାନିକ ଡ. ଶ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ଆର୍ଥିକ ଉନ୍ନତି ସମ୍ପର୍କରେ ସଚେତନ କରାଇଥିଲେ। କୃଷି ଉତ୍ପାଦିତ ସାମଗ୍ରୀରୁ କେନ୍ଦ୍ର ସରକାର ଜିଏସ୍‌ଟି ଛାଡ କରିଥିବାରୁ ଚାଷୀମାନେ ଖୁବ୍ ଲାଭବାନ ହୋଇପାରିବେ ବୋଲି ମଧ୍ୟ ସଚେତନତା ସଭାରେ ଅବଗତ କରାଯାଇଥିଲା। ସାମ୍ବାଦିକ ଦିଲୀପ କୁମାର ସାହୁ ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇଥିଲେ। ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ବିଦ୍ୟୁତଲତା ମଲ୍ଲିକ, କର୍ମଚାରୀ ସତ୍ୟ ନିରଞ୍ଜନ ମିଶ୍ର, ଦେବାଶିଷ ପଣ୍ଡା, ସାମସୁଲ ହୋଦା, ସଦାନନ୍ଦ ମହାନ୍ତ, ଦିପ୍ତୀରଞ୍ଜନ ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ■ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

# ଲିଙ୍ଗଗତ ବୈଷମ୍ୟତା ଦୂରହେଲେ କନ୍ୟା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବେ



ବାରିପଦା,୧୨।୧୦(ସମିସ):

ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବାରିପଦାସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଲିଙ୍ଗଗତ ବୈଷମତାକୁ ଦୂର କରିବା ଓ ମହିଳା ତଥା କନ୍ୟା ସନ୍ତାନମାନେ କିପରି ସମାଜର ପ୍ରତ୍ୟେକ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିପାରିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଅଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଅକ୍ଟୋବର ୧୧ ତାରିଖରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରିଣୀ ସସ୍ମିତା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କନ୍ୟା ସନ୍ତାନମାନେ କିପରି ସମାଜରେ ଆଗକୁ ଆସି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ଓ ସମାଜ ତଥା ପରିବାରରେ ଲିଙ୍ଗଗତ ବୈଷମତାକୁ ଦୂର କରି କିପରି ସବୁ ଝିଅମାନେ ପାଠପଢି ଆଗକୁ ଯାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ସେ ସମ୍ପର୍କରେ ସମସ୍ତ ଅତିଥି ବୃନ୍ଦ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ୨୬ଟି ବ୍ଲକରୁ ୧୨୦ ଜଣ ବାଳିକା ଯୋଗଦେଇଥିଲେ। ବାଳିକାମାନଙ୍କ ଦ୍ୱାରା ଗୀତ, ନାଚ ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମୟୂରଭଞ୍ଜର ଗର୍ବ ରଗ୍‌ବି ଫୁଟବଲ ଖେଳାଳି ପାର୍ବତୀ ହାଁସଦାଙ୍କୁ ସମ୍ମାନିତ କରାଯାଇଥିଲା। ଗଳ୍ପକାହ୍ଣ ମାଧ୍ୟମରେ ବାଳିକାମାନେ ନିଜ ନିଜର ସଫଳ କାହାଣୀ ଓ ନିଜ ଜୀବନର ଲକ୍ଷ୍ୟ ଓ ଚିତ୍ର ମାଧ୍ୟମରେ ବାଳିକା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସିଡିପିଓମାନେ ଯୋଗଦେଇଥିଲେ। ମହିଳା ସଶକ୍ତିକରଣ କେନ୍ଦ୍ରର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରଗ୍‌ବି ଖେଳାଳି ପାର୍ବତୀ ହାଁସଦା ସମ୍ମାନିତ**

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ପ୍ରକୃତି ସବୁବେଳେ ଉତ୍ସାହର ରଙ୍ଗ ପରିଧାନ କରେ।
-ଆର ୱାଲଡୋ ଇମରସନ୍

## ଗଣତନ୍ତ୍ରକୁ ନୋବେଲ୍ ସ୍ୱୀକୃତି

ଗତ ୧୧ ତାରିଖରେ ଆଞ୍ଚଳିକ ଗଣମାଧ୍ୟମରେ ଗଣତନ୍ତ୍ର ସମ୍ପର୍କିତ ଦୁଇଟି ବିପରୀତଧର୍ମୀ ଖବର ପ୍ରକାଶ ପାଇଛି। ଭେନେଜୁଏଲାରେ ଗଣତନ୍ତ୍ର ଶାସନର ପ୍ରତିଷ୍ଠା ପାଇଁ ଦୀର୍ଘବର୍ଷ ଧରି ସଂଗ୍ରାମ କରିଆସୁଥିବା ମାରିନା କୋରିନା ମାଚାଡ଼ୋଙ୍କୁ ଚଳିତ ବର୍ଷର ଶାନ୍ତି ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଅପରପକ୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଆମ ବରଗଡ଼ ଜିଲ୍ଲାର ଜଣେ ସରପଞ୍ଚ ବ୍ୟବସ୍ଥାଚକ୍ରରେ ଅତିଷ୍ଠ ହୋଇ ପଦବୀରୁ ଇସ୍ତଫା ଦେଇଛନ୍ତି ଏବଂ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରୁ ନିଜକୁ ଦୂରେଇ ନେଇ ପୁରୁଣା ପେସା(ଅଟୋଚାଳକ)କୁ ଆପଣେଇ ନେବାକୁ ଉଚିତ ମଣିଛନ୍ତି। ଆନ୍ତର୍ଜାତିକ ଓ ଆଞ୍ଚଳିକ ପରି ଆକାଶପାତାଳସ୍ତରୀୟ ଏହି ଦୁଇଘଟଣାରେ ଅନେକ ସଂଗତି ଓ ବିରୋଧାଭାସ ରହିଛି, ଯାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁଦୂରବିସ୍ତାରୀ ଓ ପ୍ରଭାବଶାଳୀ ସଂକେତ ଦେଉଛି।

ଏହା ଅସ୍ୱୀକାର କରିବାର ନାହିଁ ଯେ 'ଗଣଙ୍କ ଦ୍ୱାରା' ପ୍ରତିଷ୍ଠିତ ଗଣତନ୍ତ୍ର ଆଉ ଗୋଟାପଣେ 'ଗଣଙ୍କର' ନ ହୋଇ ଶାସକ-ସ୍ୱାର୍ଥକୈନ୍ଦ୍ରିକ ହେବାରେ ଲାଗିଛି। ପ୍ରଚ୍ଛନ୍ନ ଅର୍ଥବଳ, ବାହୁବଳ ଓ ଗୋଷ୍ଠୀତନ୍ତ୍ର ପ୍ରଭାବରେ ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଅବାଧ ଓ ସ୍ୱଚ୍ଛ ବୋଲି ଜୋର ଦେଇ କହି ହେଉନାହିଁ। ଆଜିର ଶାସନ ବ୍ୟବସ୍ଥାରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ କାୟାବିସ୍ତାର କରିଚାଲିଥିବାରୁ ସ୍ୱାଭାବିକ ଭାବେ ସ୍ୱଚ୍ଛ, ନିରପେକ୍ଷ, ସାଧୁ, ସଚ୍ଚୋଟ ଜନପ୍ରତିନିଧିଟିଏ ବ୍ୟବସ୍ଥା ଉପରୁ ଆସ୍ଥା ତୁଟାଇ ଦେଉଛି, ଯାହା ବରଗଡ଼ ଜିଲ୍ଲା ବରହାଗୋଡ଼ାରେ ଦେଖିବାକୁ ମିଳିଛି। ଏଭଳି ଘଟଣାର ପୌନଃପୁନିକତା ଯୋଗୁଁ ଗଣତନ୍ତ୍ର ଉପରୁ ଜନତାଙ୍କ ଆସ୍ଥା ଓ ଭରସା ତୁଟି ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଗଣତନ୍ତ୍ରବିରୋଧୀ ମାନସିକତାକୁ ଜନ୍ମ ଦେଉଛି। ତେବେ ସାମ୍ପ୍ରତିକ ବିଶ୍ୱରେ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ବିକଳ୍ପ କ'ଣ? ଏହି ଦ୍ୱନ୍ଦ୍ୱରୁ ମୁକୁଳିବାର ପ୍ରୟାସରେ ମାରିନାଙ୍କ କାହାଣୀ ଏବଂ ତାଙ୍କ ସଂଗ୍ରାମକୁ ନୋବେଲ୍ କମିଟିର ସ୍ୱୀକୃତି ଆଲୋକବର୍ତ୍ତିକାଟିଏ ହୋଇଛି।

ଗଣତନ୍ତ୍ରରୁ ମୁହଁ ଫେରାଇନେବା ବା ପଦପଦବୀରୁ ଓହରିଯିବାର ସମସ୍ୟାର ସମାଧାନ ନୁହେଁ, ବରଂ ବ୍ୟବସ୍ଥା ଭିତରେ ରହି ଆହ୍ୱାନକୁ ସମ୍ମୁଖୀନ ହେବା ହିଁ ସର୍ବୋତ୍କୃଷ୍ଟ ପନ୍ଥା। ଏହି ଅବସରରେ ନୋବେଲ୍ କମିଟି ଉଲ୍ଲେଖ କରିଥିବା ଉକ୍ତି ପ୍ରଣିଧାନଯୋଗ୍ୟ ଏବଂ ସାମ୍ପ୍ରତିକ ବିଶ୍ୱରେ ଅତୀବ ଗୁରୁତ୍ୱପୂର୍ଣ୍ଣ - 'ନିରବ ରହିବାର ବିକଳ୍ପକୁ ପ୍ରତ୍ୟାଖ୍ୟାନ କରିବା, ବିପଦ ଆଶଙ୍କା ସତ୍ତ୍ୱେ ଲଢ଼ିବା ଏବଂ ସ୍ୱାଧୀନତାକୁ କାହାର ଅନୁମୋଦନ ରୂପେ ଗ୍ରହଣ ନ କରିବା ବ୍ୟକ୍ତିଗତ ଚିନ୍ତାଧାରା ଉପରେ ନିର୍ଭରଶୀଳ'। ମେରିଆଙ୍କ ଜୀବନ ମଧ୍ୟ କମ୍ ସଂଘର୍ଷପୂର୍ଣ୍ଣ ନୁହେଁ। ବରହାଗୋଡ଼ା ସରପଞ୍ଚ ଶରତ କୁମ୍ଭାରଙ୍କ ଭଳି ମେରିଆଙ୍କ ଜୀବନ ପ୍ରତି ମଧ୍ୟ ପାଦେ ପାଦେ ବିପଦ ରହିଆସିଛି। ତାଙ୍କ ଉପରେ ଆକ୍ରମଣ ହୋଇଛି, ମାସ ମାସ ଧରି ସେ ଅଜ୍ଞାତବାସରେ ରହିଛନ୍ତି। ତଥାପି ଡରି ନ ଯାଇ ସଂଘର୍ଷ ଜାରି ରଖିଛନ୍ତି। ବୁଲେଟ୍(ଗୁଳି) ନୁହେଁ, ବାଲୋଟ୍(ଭୋଟଦାନ) ହିଁ ଶ୍ରେଷ୍ଠ ଓ ଶକ୍ତିଶାଳୀ - ଏହା ଘୋଷଣଶ ସେ ଦୃପ୍ତ କଣ୍ଠରେ ଏକଚ୍ଛତ୍ରବାଦୀ ଶାସକ ଆଗରେ ବାରମ୍ବାର ଉପସ୍ଥାପନ କରିଛନ୍ତି। ମହିଳା ହୋଇ ମଧ୍ୟ ମେରିଆ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଯେଉଁ ଅସୀମ ଧୈର୍ଯ୍ୟ ଓ ସାହସ ଜୁଟାଇ ପାରିଛନ୍ତି, ତାହାକୁ ନୋବେଲ୍ କମିଟି ସମ୍ମାନ ଜଣାଇଛନ୍ତି। ସାମ୍ପ୍ରତିକ ବିଶ୍ୱରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ହିଁ ସର୍ବଶ୍ରେଷ୍ଠ ବିକଳ୍ପ ଓ ସଦାଜୀବନ୍ତ - ଏହା ପରୋକ୍ଷରେ ନୋବେଲ୍ କମିଟି ୨୦୨୫ ନୋବେଲ୍ ପୁରସ୍କାର ମାଧ୍ୟମରେ ସଙ୍କେତ ଦେଇଛନ୍ତି।

## ଯୁଦ୍ଧବିରତି ଓ ଅର୍ଥନୀତି

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଚାଲିଥିବା ଦୁଇବର୍ଷର ଯୁଦ୍ଧରେ ଆପାତତଃ ବିରାମ ଲାଗିଛି। ବାହୁବଳ, ସାମ୍ପ୍ରଦାୟିକତା ଓ ଅହଂକାରର ଏହି ଲଢ଼େଇରେ ପ୍ରାୟ ୭୦ ହଜାର ନିରୀହ ଜୀବନ ଯିବା ଏବଂ ଯୁଦ୍ଧପୀଡ଼ିତଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯିବା ହିଁ ସାର ହୋଇଛି। ଯୁଦ୍ଧରେ ଭିତ୍ତିଭୂମି ଓ ମାନବିକତାର ଯେଉଁ କ୍ଷୟକ୍ଷତି ଘଟିଲା, ତାହା କୌଣସି ଯୁଦ୍ଧ ପକ୍ଷର ନୁହେଁ, ବରଂ ସମଗ୍ର ବିଶ୍ୱର, ମାନବସଭ୍ୟତାର। ଏଥିପାଇଁ ଉତ୍ତରଦାୟୀ ହେବ କିଏ? ଏହି ପ୍ରଶ୍ନର ଉତ୍ତର କ୍ରିୟା-ପ୍ରତିକ୍ରିୟା ତତ୍ତ୍ୱ ଭିତରେ ସବୁଦିନ ପାଇଁ ଲୁଚିଯିବ। ଯୁଦ୍ଧବିରତିର ଶ୍ରେୟ ଯିଏ ବା ନିଅନ୍ତୁ ନା କାହିଁକି ଏବଂ ତା'ପଛରେ ଯାହା ବି କାରଣ ଥାଉ ନା କାହିଁକି ସମଗ୍ର ଏସିଆ ଭୂଖଣ୍ଡ ପ୍ରତି ଏହା ଏକ ମଙ୍ଗଳପ୍ରଦ।

ଯୁଦ୍ଧବିରତି ମଧ୍ୟପ୍ରାଚ୍ୟ ସହିତ ଭାରତୀୟ ଅର୍ଥନୀତି ପାଇଁ ମଧ୍ୟ ପ୍ରୀତିପ୍ରଦ। ଇସ୍ରାଏଲ୍-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ନୌବାଣିଜ୍ୟ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା। ଲୋହିତ ସାଗରରେ ୟେମେନ୍ ସମର୍ଥିତ ହାଉଥି ଜଳଦସ୍ୟୁମାନଙ୍କର ଆକ୍ରମଣ ଭୟରେ ପଣ୍ୟବାହୀ ଜାହାଜମାନେ 'କେପ୍ ଅଫ୍ ଗୁଡ୍ ହୋପ୍' ପଥ ଦେଇ କାରବାର କରିବାକୁ ପଡୁଥିଲା, ଯାହାଫଳରେ ପରିବହନ ଖର୍ଚ୍ଚ ପ୍ରାୟ ତିନିଗୁଣା ବଢ଼ିଥିଲା। ଯୁଦ୍ଧବିରତି ପରେ ଲୋହିତ ସାଗର ଦେଇ ସୁଏଜ୍ କେନାଲ୍ ପଥ ବିପଦମୁକ୍ତ ହେବା ଆଶା କରାଯାଉଥିବାରୁ ସେହି ପଥ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାର ସବୁଠାରୁ ବଡ଼ ଲାଭ ଭାରତର ରପ୍ତାନୀ ବାଣିଜ୍ୟ ପାଇବ। ୟୁରୋପ, ଆମେରିକା, ଆଫ୍ରିକା, ପଶ୍ଚିମ ଏସିଆକୁ ରପ୍ତାନି ହେଉଥିବା ଭାରତୀୟ କୃଷି, ବୟନ, ଜୋତା, ସାମୁଦ୍ରିକ ଉତ୍ପାଦର ପରିବହନ ମୂଲ୍ୟ ହ୍ରାସ ପାଇଲେ ବିଶ୍ୱ ବଜାରରେ ଚାହିଦା ବଢ଼ିବ, ଯାହାର ଲାଭ ଭାରତୀୟ ଅର୍ଥନୀତିକୁ ମିଳିବ। ତେବେ ଏହାର ସ୍ଥାୟିତ୍ୱ ନିର୍ଭର କରୁଛି ଇସ୍ରାଏଲ-ହମାସ୍ ପ୍ରତ୍ୟର୍ପଣ ଚୁକ୍ତିର କାର୍ଯ୍ୟକାରିତା ଉପରେ। ତେଣୁ ଏବେ ଭାରତର ରପ୍ତାନି ବାଣିଜ୍ୟ କେବଳ ଏକ ଆଶାରେ ରହିଛି।

ପରିକଳ୍ପିତ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପୀୟ କରିଡର ବାସ୍ତବ ରୂପ ନେବା ପର୍ଯ୍ୟନ୍ତ ଏଭଳି ଅନିଶ୍ଚିତତା ଜାରି ରହିବ। ଭାରତର ଆଉ ଏକ ବାଧ୍ୟବାଧକତା ହେଉଛି ଏ ପର୍ଯ୍ୟନ୍ତ ବହିଃବାଣିଜ୍ୟ ବିଦେଶୀ ଜାହାଜ ଉପରେ ନିର୍ଭରଶୀଳ। ସେ ବାବଦରେ ଭାରତରୁ ସାମଗ୍ରିକ ଭାବେ ବାର୍ଷିକ ୭୫୦୦ ଡଲାର ବିଦେଶୀ ଜାହାଜ ଖାତାକୁ ଯାଉଛି। ତେଣୁ ଏ ଦିଗରେ ମଧ୍ୟ ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଏକ ଐତିହାସିକ ବିଡ଼ମ୍ବନା

ଆଇନର ଭୁଲ୍ ତର୍ଜମା, ରୂପାୟନରେ ପ୍ରଶାସନିକ ତ୍ରୁଟି ଏବଂ ଅଭିଯୋଗ ସମାଧାନରେ ସରକାରୀ ଅବହେଳା କିଭଳି ମହତ୍ ଉଦ୍ଦେଶ୍ୟରେ ପ୍ରଣୀତ ଆଇନ୍ ଉପରେ ଖଳନାୟକର ଅପବାଦ ଲଦି ଦିଏ ତାହାର ପ୍ରକୃଷ୍ଟ ଉଦାହରଣ ହେଉଛି ଜଙ୍ଗଲ ସୁରକ୍ଷା ଆଇନ ୨୦୦୬(ଏଫ୍ଆରଏ)। ଜଙ୍ଗଲ ଜମି ଉପରେ ଆଦିମ ଜନଜାତିଙ୍କର ଅଧିକାରକୁ ବୈଧ କରିବା ପାଇଁ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ(ମାନ୍ୟତା ଓ ଜଙ୍ଗଲ ଅଧିକାର)-୨୦୦୬' (ସଂକ୍ଷେପରେ 'ଜଙ୍ଗଲ ଅଧିକାର ଆଇନ-୨୦୦୬) ଦ୍ୱାରା ହିଁ ଅଧିକାଂଶ ବନବାସୀଙ୍କୁ ସେମାନଙ୍କ ପ୍ରକୃତି ମାଆ କୋଳରୁ ବିତାଡ଼ିତ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି।

ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ୨୦୧୯ ଫେବୃୟାରୀ ମାସ ୧୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଲେ ଯେ ଏଫ୍ଆରଏ ଆଧାରରେ ଯେଉଁ ଜନଜାତିମାନେ ଜଙ୍ଗଲ ଜମି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି ତୁରନ୍ତ ସେମାନଙ୍କୁ ଜଙ୍ଗଲରୁ ବିସ୍ଥାପିତ କରାଯାଉ। କିନ୍ତୁ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହେବା ପରେ ରାୟର ପୁନର୍ବିଚାର ଆବେଦନକୁ ନ୍ୟାୟାଳୟ ଗ୍ରହଣ କଲେ ଏବଂ ପ୍ରତ୍ୟାଖ୍ୟାତ ଦାବିଗୁଡ଼ିକର ପୁନର୍ବିଚାର କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଲେ। ଏଥିସହିତ ଜଙ୍ଗଲ ଜମିରେ ଅଧିକାର ଦାବି ଖାରଜ ହୋଇଥିବା ଜନଜାତିଙ୍କୁ ଉଚ୍ଛେଦ ରାୟ ସ୍ଥଗିତ ରହିଲା। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାରମାନେ ଖାରଜ ଦାବିଗୁଡ଼ିକର ପୁନଃସମୀକ୍ଷା କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆଦିମ ଜନଜାତିଙ୍କ ଜଙ୍ଗଲ ସମ୍ପଦ ଉପରେ ଅଧିକାରର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସତ୍ୟତମ ତଥ୍ୟ ଅନୁଯାୟୀ ତେଲଙ୍ଗାନା, ଓଡ଼ିଶା, ଗୁଜରାଟ, ମହାରାଷ୍ଟ୍ର, ଆସାମ୍, କର୍ଣ୍ଣାଟକ, ଝାଡ଼ଖଣ୍ଡରେ ସର୍ବାଧିକ ବିଚାରାଧୀନ ମାମଲା ରହିଛି। ୨୦୨୫ ଜୁନ୍ ୧ ତାରିଖ ସୁଦ୍ଧା ୫୧ ଲକ୍ଷ ୨୩ ହଜାର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଆବେଦନ ଆସିଥିବା ବେଳେ ମାତ୍ର ୨୫ ଲକ୍ଷ ୧୧ ହଜାର ଦାବିକୁ ସ୍ୱୀକୃତି ଦିଆଯାଇଛି। ୭ ଲକ୍ଷ ୪୯ ହଜାର ଦାବି ବିଚାରାଧୀନ ଥିବା ବେଳେ ୧୮ ଲକ୍ଷ ୬୨ ହଜାର ଦାବି ଖାରଜ କରାଯାଇଛି। ତେଲଙ୍ଗାନାରେ ସର୍ବାଧିକ ୩ ଲକ୍ଷ ୨୯ ହଜାର ଦାବି ବିଚାରାଧୀନ ଥିବା ବେଳେ ତା'ପଛକୁ ଓଡ଼ିଶାରେ ୧ ଲକ୍ଷ ୨୦ ହଜାର, ଆସାମ୍‌ରେ ୯୬ ହଜାର, ଗୁଜରାଟରେ ୮୪ ହଜାର, ମହାରାଷ୍ଟ୍ରରେ ୨୮ ହଜାର ଦାବି ବିଚାରାଧୀନ ରହିଛି। ପ୍ରତିଶତ ହିସାବରେ ତର୍ଜମା କଲେ ଗୋଆରେ ସର୍ବାଧିକ ୮୭%, ହିମାଚଳ ପ୍ରଦେଶରେ ୮୪.୫% ଓ ଆସାମରେ ୬୨% ଦାବି ବିଚାରାଧୀନ ରହିଛି।

ଏବେ ଓଡ଼ିଶା ବିଷୟ ଆଲୋଚନା କରିବା। ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ ୧୩ଟି ବିଶେଷ ଭାବରେ ଦୁର୍ବଳ ବା ଅବକ୍ଷୟମୁଖୀ(ପିଭିଟିଜି)। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ଆଦିବାସୀ ଜନସଂଖ୍ୟା ୯୫ ଲକ୍ଷ ୯୦ ହଜାର ୭୫୬ ରହିଥିବା ବେଳେ ମୋଟ ଜନସଂଖ୍ୟାରେ ଏମାନଙ୍କ ଭାଗ ୨୨.୮୫ ପ୍ରତିଶତ। ଓଡ଼ିଶାରେ ଅଦ୍ୟାବଧି ୪.୫୬ ଲକ୍ଷ ଜନଜାତିଙ୍କୁ ଏଫଆରଏ ବଳରେ ବ୍ୟକ୍ତିଗତ ଜମି ପଟ୍ଟା ପ୍ରଦାନ କରାଯାଇଛି। ୧୮ ହଜାର ପିଭିଟିଜି ବର୍ଗର ଜନଜାତିଙ୍କୁ ୩୧ ହଜାର ୫୪୧ ଏକର ଜଙ୍ଗଲ ଜମିରେ ଅଧିକାର ମିଳିଥିବା ବେଳେ ୫ ହଜାର ୮୦୭ ଗାଁକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଏବଂ ୪ ହଜାର ୨୭୮ ଗାଁକୁ ଗୋଷ୍ଠୀ ବନ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି। ବନବାସୀଙ୍କ ୩ ଲକ୍ଷ ୪୨ ହଜାର ୨୮୮ ଟି ଖତିଆନକୁ ସରକାରୀ ନଥିପତ୍ରରେ ରେକର୍ଡଭୁକ୍ତ କରାଯାଇଥିବା ସୂଚନା ମିଳିଛି। ୧ ଲକ୍ଷ ୪୪ ହଜାର ୧୭୫ ହଜାର ଦାବି ନାକଚ ହୋଇଛି। ଦାବି ଉପସ୍ଥାପନ କରିପାରିନଥିବା ଅନେକ ଜନଜାତିଙ୍କ ସଂଖ୍ୟା ଜଣାପଡ଼ିନାହିଁ। ଏହି ସମସ୍ୟାର ସମାଧାନ ବା ଦାବି ପ୍ରତ୍ୟାଖ୍ୟାତ ହୋଇଥିବା ଜନଜାତିଙ୍କୁ ଜଙ୍ଗଲରୁ ଉଚ୍ଛେଦ ଆଦେଶର ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ଏହା ଉପରେ ନିର୍ଭର କରୁଛି ଆଦିମ ଜନଜାତିଙ୍କ ଜଙ୍ଗଲ ଜମି ଉପରେ ସ୍ୱତ୍ତ୍ୱାଧିକାରର ନିଶ୍ଚିତତା ଓ ଭବିଷ୍ୟତ। ସୁଖର କଥା ଇତିମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପତ୍ର ଲେଖି ବିଚାରାଧୀନ ମାମଲାଗୁଡ଼ିକର ତୁରନ୍ତ ଫଏସଲା କରିବା ଏବଂ ଏଫ୍ଆରଏ କାର୍ଯ୍ୟକାରିତାର ଅଗ୍ରଗତି ସମୀକ୍ଷା କରିବା ପାଇଁ କହିଛନ୍ତି।

ଜଙ୍ଗଲ ଜମିରେ ଅଧିକାର ସାବ୍ୟସ୍ତରେ ବିଫଳତା ଓ ସେମାନଙ୍କୁ ଉଚ୍ଛେଦ ଘଟଣା ପଛର ବହୁବିଧ କାରଣମାନଙ୍କ ମଧ୍ୟରୁ ଆଦିବାସୀମାନଙ୍କ ମଧ୍ୟରେ ଆଇନକାନୁନ୍ ସମ୍ପର୍କରେ ଅଜ୍ଞାନତା, ଡିଜିଟାଲ୍ ସାକ୍ଷରତା ଓ ସଚେତନତାର ଅଭାବ, ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳତା, ଦଲାଲରାଜ, ପ୍ରଶାନିକ ତ୍ରୁଟି, ଆଇନକାନୁନ୍ ତର୍ଜମାରେ ଦୁର୍ବଳତା, ରାଜନୈତିକ ପ୍ରଭାବ ଓ ଭୂମିକା ଆଦି ଅନ୍ୟତମ। ଏଫ୍ଆରଏ କାର୍ଯ୍ୟକାରିତାରେ ତ୍ରୁଟି କେବଳ ଆଦିମ ଜନଜାତି ବର୍ଗର ଜଙ୍ଗଲ ଜମି ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ସେମାନଙ୍କ ଭାଷା, ସଂସ୍କୃତି, ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଛି। ଉଦାହରଣ ସ୍ୱରୂପ ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କୁହନ୍ତି। ବିଶେଷଜ୍ଞମାନଙ୍କ ମତରେ ଏହି ଭାଷା ମଧ୍ୟରୁ ୧୩ଟି ବିଲୁପ୍ତପ୍ରାୟ। ସେଥିମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସଉରା, ଗଡ଼ବା, ବଡ଼ଗଡ଼ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ଅନ୍ୟତମ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସଉରା ଅନ୍ତର୍ଭୁକ୍ତ। ସରକାରୀ ତଥ୍ୟ ଅନୁସାରେ ଆଦିବାସୀ ଭାଷାଗୁଡ଼ିକ ମଧ୍ୟରୁ କେତେକ ବିଲୁପ୍ତ ହୋଇ ସାରିଥିବା ବେଳେ ଆଉ କେତେକ ଅତିଶୟ ବିପନ୍ନ ବର୍ଗରେ ରହିଛି। ସଂପୃକ୍ତ ଭାଷାଭାଷୀଙ୍କ ଜନସଂଖ୍ୟା ବିପଜ୍ଜନକ ଭାବେ କମିଗଲେ କିମ୍ବା ବିସ୍ଥାପନ ଯୋଗୁଁ ବାହ୍ୟ ସଂସ୍କୃତି ଓ ଭାଷାର ପ୍ରଭାବ ଅଧିକ ହେଲେ ଭାଷା ମରିଯାଏ। ଏ କ୍ଷେତ୍ରରେ ମଧ୍ୟ ସମାନ କାରଣ ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ତେବେ ଆଦିବାସୀ ମୂଳଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ପୂରଣ ଅସମ୍ଭବ ମନେହୁଏ।

ଏଫ୍ଆରଏ ଆଧାରରେ ଦାବିଗୁଡ଼ିକର ବିଚାର କଲା ବେଳେ କେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଇଛି, ଆଦିବାସୀମାନଙ୍କ ସ୍ୱରକୁ ଗୁରୁତ୍ୱ ଦିଆଯାଇଛି କି ନାହିଁ ବା ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଛି କି ନାହିଁ, ପ୍ରମାଣପତ୍ର ଯୋଗାଡ଼ ପାଇଁ ଆବଶ୍ୟକ ସମୟ ଦିଆଯାଇଛି କି ନାହିଁ, ସେମାନଙ୍କୁ ଆଇନ ବିଷୟରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି କି ନାହିଁ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ବୈଧ ପ୍ରଶାସନିକ ପ୍ରକ୍ରିୟା ଉପରେ ସର୍ବୋଚ୍ଚ ଅଦାଲତ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ମନ୍ତ୍ରଣାଳୟ ଜାତୀୟସ୍ତରରେ କୌଣସି ଏକକ ନିର୍ଦ୍ଦିଷ୍ଟ ନିୟମ ବା ଏକକ ଆଧାର ପ୍ରଣୟନ କରି ନଥିବା ଏବଂ ରାଜ୍ୟମାନେ ଏଫଆରଏ ଉଦ୍ଦିଷ୍ଟ ନିୟମ ଓ ସର୍ତ୍ତାବଳୀ ଅନୁପାଳନ ନ କରି ନିଜସ୍ୱ ଢଙ୍ଗରେ ନିଜ ନିଜ ସୁବିଧା ଅନୁଯାୟୀ ଦାଖଲ ଖାରଜ କରିଥିବା ଜଣାପଡ଼ିଥିଲା। ଜଙ୍ଗଲ ଜମି ଅଧିକାର ଦାବିର ବିଚାର କଲା ବେଳେ ସର୍ବେକ୍ଷଣରେ ତ୍ରୁଟି ରହିଥିବା, ସାଟେଲାଇଟ୍ ଚିତ୍ରର ଉପଯୁକ୍ତ ଅନୁଶୀଳନ କରା ଯାଇନଥିବା ମଧ୍ୟ ସାମ୍ନାକୁ ଆସିଥିଲା। ଏପରିକି ଏହି ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଥିବା ଗ୍ରାମସଭାକୁ ମଧ୍ୟ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବା ଗୁରୁତର ଅଭିଯୋଗ ଆସିଥିଲା। କେତେକ ସ୍ଥାନରେ ଭିତ୍ତିଭୂମି ବିକାଶ ଆଳରେ ବନବାସୀମାନଙ୍କୁ ଜୋରଜବରଦସ୍ତ ବିସ୍ଥାପିତ କରିଦିଆଇଥିବା ଅଭିଯୋଗ ହୋଇଛି।

ଏଫ୍ଆରଏର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗଣତାନ୍ତ୍ରିକ ପଦ୍ଧତିରେ ଜଙ୍ଗଲ ସମ୍ପଦ ପରିଚାଳନାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତରର ଅଧିକାରକୁ ସ୍ୱୀକୃତି ଦେବାରେ ସ୍ୱଚ୍ଛତା ଅବଲମ୍ବନ କରିବା। ଏଫଆରଏ ଏ କଥା ମଧ୍ୟ ସ୍ୱୀକାର କରିଛି ଯେ ଜଙ୍ଗଲ ଜୈବବିବିଧତାର ସୁରକ୍ଷାରେ ଜନଜାତିମାନଙ୍କର ଅବିଚ୍ଛେଦ୍ୟ ଭୂମିକା ଥିବାରୁ ସେମାନଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ଏବଂ ଜଙ୍ଗଲ ସମ୍ପଦ ଉପରେ କର୍ତ୍ତୃତ୍ୱ ପ୍ରଦାନ ଦିଗରେ ଅଗ୍ରାଧିକାର ଦେବା ବିଧେୟ। ଏହାକୁ ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ ହେବ। ଜାତିସଂଘର ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ଏହି ଐତିହାସିକ ବିଡ଼ମ୍ବନାକୁ ସୁଧାରିବା ଦିଗରେ ପଦକ୍ଷେପ ନେବା ବିଧେୟ।

(ସକାଳ ମିଡିଆ ସର୍ଭିସ୍)

## ପଦାର୍ଥ ବିଜ୍ଞାନରେ ନୋବେଲ୍ ୨୦୨୫

# ଆମେରିକାର ଆଧିପତ୍ୟ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ ଅକ୍ଟୋବର ୭ ତାରିଖରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଘୋଷଣା କରିଛି ଯେ ଏହିବର୍ଷ ପଦାର୍ଥବିଜ୍ଞାନରେ ନୋବେଲ୍ ପୁରସ୍କାର ଦିଆଯିବ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାର୍କ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲି), ମିଚେଲ ଡେଭୋରେଟ୍ (ୟେଲ ବିଶ୍ୱବିଦ୍ୟାଳୟ) ଓ ଜନ୍ ମାର୍ଟିନିସ୍ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାଂଟା ବାରବାରା)ଙ୍କୁ। ସେମାନେ ଏକ ବୈଦ୍ୟୁତିକ ସର୍କିଟରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଟନେଲିଂ ଓ ଏନର୍ଜି କ୍ୱାଣ୍ଟାଇଜେସନ୍ ଦେଖାଇ ପାରିଛନ୍ତି।

**କ୍ୱାଣ୍ଟମ୍ ଟନେଲିଂ କ'ଣ?** ସାଧାରଣ ଭାବେ ଯଦି ଆମେ ଏକ ବଲ୍ ଉଚ୍ଚ ପାହାଡ଼ ଉପରକୁ ଫିଙ୍ଗିବା, ତେବେ ଏହା ପାହାଡ଼ ଚଢ଼ିପାରିବ ନାହିଁ, ପଛକୁ ଫେରି ଆସିବ। କିନ୍ତୁ କ୍ୱାଣ୍ଟମ୍ ଦୁନିଆରେ ଏକ କଣିକା ତରଙ୍ଗ ସ୍ୱରୂପର ବ୍ୟବହାର କରି ଏହି ପ୍ରତିବନ୍ଧକ ମାଧ୍ୟମରେ ଅନ୍ୟ ପାର୍ଶ୍ୱକୁ ପହଞ୍ଚିପାରେ। ଏହି ଅଦ୍ଭୁତ ଘଟଣାକୁ କ୍ୱାଣ୍ଟମ୍ ଟନେଲିଂ କୁହାଯାଏ। କ୍ୱାଣ୍ଟମ୍ ବିଜ୍ଞାନର ଅନ୍ୟ ମୌଳିକ ଧାରଣା ହେଉଛି ଏନର୍ଜି କ୍ୱାଣ୍ଟାଇଜେସନ୍, ଯେଉଁଥିରେ ଶକ୍ତି ନିର୍ଦ୍ଦିଷ୍ଟ ସ୍ତରରେ ଥାଏ, ମଝିରେ ନୁହେଁ। ଏହା ଏକ ସିଡ଼ି ଚଢ଼ିବା ପରି ଆପଣ ଏକ ଧାପରେ ଠିଆ ହୋଇପାରିବେ, କିନ୍ତୁ ଧାପ ମଧ୍ୟରେ ନୁହେଁ। ନୋବେଲ୍ ବିଜେତାମାନେ ଏହି ଧାରଣାଗୁଡ଼ିକୁ ଏକ ସୁପରକଣ୍ଡକ୍ଟିଂ ଚିପ୍ ମାଧ୍ୟମରେ ପ୍ରୟୋଗ କରିଛନ୍ତି, ଯେଉଁଥିରେ ଜୋସେଫସନ୍ ଜଙ୍କସନ୍ ବ୍ୟବହାର ହୋଇଛି ଦୁଇଟି ସୁପରକଣ୍ଡକ୍ଟର ମଧ୍ୟରେ ଏକ ପତଳା ଇନସୁଲେଟିଂ ପ୍ରତିବନ୍ଧକ। ଏହି ସର୍କିଟ୍ ମାଧ୍ୟମରେ ଏକ ଅନ୍ତହୀନ ବିଦ୍ୟୁତ ପ୍ରବାହ ଦେଖାଯାଏ, ଯେଉଁଥିରେ କୁପର ଯୋଡ଼ି ଇଲେକ୍ଟ୍ରୋନଗୁଡ଼ିକ ଏକାଠି ଚଳାଚଳ କରନ୍ତି।

୧୯୮୪-୮୫ ମସିହାରେ ବର୍କଲିରେ ଏହି ପରୀକ୍ଷଣ ହୋଇଥିଲା, ଯେଉଁଥିରେ ମାକ୍ରୋସ୍କୋପିକ୍ ଧାରଣାରେ କ୍ୱାଣ୍ଟମ୍ ଟନେଲିଂ ଓ ଶକ୍ତି ପରିମାଣୀକରଣ ଦେଖାଯାଇଥିଲା। ଏହି ଅନୁସନ୍ଧାନ କ୍ୱାଣ୍ଟମ୍ ୨.୦ ବିପ୍ଳବର ମୂଳ ଅଂଶ ଭାବେ ଗଣ୍ୟ, ଯେଉଁଥିରେ କ୍ୱାଣ୍ଟମ୍ ଧାରଣାଗୁଡ଼ିକୁ ସୂଚନା ପ୍ରକ୍ରିୟାକରଣ, ସେନ୍ସିଂ ଓ ଯୋଗାଯୋଗରେ ବ୍ୟବହାର କରାଯିବା ସମ୍ଭାବନା ଅଛି। ଏହି ଆବିଷ୍କାର ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କ୍ରିପ୍ଟୋଗ୍ରାଫି, ଔଷଧ ଆବିଷ୍କାର ଓ ଜଟିଳ ପ୍ରଣାଳୀ ମଡେଲିଂରେ ଅଭିନବ ଅଗ୍ରଗତି ହେବା ଆଶା ରହିଛି। ଏହା ପ୍ରମାଣ କରିଛି ଯେ ପୁରୁଣା ବିଜ୍ଞାନ ଧାରଣା ମଧ୍ୟ ନୂତନ ଆବିଷ୍କାରରେ ଅଦ୍ଭୁତ ଅବତାର ନେଇପାରେ।

ଉପରୋକ୍ତ ବିଶ୍ଳେଷଣରେ ମୁଁ କିଛି ଧାରଣା ବ୍ୟବହାର କରିଛି, ଯାହା ବୈଜ୍ଞାନିକମାନଙ୍କ ନାମରେ ନାମିତ ହୋଇଛି। ଯେଉଁମାନଙ୍କ ଅବଦାନ ଉପରେ ଦୃଷ୍ଟି ବିନା ଉପର ଲିଖିତ ତଥ୍ୟ ଅବୁଝା ରହିବ। ଯେଉଁମାନଙ୍କ ଅବଦାନ ଉପରେ ଚଢ଼ି ଆଜିର ଏହି ପୁରସ୍କାର ବିଷୟ ସ୍ୱୀକୃତି ପାଇଛି ସେମାନଙ୍କୁ ମନ ପକାଇବା ଏହିକ୍ଷଣରେ ଉଚିତ ହେବ। ଜୋସେଫସନ୍ ଜଙ୍କସନ୍ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବ୍ରାଏନ୍ ଜୋସେଫସନ୍‌ଙ୍କ ନାମରେ ନାମିତ ହୋଇଛି। ଏହା ୧୯୬୦ ମସିହାରେ ଆବିଷ୍କୃତ ହୋଇଥିଲା। ଏହାକୁ ନୋବେଲ୍ ପୁରସ୍କାର ଦ୍ୱାରା ସ୍ୱୀକୃତି ଦିଆଯାଇଥିଲା। କିନ୍ତୁ ଅନ୍ୟ ଜଣେ ନୋବେଲ୍ ପୁରସ୍କାର ବିଜେତା ଜନ୍ ବାର୍ଡିନ୍ ଏହାର ଦୃଢ଼ ବିରୋଧ କରିଥିଲେ। ବାର୍ଡିନ୍ ପଦାର୍ଥ ବିଜ୍ଞାନରେ ଦୁଇଥର ନୋବେଲ ପୁରସ୍କାର ପାଇଛନ୍ତି। ପ୍ରଥମ ଥର ଉଇଲିଅମ ଶକଲି ଏବଂ ୱାଲଟେର ୱାଲଟର ବ୍ରାଟାନ ସହ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ନିମନ୍ତେ ଏବଂ ଦ୍ୱିତୀୟ ଥର ଅତିସୁପରିବାହୀ ପଦାର୍ଥରେ ତାତ୍ତ୍ୱିକ ଗବେଷଣା ନିମନ୍ତେ ତାଙ୍କର ପୋଷ୍ଟଡକ ଏଲ, ଏନ. କୁପର ଏବଂ ଡକ୍ଟୋରେଟ ଛାତ୍ର ଜେ. ଆର. ସ୍ରିଫରଙ୍କ ସହ।

ଆମେ ଅର୍ଦ୍ଧପରିବାହୀ ଚିପ୍ସ ବିଷୟରେ ଜାଣୁ। କିନ୍ତୁ ବର୍ତ୍ତମାନର ପୁରସ୍କାର ସୁପରକଣ୍ଡକ୍ଟିଂ ଚିପ୍ସକୁ ସ୍ୱୀକୃତି ଦେଇଛି। ସୁପରକଣ୍ଡକ୍ଟିଭିଟିର କାର୍ଯ୍ୟକାରିତା ଆମେରିକୀୟ ବୈଜ୍ଞାନିକ ଏବଂ ନୋବେଲ ପୁରସ୍କାର ବିଜେତା ଏଲ.ଏନ. କୁପରଙ୍କ ନାମରେ ନାମିତ ଇଲେକ୍ଟ୍ରୋନ ଯୋଡ଼ି ଉପରେ ନିର୍ଭର କରେ। ଏହାକୁ କୁପର ଯୋଡ଼ି କୁହାଯାଏ। ଏହି ଯୋଡ଼ିମାନଙ୍କ ଦୁଇଟି ଅତିସୁପରିବାହୀ ପଦାର୍ଥ ମଧ୍ୟରେ ଥିବା ପତଳା ଇନ୍ସୁଲେଟିଙ୍ଗ ପ୍ରତିବନ୍ଧକ ଦେଇ ଟାନେଲିଙ୍ଗକୁ ଜୋସେଫସନ୍ ଟନେଲିଂ କୁହାଯାଏ। ସୁପରକଣ୍ଡକ୍ଟିଂ ଜଙ୍କସନରେ ଟନେଲ ପ୍ରଣାଳୀ ରସିଆନ୍ ବୈଜ୍ଞାନିକ ଲେଭ୍ ଗୋର୍କୋଭଙ୍କ କାର୍ଯ୍ୟ ଦ୍ୱାରା ବୁଝାଯାଇଥିଲା, ଯାହା ବାର୍ଡ଼ିନ ଅବଗତ ନ ଥିବାରୁ ସେ ଜୋସେଫସନ୍ ଟନେଲିଂକୁ ପ୍ରାଥମିକ ଅବସ୍ଥାରେ ବିରୋଧ କରିଥିଲେ।

ବିଜ୍ଞାନ ଏକ ଏକପାଖିଆ ପ୍ରବାହ ନୁହେଁ। ଏହା କୌତୁହଳରୁ ଆସେ। ଏହା ବିବାଦ ଏବଂ ସହଯୋଗରୁ ଦୃଢ଼ୀଭୂତ ହୁଏ। ଏହା କନିଷ୍ଠମାନଙ୍କୁ ବରିଷ୍ଠଙ୍କଠାରୁ ପୃଥକ କରେ ନାହିଁ। ପ୍ରତ୍ୟେକ ସହଯୋଗୀଙ୍କ ଅର୍ଥପୂର୍ଣ୍ଣ ଅବଦାନକୁ ଗମ୍ଭୀରତାର ସହିତ ନିଏ। ଏହି ବର୍ଷର ନୋବେଲ ପୁରସ୍କାର ଏହି ଭାବନାକୁ ଦୃଢ଼ୀଭୂତ କରିଛି। ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଜ୍ଞାନରେ ଆମେରିକୀୟ ବିଶ୍ୱବିଦ୍ୟାଳୟମାନଙ୍କ ଶ୍ରେଷ୍ଠତା। ଏହି ଶ୍ରେଷ୍ଠତା ପାଇଁ ଅନ୍ୟ ଦେଶରୁ ଯାଇ ଆମେରିକାରେ ଗବେଷଣା କରୁଥିବା ବୈଜ୍ଞାନିକମାନଙ୍କ ଅବଦାନ କିଛି କମ ନୁହେଁ। ଲୌହ ପରଦା ଭିତରେ ବିଜ୍ଞାନ ସମ୍ଭବ ନୁହେଁ। ପୁନଶ୍ଚ ଅତିମାତ୍ରାର ଧାର୍ମିକ ହୋଇ ଅନ୍ଧଭାବନାକୁ ପ୍ରଶ୍ରୟ ଦେବା ବିଜ୍ଞାନକୁ ଗତିରୋଧ କରେ। ଟେକ୍ନୋଲୋଜି ବିଜ୍ଞାନରୁ ଆସିଛି। ତେଣୁ ମୌଳିକ ଗବେଷଣା ପ୍ରୟୋଗାତ୍ମକ ଉପଲବ୍ଧିର ଚାପରେ ହଜି ଯିବା ଉଚିତ ନୁହେଁ। କେବଳ ଢେଣ୍ଢୁରା ପିଟିଲେ କେହି ବିଶ୍ୱଗୁରୁ ହୋଇପାରିବ ନାହିଁ। ପୁରାତନ ଜ୍ଞାନକୁ ଅତିମାତ୍ରାରେ ଖୋଦନ କରି ଆମେ ଶ୍ରେଷ୍ଠତା ଦେଖାଇ ପାରିବା ନାହିଁ। ନୂତନ ଜ୍ଞାନର ଆହ୍ୱାନର ସମ୍ମୁଖୀନ ହୋଇ ଆମେ ବିଜ୍ଞାନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସଫଳତା ହାସଲ କରିପାରିବା।

(ପ୍ରାକ୍ତନ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଅଗରା

ସୌଭାଗ୍ୟସୁନ୍ଦର

ମେକ୍ସିକୋ ଓ ଉଷ୍ମମଣ୍ଡଳୀୟ ଆମେରିକାର କେତେକ ଅଞ୍ଚଳର ଅଗରା ଏକ ମୂଳ ଉଦ୍ଭିଦ। ଏହା ବର୍ତ୍ତମାନ ବିଶ୍ୱର ଅନେକ ସ୍ଥାନରେ ବ୍ୟାପକ ଭାବରେ ପ୍ରାକୃତିକୀକରଣ ହୋଇଛି। ଏହି ଉଦ୍ଭିଦ ପ୍ରାରମ୍ଭରେ ଏକ ଆଳଙ୍କାରିକ ଓ ଔଷଧି ଉଦ୍ଭିଦ ଭାବରେ ପ୍ରଚଳିତ ହୋଇଥିଲା। ଭାରତରେ ରଙ୍ଗର ପର୍ବ ହୋଲିକା ଦହନ ସମୟରେ, ଅଗରା ଫୁଲ ପୂଜା ପାଇଁ ଅର୍ପଣ କରାଯାଏ। ଅଗରା ବିଭିନ୍ନ ପ୍ରାକୃତିକ ଆବାସସ୍ଥାନରେ ଅନୁକୂଳିତ ହୁଏ ଏବଂ ଚାଷ ଯୋଗ୍ୟ ଜମି, ଚରା ଭୂମି ଓ ଅପଚୟ ସ୍ଥାନ, ରାସ୍ତା କଡ଼, ରେଳପଥ ଓ ବାଡ଼ ଧାଡିରେ ଏକ ଅନାବନା ତୃଣ ବା କ୍ଷୁପ ଭାବରେ ଦେଖାଯାଏ। ଏହି କଣ୍ଟାଯୁକ୍ତ ତୃଣ ସମୁଦ୍ର ସ୍ତରରୁ ୩, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ବଢ଼ିଥାଏ।

ସର୍ବାଧିକ ୧୫୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ତୃଣର କାଣ୍ଡ ସିଧା, ଶାଖାଯୁକ୍ତ, ଫିକା ନୀଳ-ସବୁଜ ବର୍ଣ୍ଣ। ପତ୍ରଗୁଡ଼ିକ ଡେମ୍ଫ ବିହୀନ, ୧୫ ସେମି ପର୍ଯ୍ୟନ୍ତ ଲମ୍ବା, କଣ୍ଟାଯୁକ୍ତ ଧାର ସହିତ ଗଭୀର ଭାବରେ ବିଭାଜିତ ହୋଇଥାଏ। ଫୁଲଗୁଡ଼ିକ ଉଭୟ ଲିଙ୍ଗୀ, ପୀତ କିମ୍ବା ଧଳା ବର୍ଣ୍ଣ, ୬ ପାଖୁଡ଼ାବିଶିଷ୍ଟ। ଫଳ କଣ୍ଟାଯୁକ୍ତ, ଅଣ୍ଡାକାର ଓ ଅନେକ ବୀଜ ଧାରଣ କରେ। ବିହନ ମୁକ୍ତ କରିବା ପାଇଁ ଅଗ୍ରଭାଗରେ ଖୋଲା ରହେ। ବିହନଗୁଡ଼ିକ ମାଟିଆ-କଳା, ପ୍ରାୟ ଗୋଲାକାର, ତେଲିଆ।

ଭାରତରେ ପାରମ୍ପରିକ ଭାବରେ ଜଣ୍ଡିସ୍ ଚିକିତ୍ସା ପାଇଁ ଅଗରା ବ୍ୟବହାର କରାଯାଏ। ଏହି ଉଦ୍ଭିଦର ବୈଜ୍ଞାନିକ ନାମ ଆର୍ଜେମୋନ୍ ମେକ୍ସିକାନା। 'ଆର୍ଜେମୋନ୍' ଶବ୍ଦଟି ଗ୍ରୀକ୍ ଶବ୍ଦ 'ଆର୍ଜେନା' ରୁ ଆସିଛି, ଯାହାର ଅର୍ଥ 'ଚକ୍ଷୁର ମୋତିଆବିନ୍ଦୁ'; ମେକ୍ସିକାନା ଶବ୍ଦଟି ମେକ୍ସିକୋରୁ ଏହାର ଉତ୍ପତ୍ତିକୁ ସୂଚିତ କରେ। ବିହନରୁ ବାହାରିଥିବା ତରଳ ରସ ଏବଂ ତେଲକୁ ଔଷଧୀୟ ଗୁଣ ବିଶିଷ୍ଟ ବୋଲି କୁହାଯାଏ। ପ୍ରସବ ପରେ ବୃକକ୍ ଯନ୍ତ୍ରଣା ଦୂର କରିବା ପାଇଁ ଏଥିରୁ ଏକ ପାନୀୟ ପ୍ରସ୍ତୁତ କରାଯାଏ। ପରିସ୍ରା କରିବାରେ ଅସୁବିଧା ହେଉଥିବା ପିଲାମାନଙ୍କୁ ପତ୍ରର ରସ ସହିତ ପାନୀୟ ଦିଆଯାଏ। ଏଥିସହିତ ଆଜ୍ମା, ମ୍ୟାଲେରିଆ, ପେଟଯନ୍ତ୍ରଣା, ଦାନ୍ତବିନ୍ଧା, କୋଷ୍ଠକାଠିନ୍ୟ, ବାତ ଆଦି ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ।

ଏହି କ୍ଷୁପଟି ଷ୍ଟାଫିଲୋକୋକସ୍ ଅରିଅସ୍, ଏସ. ଆଗାଲେକ୍ଟିଆଏଇ ଓ ଏସଚେରିଚିଆ କୋଲି ବିରୁଦ୍ଧରେ ଆଣ୍ଟିବାୟୋଟିକ୍ ଭାବରେ କାର୍ଯ୍ୟ କରେ। ଅଗରାରେ ପ୍ରୋଟୋପିନ୍, ସାଙ୍ଗୁଇନାରିନ୍, ଡାଇହାଇଡ୍ରୋସାଙ୍ଗୁଇନାରିନ୍, ଆଇସୋକ୍ୱିନୋଲାଇନ୍ ଯଥା ଡିହାଇଡ୍ରୋକୋରିଡାଲମାଇନ୍, ଜାଟ୍ରୋରାଇଜିନ୍, କଲମ୍ବାମାଇନ୍ ଓ ଅକ୍ସିବରବେରିନ୍, ଇତ୍ୟାଦି ଆଲକାଲଏଡ୍ ଥାଏ। ଏହି ଗଛରେ ଆର୍ଜେମେକ୍ସିକାଏନ୍ସ ଇ ଓ ଇ, ଆର୍ଜେମୋନିନ୍ (ଘ ମେଥ୍ ପାଭାଇନ୍), ଆର୍ଜେପାଭାଇନ୍, ଡ ଉଐ ୩ ଆର୍ଜେପାଭାଇନ୍, ଆର୍ଜେମେକ୍ସିରିନ୍, ଆର୍ଜେନାକ୍ସିନ୍, ଆର୍ଜେମେକ୍ସିକାଏନ୍ସ ଇ ଓ ଇ (ପ୍ରୋଟୋପିନ୍ ପ୍ରକାର), କୋପ୍ଟିସାଇନ୍, କ୍ରିପ୍ଟୋପିନ୍, ଆଲୋକ୍ରିପ୍ଟୋପିନ୍ ଓ ଚେଲେରିଥ୍ରାଇନ୍ ଭଳି ଅନେକ ଆଲକାଲଏଡ୍ ମଧ୍ୟ ମିଳିଛି।

ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ। ଏହାକୁ ଖାଇବା ଦ୍ୱାରା କୁଣ୍ଡାଇ, ନିମୋନିଆ ମାୟୋକାର୍ଡାଇଟିସ୍, କଞ୍ଜେଷ୍ଟିଭ୍ ହୃଦ୍ ବିଫଳତା, ଆସାଇଟ୍ସ, ସାର୍କଏଡ୍ ପରି ଚର୍ମ ପରିବର୍ତ୍ତନ, ଆଲୋପେସିଆ, ହେପାଟୋମେଗାଲି ହୋଇପାରେ। ଅଗରା ବିହନ ଦେଖିବାକୁ ସୋରିଷ ବିହନ ଭଳି। ଫଳସ୍ୱରୂପ, ଅଗରା ବିହନକୁ ସୋରିଷରେ ମିଶାଇ ଅପମିଶ୍ରଣ କରାଯାଏ, ଯାହା ଏହାକୁ ବିଷାକ୍ତ କରିଦିଏ। ଭାରତରେ ଅଗରା ତେଲକୁ ସୂର୍ଯ୍ୟମୁଖୀ ତେଲ ଏବଂ ତିଳ ତେଲ ସହିତ ମିଶ୍ରିତ କରାଯାଏ। ବିଶେଷକରି ଭାରତରେ ଅଗରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଏବଂ ଏହାର କଣ୍ଟାଯୁକ୍ତତା ଯୋଗୁଁ ଜୀବିକା ନିର୍ବାହ କରୁଥିବା ଚାଷୀଙ୍କ ପାଇଁ ଏକ ସମସ୍ୟା। ଏସିଆ, ଆଫ୍ରିକା, କାରିବିଆନ ଏବଂ ଆମେରିକା ଏବଂ ଓସେନିଆର ଅନେକ ଦେଶରେ ଏହାକୁ ଆକ୍ରମଣାତ୍ମକ କ୍ଷୁପ ଭାବରେ ଉଲ୍ଲେଖ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ, ଅଗରାକୁ ଜାତୀୟ ପରିବେଶ ପରିଚାଳନା: ଜୈବ ବିବିଧତା ଆଇନରେ ଆକ୍ରମଣକାରୀ ଭାବରେ ବର୍ଗୀକୃତ କରାଯାଇଛି। ଅପରପକ୍ଷରେ ପଶ୍ଚିମ ଆଫ୍ରିକାରେ ଏହା ଏକ ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ। ଏହାକୁ ଏହାର ବିହନ ତେଲ ପାଇଁ ଚାଷ କରାଯାଏ, ଯାହା ସାବୁନ ଉତ୍ପାଦନ ଏବଂ ଇନ୍ଧନ ପାଇଁ ବ୍ୟବହୃତ ହୁଏ।କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରଣ୍ଡାରେ ପୁଣି ମାଓ ହିଂସା

## ଆଇଇଡି ବିସ୍ଫୋରଣରେ ଉଡ଼ାଇଲେ ମୋବାଇଲ ଟାୱାର

ରାଉରକେଲା,୧୨।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ପଶ୍ଚିମସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଗତକାଲି ମାଓବାଦୀମାନେ ପୁଣିଥରେ ଉଚ୍ଚଶକ୍ତି ଆଇଇଡି ବିସ୍ଫୋରଣ କରି ଏକ ମୋବାଇଲ୍



ଟାୱାର୍ ଉଡ଼ାଇ ଦେଇଛନ୍ତି। ଦୁଇ ଦିନ ତଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ କମ୍ପିରତ ୬୦ ବାଟାଲିୟନ୍ ସିଆର୍‌ପିଏଫ୍‌ର ଜଣେ ହେଡ୍ କନେଷ୍ଟବଳ ସହିଦ ହେବା ସହ ଦୁଇଜଣ ସିଆରପିଏଫ୍ ଅଧିକାରୀ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନେ ନୂଆଦିଲ୍ଲୀର ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଗତରାତିରେ ପୁଣି ଲାଲଆତଙ୍କୀମାନଙ୍କ ବର୍ବରତା ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଝାଡ଼ଖଣ୍ଡର ଛୋଟନାଗରା ଥାନା ଅଞ୍ଚଳ ସରଣ୍ଡା ଜଙ୍ଗଲର କୋଲବୋଙ୍ଗା ଗାଁରେ ପହଞ୍ଚିଥିଲେ। ପରେ ସେଠାରେ ଥିବା ଏୟାରଟେଲ ମୋବାଇଲ୍ ଟାୱାର ନିକଟରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ କରିଥିଲେ। ଫଳରେ ମୋବାଇଲ ଟାୱାରଟି ସମ୍ପୂର୍ଣ୍ଣ ଧରାଶାୟୀ ହେବା ସହ ଧ୍ୱଂସ ହୋଇ ଯାଇଥିଲା। ଏତଦ୍‌ବ୍ୟତୀତ ନକ୍ସଲମାନେ ଟାୱାର ତଳେ ଥିବା ଜେନେରେଟର ସେଟ୍ ଏବଂ ଅନ୍ୟାନ୍ୟ ଉପକରଣକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ହିଂସା ଘଟାଇ ମାଓବାଦୀ ସେମାନଙ୍କର ଦୃଢ଼ ଉପସ୍ଥିତିକୁ ଜାହିର କରିଛନ୍ତି। ମାଓବାଦୀଙ୍କ ଦ୍ୱାରା ହୋଇଥିବା ଏହି ଆତଙ୍କଜାକ ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି। ଟାୱାର ପୋଡ଼ିବା ପରେ ମାଓବାଦୀମାନେ ସରକାର ବିରୋଧୀ ସ୍ଲୋଗାନ୍ ଦେଇ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଯାଇଥିଲେ। ସେପଟେ, ଘଟଣା ସମ୍ପର୍କରେ ସୂଚନା ପାଇ ଝାଡ଼ଖଣ୍ଡ ପୁଲିସ ଏବଂ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ଅଞ୍ଚଳରେ ଏବେ କମ୍ବିଂ ଅଭିଯାନକୁ ଆହୁରି ଜୋରଦାର୍ କରାଯାଇଛି।

## ବିସ୍ଫୋରଣରେ ଆହତ ହାତୀର ଚିକିତ୍ସାଧୀନ ମୃତ୍ୟୁ

ରାଉରକେଲା,୧୨।୧୦(ସମିସ): ସରଣ୍ଡା ଜଙ୍ଗଲରେ ୪ ଦିନ ତଳେ ଆଇଇଡି ବିସ୍ଫୋରଣରେ ଏକ ମାଈହାତୀ ଗୁରୁତର ହୋଇଥିଲା। ହାତୀର ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ମନୋହରପୁର ବନ ବିଭାଗ ଓ ପ୍ରାଣୀଧନ ଚିକିତ୍ସକ ହାତୀର ଚିକିତ୍ସା ଜାରି ରଖିଥିଲେ। ବନ କର୍ମଚାରୀ ହାତୀ ଉପରେ ନଜର ରଖିଥିଲେ। ମାତ୍ର ଶନିବାର ବିଳମ୍ବିତ ରାତିରେ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରବିବାର ସକାଳେ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ସେହି ସ୍ଥାନରେ ପୋତି ଦିଆଯାଇଛି।

## ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ

# ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୦(ସମିସ): ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ। ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ; ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ, ଯିଏ ଅନ୍ଧବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାର ଆହ୍ୱାନର ସାମ୍ନା କରିବାକୁ ସାହସ କରିଥିଲେ। ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା। ସ୍ୱାମୀ



ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଆର୍ଯ୍ୟ ସମାଜ ଏକ ନୂଆ ବାର୍ତ୍ତା ଦେଇଥିଲା। ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ଓ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

# ଅପରାଧୀ ଦିଲ୍ଲୀପ ଓ ସିମ୍ଫୁଙ୍କୁ ଜେରା

ବ୍ରହ୍ମପୁର,୧୨।୧୦(ସମିସ): ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ମୂଳରେ ପହଞ୍ଚିବା ପାଇଁ ପୁଲିସ ଦୁର୍ଦ୍ଧାନ୍ତ ଅପରାଧୀ, ଆଇନଜୀବୀ, କର୍ପୋରେଟର୍, ଯବାନଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରୁଛି। ଏହାସହ ପୀତବାସଙ୍କ ମୋବାଇଲରୁ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେହି ତଥ୍ୟ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ଆଜି ପୁଲିସ କିଛି ପୁରୁଣା ହତ୍ୟା ମାମଲାରେ ଜଡ଼ିତ ଅପରାଧୀଙ୍କୁ ଡାକି ପଚରାଉଚରା କରିଛି।

**କଟକ ଓ ଆଖପାଖ ଅଞ୍ଚଳରେ ପୁଲିସର ତନାଘନା**

ପୀତବାସ ନିଜ ଗାଁରେ କିଛି ଲୋକଙ୍କ ସହ ଶତ୍ରୁତା ରହିଥିଲା କି, ପୀତବାସଙ୍କ ସହ କାହାର ମାରପିଟ କେବେ ହୋଇଥିଲା କି, ପୀତବାସ କାହାକୁ ବେଶି ବିଶ୍ୱାସ କରି ସବୁକଥା ସେୟାର କରୁଥିଲେ, ସେନେଇ ମଧ୍ୟ ପୁଲିସ ପରିବାର ଲୋକେ ଓ କିଛି ପୀତବାସଙ୍କ ବନ୍ଧୁଙ୍କୁ ପଚରାଉଚରା କରିଛି। ପୁଲିସ ହାତରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିବା ପରେ ପୁଲିସ ଟିମ୍ କଟକ ଓ ଏହାର ଆଖପାଖ ଅଞ୍ଚଳରେ ଆଜି ଛାନଭିନ କରୁଥିବା ଜଣାପଡ଼ିଛି। ଯଦି ପୁଲିସ ସେଠାରେ ସଫଳତା ପାଏ ତେବେ ପୀତବାସ ହତ୍ୟା ମାମଲାର କାରଣ ସ୍ପଷ୍ଟ ହେବ। ବ୍ରହ୍ମପୁର ଏସପି ନିଜେ ୬ଟି ଟିମକୁ ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ଆମ୍ବପୁଆ ପୁଲିସ ରିଜର୍ଭ ବାରାକ୍‌ରେ ଅପରାଧୀ ଦିଲ୍ଲୀପ ଓ ସିମ୍ଫୁଙ୍କୁ ପୁଲିସ ଅଧିକାରୀମାନେ ଜେରା କରୁଥିବା ଜଣାପଡ଼ିଛି।

## ■ ପାଣି ଭିତରେ ବଲ୍ ଖେଳ ହେଲା କାଳ

# ପାଣିରେ ବୁଡି ଜଣେ ମୃତ; ଜଣେ ନିଖୋଜ

ଫୁଲନଖରା,୧୨।୧୦(ସମିସ): ୪୨ମୌଜା ବସନ୍ତ କୁଣ୍ଡଳ ନିକଟସ୍ଥ କାଠଯୋଡି ସିଡୁଆ ନଦୀରେ ଦୁଇ ଜଣ ନାବାଳକ ବୁଡି ଯାଉଥିବାର ଦେଖି ସ୍ଥାନୀୟ କିଛି ଲୋକ ଜଣକୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ



ନିଖୋଜ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ରବିବାର ଛୁଟି ଦିନ ଥିବାରୁ ଦିନ ପ୍ରାୟ ୧୧ଟା ସୁଦ୍ଧା କୁଳସରିଚୁଆଁ ନିକଟସ୍ଥ ଦେବୀ ନଦୀକୁ ଦୁଇ ସାଙ୍ଗ ଗୁରୁ ପ୍ରସାଦ ନାୟକ (୧୪) ଓ ସାଇଶୁଭମ୍ ବାରିକ(୧୪) କ୍ରିକେଟ୍ ବଲ୍ ନେଇ ଗାଧୋଇବାକୁ ଆସିଥିଲେ। ପାଣି ଭିତରେ ହସଖୁସିରେ ବଲ୍ ଫୋପଡା ଫୋପଡି ଖେଳୁଥିଲେ। ବଲ ଫୋପଡା ଫୋପଡି ଖେଳୁଥିବା ସମୟରେ ବଲ୍‌ଟି ଗଭୀର ଜଳ ଭିତରକୁ ଚାଲି ଯାଇଥିଲା। ଉଭୟେ ବଲ୍‌ଟି ଆଣିବାକୁ ଯାଇ ଗଭୀର ପାଣି ଭିତରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ପିଲା ଦୁଇଟି ବୁଡି ଯାଉଥିବାର ଦେଖି ଗୁରୁ ପ୍ରସାଦକୁ ପାଣିରୁ ଉଦ୍ଧାର କରିଥିବା ବେଳେ ସାଇଶୁଭମ୍ ପ୍ରଖର ସ୍ରୋତରେ ନିଖୋଜ ହୋଇଯାଇଥିଲା। ଉଦ୍ଧାର କରାଯାଇଥିବା ଗୁରୁପ୍ରସାଦକୁ ତୁରନ୍ତ ବଡ ମେଡିକାଲ୍‌କୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ବେଳେ କଟକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଜଣକୁ ଖୋଜାଖୋଜି କରିଥିଲେ। ମେଡିକାଲ୍‌ରେ ପହଞ୍ଚିବା ପରେ ସେଠାରେ ଡାକ୍ତର ଗୁରୁପ୍ରସାଦଙ୍କୁ ମୃତ ଘୋଷଣା କରିଥିଲେ। ସଂଧ୍ୟା ୫ଟା ସୁଦ୍ଧା ସାଇ ଶୁଭମଙ୍କର କୌଣସି ସନ୍ଧାନ ମିଳି ନ ଥିବା ବେଳେ ବସନ୍ତକୁଣ୍ଡଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ନୂଆପଡ଼ାରେ ବିଜେପି ହିଁ ବିଜେପିକୁ ହରାଇବ

# ବସନ୍ତ ପଣ୍ଡା କଂଗ୍ରେସକୁ ସହଯୋଗ କରିବେ: ସୁର

ଭୁବନେଶ୍ୱର,୧୨।୧୦(ସମିସ): ଜୟ ଢୋଲକିଆଙ୍କୁ ଦଳରେ ସାମିଲ କରିଥିବା ଯୋଗୁଁ ବିଜେପିର କ୍ଷତି ହେବ। ନୂଆପଡ଼ାରେ ବିଜେପିକୁ ବିଜେପି ହିଁ ହରାଇବ। ବିଜେଡିରୁ ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ଜୟ ଢୋଲକିଆଙ୍କ ପାଇଁ ଲୋକଙ୍କ ମନରେ

**■ ବିଜେଡି ଛାଡ଼ିଥିବାରୁ ଜୟଙ୍କୁ ମିଳିବନି ଅନୁକମ୍ପା ଭୋଟ୍: ଭକ୍ତ**
**■ ଆସନ୍ତା ୧୯ ରେ ପ୍ରାର୍ଥୀପତ୍ର ଦାଖଲ କରିବେ ଘାସିରାମ**

ସହାନୁଭୂତି ସୃଷ୍ଟି ହୋଇଥିଲା। ମାତ୍ର ସେ ବିଜେପିରେ ମିଶିବା ପରେ ନିନ୍ଦିତ ହୋଇଛନ୍ତି। ତେଣୁ ଆଉ ତାଙ୍କୁ ସହାନଭୂତି ମିଳିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବିଜେପିରେ ଜୟ ଢୋଲକିଆ ସାମିଲ ହେବା ପରେ ଭକ୍ତ ଭବିଷ୍ୟବାଣୀ କରି କହିଛନ୍ତି ଯେ ସେଠାରେ ବିଜେପିର ନିଶ୍ଚୟ ପରାଜୟ ହେବ। ଜୟ ଢୋଲକିଆ ନିଜ ବାପାଙ୍କର ଗୁଣ ଚରିତ୍ରକୁ ହତ୍ୟା କରି ସେ ବିଜେପିରେ ସାମିଲ ହୋଇଛନ୍ତି। ସେ ବିଜେଡିରେ ରହିଥିଲେ ହୁଏତ କିଛି ଅନୁକମ୍ପା ଭୋଟ୍ ପାଇଥା'ନ୍ତେ। ମାତ୍ର ଆଉ ତାଙ୍କୁ ସେହି ଭୋଟ୍ ମିଳିବ ନାହିଁ। ଏହାବ୍ୟତୀତ ବିଜେପି ଲୋକମାନେ ମଧ୍ୟ ସେଠାରେ ଦଳ ଛାଡୁଛନ୍ତି। ତେଣୁ ବିଜେପି ଓ ବିଜେଡି ମିଶି ବିଜେପିକୁ ସେଠାରେ ପରାସ୍ତ କରିବେ ବୋଲି ଭକ୍ତ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ମଧ୍ୟ ନୂଆପଡ଼ାରେ ବିଜେପିର ପରାଜୟକୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି, ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ତାଙ୍କ ପୁଅ ସେଠାରେ ବିଜେପିକୁ ହରାଇବେ। ତାଙ୍କ ପୁଅକୁ ଟିକଟ ଦିଆନଯିବା ଯୋଗୁଁ ବସନ୍ତଙ୍କ ପୁଅଙ୍କ ରାଜନୈତିକ ଭବିଷ୍ୟତ ନଷ୍ଟ ହୋଇଯିବ। ତେଣୁ ସେ ସେ କଂଗ୍ରେସକୁ ସହଯୋଗ କରିବେ ଓ ଘାସିରାମଙ୍କର ବିଜୟ ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଜୟ ଢୋଲକିଆଙ୍କର ଗୁଜରାଟରେ ବ୍ୟବସାୟ ରହିଛି। ତାଙ୍କ ବ୍ୟବସାୟକୁ ରକ୍ଷା କରିବାକୁ ସେ ବିଜେପିକୁ ଯାଇଛନ୍ତି। ତେଣୁ ନୂଆପଡ଼ାରେ ବିଜେପି ହାରିବ ଓ କଂଗ୍ରେସ ବିପୁଳ ଭୋଟ୍‌ରେ ଜିତିବ ବୋଲି ସୁର କହିଛନ୍ତି।

ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଆସନ୍ତା ୧୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ ଘାସିରାମ ଜଣେ ସାଲିସ୍‌ବିହୀନ ରାଜନେତା। ସେ ଲୋକଙ୍କ ସୁଖଦୁଃଖର ସାଥୀ। ତେଣୁ ତାଙ୍କର ଏଠାରେ ବିଜୟ ସୁନିଶ୍ଚିତ। ଆସନ୍ତା ୧୯ ତାରିଖରେ ଏକ ବିରାଟ ଶୋଭାଯାତ୍ରାରେ ଘାସିରାମ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଙ୍ଗଲରୁ ଧରାହେଲେ...

କିଛି ଶୁଣୁ ନ ଥିବା ଅଭିଯୋଗ ଆଣିଛନ୍ତି ରାଜ୍ୟ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ମହିଳା କମିଶନ ତାଙ୍କ ଫୋନ୍ କଲ୍ କିମ୍ବା ଇ-ମେଲ୍‌ର କୌଣସି ଉତ୍ତର ଦେଉନାହାନ୍ତି। ଶ୍ରୀମତୀ ମହାନ୍ତି ରବିବାର ପୀଡିତାଙ୍କ ବାପାଙ୍କ ସହିତ କଥା ହେବା ସହ ରାଜ୍ୟ ପୁଲିସ ଡିଜିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା। ରାଜ୍ୟ ମହିଳା କମିସନ୍‌ର ଏକ ସ୍ୱତନ୍ତ୍ର ଟିମ୍ ଦୁର୍ଗାପୁର ଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତି ସାଢ଼େ ୮ ସମୟରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ପୁରୁଷବନ୍ଧୁ ତାଙ୍କୁ କଲେଜ ଫାଟକ ନିକଟରେ ଥିବା ଷ୍ଟଲ୍‌ରୁ ଗୁପ୍‌ଚୁପ୍ ଖାଇବାକୁ ଡାକିଥିଲେ। ଏହାପରେ, ପୁରୁଷବନ୍ଧୁ ଜଣକ ତାଙ୍କୁ ଆଗକୁ ଆଉ କିଛି ବାଟ ଯିବା ପାଇଁ କହିଥିଲେ। ଉଭୟ କଲେଜକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ୩ଶହ ମିଟର ଚାଲିଚାଲି ଯାଉଥିବା ସମୟରେ କିଛି ଯୁବକ ସେମାନଙ୍କ ପିଛା କରୁଥିଲେ। ହଠାତ୍ ପୁରୁଷବନ୍ଧୁ ଜଣକ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଏହି ସମୟରେ ପିଛା କରୁଥିବା ଯୁବକମାନେ ଛାତ୍ରୀଙ୍କୁ ଘଞ୍ଚ ଜଙ୍ଗଲ ଭିତରକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପୀଡ଼ିତାଙ୍କୁ ମେଡିକାଲ କଲେଜ ଆଇସିୟୁରେ ଭର୍ତ୍ତି କରାଯାଇଛି।

ଦୁର୍ଗାପୁର ପୁଲିସ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ସେହି ଅଞ୍ଚଳର ଭିଡିଓଗ୍ରାଫି କରିଛି। ପୁଲିସ ମେଡିକାଲ କଲେଜର କର୍ମଚାରୀ ଏବଂ ପୀଡ଼ିତାଙ୍କ ପୁରୁଷବନ୍ଧୁ ସମେତ ଅନ୍ୟ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ପୀଡ଼ିତା ସାମାନ୍ୟ ସୁସ୍ଥ ଅନୁଭବ କଲାପରେ ବୟାନ ରେକର୍ଡ କରାଯିବ ବୋଲି ପଶ୍ଚିମବଙ୍ଗ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏକ ୯ ଜଣିଆ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ଗଠନ କରିଛନ୍ତି।

## ମମତାଙ୍କ ମନ୍ତବ୍ୟ...

ଏହି ଘଟଣା ଘଟିଛି, ତାହା ଜଙ୍ଗଲ ଅଞ୍ଚଳ ହୋଇଥିବାରୁ କାଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଯତ୍ନବାନ ହେବା ଉଚିତ। ତେବେ ଏହି ଜଘନ୍ୟ କାଣ୍ଡକୁ ଉଦବେଗଜନକ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛେ ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାରୁ ନଜର ହଟାଇବାକୁ ଯାଇ ମମତା ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଛନ୍ତି। ପଡ଼ୋଶୀ ରାଜ୍ୟରେ ସମୁଦ୍ରକୂଳରେ ଯୁବତୀମାନଙ୍କୁ ଦୁଷ୍କର୍ମ କରାଯାଉଛି ଏବଂ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ ପଶ୍ନ କରିଛନ୍ତି। ଓଡ଼ିଶା ସମେତ ମଣିପୁର, ବିହାର ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଏଭଳି ଜଘନ୍ୟ କାଣ୍ଡ ଘଟୁଛି ଏବଂ ସମସ୍ତ ରାଜ୍ୟ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି।

ତେବେ ମମତାଙ୍କ ଏଭଳି ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ପଦରେ ଥାଇ ଏଭଳି ମନ୍ତବ୍ୟ ଦେବା ତାଙ୍କୁ ଶୋଭାପାଉନି। ନାରୀ ସୁରକ୍ଷାରେ ବିଫଳତା ପାଇଁ ଦୋଷ ସ୍ୱୀକାର କରିବା ବଦଳରେ ଅନ୍ୟ ଉପରେ ଦୋଷ ଲଦିବା ଅତି ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ବିଜେପି ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଉପରେ ଦୋଷ ଲଦିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ନାରୀ ଜାତି ପ୍ରତି ଅପମାନ। ମମତାଙ୍କ କଥାରୁ ଜଣାପଡୁଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ଏବଂ ସେ ଅସହାୟ ହୋଇପଡ଼ିଛନ୍ତି। ତେଣୁ ସେ ତାଙ୍କ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେପି ଦାବି କରିଛି। ସିପିଏମ୍ ନେତାମାନେ ମଧ୍ୟ ମମତାଙ୍କୁ ତାଙ୍କର ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତୀବ୍ର ସମାଲୋଚନା କରିଛନ୍ତି।

## ଏନ୍‌ଡିଏ ଆସନ...

ତେବେ ବିଜେପି ୭୪ଟି ଆସନରେ ବିଜୟୀ ହୋଇଥିବା ବେଳେ ଜେଡିୟୁ ୪୩ଟି ଆସନ ଜିତିଥିଲା। ସେହିପରି ଏଲ୍‌ଜେପି ୧୩୫ଟି ସିଟ୍‌ରେ ଲଢ଼ିଥିଲା ଓ ମାତ୍ର ଗୋଟିଏ ସିଟ୍‌ରେ ବିଜୟୀ ହୋଇଥିଲା।ଜିତେନ ରାମ ମାଞ୍ଜିଙ୍କ ହିନ୍ଦୁସ୍ଥାନ ଅୱାମ ମୋର୍ଚ୍ଚା (ଏଚ୍‌ଏଏମ୍)କୁ ୬ ଓ ଉପେନ୍ଦ୍ର କୁଶୱାହଙ୍କ ପାର୍ଟି ଆରଏଲ୍‌ଏମକୁ ୬ଟି ଆସନରେ ଲଢ଼ିବାକୁ ସୁଯୋଗ ଦିଆଯାଇଛି। ୪୦ଟି ଦାବି କରୁଥିବା ମାଞ୍ଜିଙ୍କୁ ଶେଷରେ ୬ଟି ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଏଥର ବିହାର ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ହେବ। ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟ ୧୨୧ଟିରେ ନଭେମ୍ବର ୧୧ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୧୨ଟି ଆସନରେ ମତଦାନ ହେବ। ୧୪ ତାରିଖରେ ଭୋଟ ଗଣିତ ଓ ଫଳାଫଳ ଘୋଷଣା ହେବ।

## ନିରପେକ୍ଷତାକୁ ନେଇ...

ମୁକ୍ତ ହୋଇ ନ ହୋଇଥିବା ଯୋଗୁଁ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ତେଣୁ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପିଡବ୍ଲୁଡି ଭୋଟର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିବା ପାଇଁ ସେ କ୍ଷମତାର ଅପବ୍ୟବହାର କରିବାର ଆଶଙ୍କା ଥିବା ଅଭିଯୋଗ ହୋଇଛି।

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଣେ ଆଇଏଏସ୍ ଅଧିକାରୀ ସିଇଓ ଏବଂ ଅନ୍ୟ ଏକ ସରକାରୀ ପଦବୀରେ ଦ୍ୱୈତ ଦାୟିତ୍ୱରେ ରହିଥିଲେ, ତାଙ୍କୁ ନିର୍ବାଚନ ସମୟରେ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରାଯିବ। ମାର୍ଗଦର୍ଶିକାରେ କୁହାଯାଇଛି ଯେ, ଦ୍ୱୈତ ପଦବୀ ଧାରଣ ଦ୍ୱାରା କଲ୍ୟାଣକାରୀ ଯୋଜନା ଓ ଆଇନଶୃଙ୍ଖଳା ଇତ୍ୟାଦି ବିଷୟ ପ୍ରଭାବିତ ହୋଇପାରେ। ତେଣୁ ଅଧିକାରୀଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ ରଖିବାକୁ ନିର୍ଦ୍ଦେଶନାମା ରହିଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ୬ଟି ରାଜ୍ୟରେ ଗୃହ ସଚିବମାନଙ୍କୁ ହଟାଇବା ଏବଂ ଓଡ଼ିଶାର ସିଇଓଙ୍କୁ ଅନ୍ୟ ସରକାରୀ ପଦବୀରୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଓଡ଼ିଶା ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଏଥର ସେଭଳି କୌଣସି ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇ ନାହିଁ।

ଯଦି ଜଣେ ସିଇଓ ରାଜ୍ୟ ସରକାରଙ୍କ ସହିତ ଅନ୍ୟ କୌଣସି ବିଭାଗ ଦାୟିତ୍ୱରେ ରହିଥାନ୍ତି, ତେବେ ନିର୍ବାଚନ ଆୟୋଗ ସେହି ଅଧିକାରୀଙ୍କୁ ନିର୍ବାଚନ ଅବଧି ପାଇଁ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପୂର୍ବରୁ ରାଜ୍ୟ ସରକାରମାନେ ନିଜ ଆଡ଼ୁ ସେମାନଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ କରିଥାନ୍ତି। ହେଲେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରି ନାହାନ୍ତି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ୧,୭୮୬ ଜଣ ବରିଷ୍ଠ ଭୋଟର ଏବଂ ୩,୯୮୮ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ଅନ୍ୟପଟେ ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଏକ ଜଟିଳ ଏବଂ ସମୟସାପେକ୍ଷ ହୋଇଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏ ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସିଇଓ କାର୍ଯ୍ୟାଳୟର ଅନ୍ୟ ଅଧିକାରୀଙ୍କୁ ଅନ୍ୟ ବିଭାଗର କାର୍ଯ୍ୟଚାପରୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବିଜେପିରେ 'ପୋଷା ପୁଅ'...

ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ କରିପାରିନାହାନ୍ତି, ତାହା ତାଙ୍କ ବୟାନରୁ ସ୍ପଷ୍ଟ ବାରି ହୋଇ ପଡୁଛି। ସେହିପରି କେଇଦିନ ପୂର୍ବରୁ ଅତିମାତ୍ରାରେ ସକ୍ରିୟ ଥିବା ବସନ୍ତଙ୍କ ପୁଅ ତଥା ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡା ମଧ୍ୟ ଏକପ୍ରକାର ନିରବ। ଅପରପକ୍ଷେ ଜିଲ୍ଲାସ୍ତରୀୟ ନେତା ପ୍ରସନ୍ନ ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀ ପରି ଆଶାୟୀଙ୍କୁ ଦଳ ଏଯାବତ୍ ବିଶ୍ୱାସକୁ ନେଇ ପାରିନାହିଁ। ଜୟଙ୍କୁ ଦଳରେ ସାମିଲ କରାଯିବା ପୂର୍ବରୁ ସେମାନଙ୍କ ସହ ଥରୁଟିଏ ମଧ୍ୟ ଆଲୋଚନା କରାଯାଇ ନ ଥିବା ସେମାନଙ୍କ ସମର୍ଥକ ଅଭିମାନ କରୁଛନ୍ତି। ଏପରି ନେତାଙ୍କ ହାତରେ ନୂଆପଡ଼ାରେ କିଛି ଭୋଟ ଥିବା ସମୟରେ ସେମାନଙ୍କୁ ଉପେକ୍ଷା କରାଯିବା ବିଜେପି ପାଇଁ ଆତ୍ମଘାତୀ ହୋଇଥିବା ମଧ୍ୟ କୁହାଯାଉଛି। କିଛିଦିନ ପୂର୍ବରୁ ଉପନିର୍ବାଚନକୁ ନେଇ ଉତ୍ସାହିତ ନୂଆପଡ଼ା ବିଜେପି ଏବେ ରହସ୍ୟମୟ ଭାବରେ ନିରବ। ଏହା ଝଡ଼ ପୂର୍ବର ନିରବତା ହୋଇପାରିଥାଏ ବୋଲି ଆଶଙ୍କା କରୁଛନ୍ତି ରାଜନୈତିକ ସମୀକ୍ଷକ। ଏହି ସମୟରେ ଦଳରେ ଜୟ ଢୋଲକିଆଙ୍କ ଯୋଗଦାନ ପରେ ଅନେକ କର୍ମୀ ଦଳରୁ ବାହାରି ଯିବାକୁ ଖୋଲା ଧମକ ଦେଇଛନ୍ତି। ଜୟ ବିଧିବଦ୍ଧ ଭାବେ ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଏମାନଙ୍କ ପଦକ୍ଷେପ କଣ ରହିବ, ତାହାକୁ ନେଇ ସାଧାରଣରେ କଳ୍ପନା ଜଳ୍ପନା ଲାଗି ରହିଛି। ବିଶେଷକରି ବସନ୍ତ ଏବଂ ତାଙ୍କ ପୁଅ ଜୟଙ୍କୁ ଖୋଲାମନରେ ସମର୍ଥନ କରିବେ ତ ବୋଲି ଏବେ ଦଳୀୟ କର୍ମୀମାନେ ମଧ୍ୟ ପ୍ରଶ୍ନ କଲେଣି। ଯଦି ଉଭୟେ ସକ୍ରିୟତାର ସହ ପ୍ରଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ଦୂରେଇ ରୁହନ୍ତି, ତାହେଲେ ଏହା ବିଜେପି ପାଇଁ ନିଶ୍ଚୟ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

## ଆଜି ଉତ୍ତର ଓଡ଼ିଶାରୁ...

ଡିଗ୍ରୀ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୧୮-୧୯ ଡିଗ୍ରୀ ମଧ୍ୟରେ ରହୁଛି। ଧୀରେ ଧୀରେ ଏହା ହ୍ରାସ ପାଇବ। ସମ୍ଭବତଃ ମାସ ଶେଷ ବେଳକୁ ରାଜ୍ୟରେ କଅଁଳ ଶୀତ ଅନୁଭବ ହେବ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜିର ରହିଛି ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି।

## ଜାଲରେ ପଡ଼ିଲେ...

ତିଆରି କରିବାରେ ବ୍ୟବହୃତ ହେଉଥିବାରୁ ଏହା ବିଦେଶକୁ ମଧ୍ୟ ରପ୍ତାନି କରାଯାଏ। ଏହାର କିଲୋ ପ୍ରତି ମୂଲ୍ୟ ୫୦,୦୦୦/ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଏ। ଇଂରାଜୀରେ ଏହାକୁ ଗୋଲଡ୍ ଫିସ୍ କୁହାଯାଉଥିବା ବେଳେ ଏହାର ବୈଜ୍ଞାନିକ ନାମ (ପ୍ରୋଟୋନିବେଆ ଡିଆକାନଥୁସ। ଏହି ପ୍ରଜାତିର ମାଛ ଇଣ୍ଡୋ-ପ୍ୟାସିଫିକ ସମୁଦ୍ରରେ ମିଳେ। ଓଡ଼ିଶାର ପାରାଦୀପ, ମହାରାଷ୍ଟ୍ର ଓ ଗୁଜରାଟ ସମୁଦ୍ର କୂଳରୁ ବେଳେ ବେଳେ ଧରାଯାଇଥାଏ। ଏହାର ମାଂସରେ ଓମେଗା-୩, ଆଇଓଡିନ୍, ଆଇରନ୍ ଆଦି ପୋଷକ ତତ୍ତ୍ୱ ରହିଛି। କିନ୍ତୁ ଏହାର ସ୍ୱିମ୍ ବ୍ଲାଡର (ପେଟରେ ଥିବା ପୋଷ୍ଟା) ସବୁଠାରୁ ମୂଲ୍ୟବାନ। ଚୀନ୍, ଜାପାନ୍ ଆଦିରେ ଔଷଧ ଓ ସୁପ୍‌ରେ ଏହାକୁ ବ୍ୟବହାର କରାଯାଏ।

**AFFIDAVIT**
I, **Saheba Tripathy**, S/O- Late Umashankar Tripathy, resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2277, Dated:- 09/10/2025 that now onwards I shall be known as **SAHEB TRIPATHY** for all future purposes.

**AFFIDAVIT**
I, **Jaya Praksh Tripathy**, S/O- Saheb Tripathy, resident of Plot No. 1429 / 2238, 2239, Jagannath Nagar, Road No- 4, Jharpada, Near Curry Carnival, Rasulgarh, Bhubaneswar, Dist:- Khorda, State:- Odisha, PIN Code- 751025, Declare by this Affidavit No- 2276, Dated:- 09/10/2025 that now onwards I shall be known as **JAYA PRAKASH TRIPATHY** for all future purposes.

**AFFIDAVIT**
By virtue of an affidavit before the Executive Magistrate, Nilgiri vide No 975, 25/09/2025, I Anita Nayak, W/o- Himanshu Sekhar Nayak, At- K.Panposi, PO- Rugudi, Dist- Mayurbhanja, Odisha That I have changed my name from Anita to Anita Nayak. Henceforth I shall be known as **Anita Nayak** for all purpose.

**AFFIDAVIT**
I, **Jyotshnamayee Tripathy**, D/O- Dhrubaraj Mishra, resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2278, Dated:- 09/10/2025 that now onwards I shall be known as **JYOTSNAMAYEE MISHRA** for all future purposes.

**AFFIDAVIT**
By virtue of an affidavit sworn before Notary Public, Cuttack, dated 10.10.2025, I, KAHAKASA BANOO, Address: Vill- Matanagar, P.O.-Mirzapur, P.S.- Salipur, Dist.- Cuttack, PIN-754221, declare that I have changed my name from KYAKANSHA BANO to KAHAKASA BANOO. Henceforth, I shall be known as KAHAKASA BANOO for all purposes.
**SD/-KAHAKASA BANOO**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit Sl. No. 1694, dt.10.10.2025 in the court of the Executive Magistrate, Dhenkanal, I, Mamata Manjari Rout, have changed my name from Mamata Manjari Jena to Mamata Manjari Rout. Henceforth I shall be known as **Mamata Manjari Rout** for all purpose.
**Sd/- Mamata Manjari Rout**

**LOST**
I Dr. Ramakanta Nayak, S/o- Kanduri Charan Nayak, At/Po- Badapari, Ps-Tangi, Dist- Khordha states that on Dt- 09/10/25 morning I was coming from Banpur college Road to Medical I lost my bag containing my Original ROR of Khata no-1015 of mouza Kandhana-yagarh & RSD no.- 1580, Dated-25/7/1983 documents are lost. If anyone finds it kindly contact to my no-9438310934 or Banpur police station.if anyone will misutilize it, we will not be responsible for it.

**AFFIDAVIT**
By virtue of an affidavit sworn before Executive Magistrate, Puri, dated 23/05/2025, I Susanta Routaray, At- Gaindol, Po- Chhaitana, Ps- Puri sadar, Dist- puri, Pin- 752002 declare that, I have changed the name of my Daughter from Lovely Routaray to SHREEYA SALIN ROUTARAY. Henceforth, she shall be known as SHREEYA SALIN ROUTARAY for all purposes.
**Sd/- Susanta Routaray**

ସରକାରଙ୍କ ଘୋଷଣା ସାଜିଛି ଧୂଆଁବାଣ

# ସହରର ରାସ୍ତା ଅବସ୍ଥା ବିପର୍ଯ୍ୟସ୍ତ







● ପାର୍ବଣରେ ବି ହେଲାନି ନୂତନ ରାସ୍ତା ନିର୍ମାଣ
● ଖାଲଖମା ଭର୍ତ୍ତି ରାସ୍ତାରେ ହନ୍ତସନ୍ତ ସହରବାସୀ

ବାରିପଦା,୧୨।୧୦(ସମିସ):

ବିଜେପି ସରକାର ପାର୍ବଣ ପୂର୍ବରୁ ରାଜ୍ୟସାରା ବିପର୍ଯ୍ୟସ୍ତ ରାସ୍ତାଗୁଡ଼ିକ ନୂତନ ଭାବେ ନିର୍ମାଣ କରାଯିବ ବୋଲି ଘୋଷଣା କରିଥିଲେ। ତେବେ ସରକାରୀ ବୟାନ ବାଜିଗୁଡ଼ିକ ବାସ୍ତବରେ କାର୍ଯ୍ୟକାରୀ ହେଉନଥିବା ବେଳେ ଘୋଷଣା ଧୂଆଁବାଣ ସାଜିଛି ବୋଲି ଅଭିଯୋଗ ହେଉଛି। ଯାହାର ଉଦାହରଣ ବାରିପଦା ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ଦେଖିଲେ ଅନୁମାନ କରାଯାଉଛି। ରାଜ୍ୟ ସରକାର ଜନସାଧାରଣ ମାନଙ୍କ ସୁଗମ ଚଳାଚଳ ନିମନ୍ତେ ଦୁର୍ଗାପୂଜା ପୂର୍ବରେ ତଥା ସେପ୍ଟେମ୍ବର ୨୦ତାରିଖ ସୁଦ୍ଧା ସମସ୍ତ ରାସ୍ତାଗୁଡ଼ିକ ନୂତନ ଭାବେ ନିର୍ମାଣ କାର୍ଯ୍ୟ କରିବା ପାଇଁ ଘୋଷଣା କରିଥିଲେ। ବାରିପଦା ସହରରେ ତାହା ହେଲା ନାହିଁ। ଦୁର୍ଗାପୂଜା ଯାଇ ଲକ୍ଷ୍ମୀ ପୂଜା ସରିଲା, ଆଉ କେଇଟା ଦିନ ପରେ ଦୀପାବଳି ଆସୁଛି। କିନ୍ତୁ ରାସ୍ତାଗୁଡ଼ିକର କାର୍ଯ୍ୟ ହେଲାନାହିଁ। ଯାହାଫଳରେ ସହରବାସୀ ଆଜି ବି ଖାଲଖମା ଭରା ଧୂଳି ଧୂସରିତ ବିପର୍ଯ୍ୟସ୍ତ ରାସ୍ତାଦେଇ ଚଳପ୍ରଚଳ କରୁଛନ୍ତି। ରାସ୍ତାଗୁଡ଼ିକ ଅବସ୍ଥା ଏତେ ବିପର୍ଯ୍ୟସ୍ତ ହୋଇଛି ଯେ ଅନେକ ମାତ୍ରାରେ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ହେଉଛି। ପାର୍ବଣରେ ଲୋକେ ବାଧହୋଇ ଖାଲଖମା ସହ ଧୂଳିରେ ଯାତାୟାତ କରି ନାନାଦି ସମସ୍ୟାରେ ଧନ୍ଦି ହେଉଛନ୍ତି। ସହରର ମୁଖ୍ୟରାସ୍ତା ଯଥା ଷ୍ଟିଲ ଗୋଳେଇରୁ ମୁର୍ଗାବାଡ଼ି, ମଧୁସୂଦନ ଗୋଳେଇରୁ ହସ୍ପିଟାଲ, ସତ୍ୟସାଇ ଛକରୁ ଦାରୋଗାଡାହି, ମଧୁସୂଦନ ଗୋଳେଇରୁ ବେଳଗଡ଼ିଆ, ଦାରୋଗାଡାହି ଗୋଳେଇରୁ ରଘୁନାଥପୁର, କୃଷ୍ଣଚନ୍ଦ୍ର ଗୋଳେଇରୁ ଷ୍ଟେସନ ବଜାର, ଆଶୀର୍ବାଦ ଛକରୁ କରତବସା ଏବଂ ଜୁବଲୀ ଲାଇବ୍ରେରୀରୁ ତୁଳସୀଚୌରା ଦେଇ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ଆଦି ରାସ୍ତା ଅବସ୍ଥା ବେହାଲ ହୋଇପଡିରହିଛି। ଲଗାଣ ବର୍ଷା ସମେତ ପ୍ରାୟ ବର୍ଷକ ହେବ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ସହରର ସମସ୍ତ ରାସ୍ତା ନଷ୍ଟ ହୋଇଥିବାରୁ ଚଳପ୍ରଚଳ କରିବା ଯନ୍ତ୍ରଣା ଦାୟକ ସାଜିଛି। ତେବେ ଦୁର୍ଗା ପୂଜା ପୂର୍ବରୁ ଉକ୍ତ ରାସ୍ତାଗୁଡ଼ିକ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମଧ୍ୟ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରାୟଙ୍କୁ ଭେଟି ପତ୍ର ଯୋଗେ ଦାବି ଜଣାଇଥିଲେ। ବାରିପଦା ସହରରେ ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତାଗୁଡ଼ିକର ଦୂରାବସ୍ଥା ବାବଦରେ ଅଗୋଚର କରାଇଥିଲେ। କିନ୍ତୁ ରାସ୍ତାଗୁଡ଼ିକର ଅବସ୍ଥା ପୂର୍ବ ପରି ବେହାଲ ହୋଇପଡିଛି। ବର୍ତ୍ତମାନ ପରିସ୍ଥିତି ଏହିପରି ହୋଇଛି ଲୋକେ ଉକ୍ତ ରାସ୍ତାରେ ଗାଡିମଟର ନେଇ ଯିବାକୁ ଭୟ କରୁଛନ୍ତି। କେତେକ ସ୍ଥାନରେ କେବଳ ପେଚିଂ କରିଥିବା ବେଳେ ତାହା ମଧ୍ୟ ଉଠି ଗଲାଣି। ଅନେକ ସମୟରେ ଖାଲ ଖମାର ଯୋଗୁଁ ଦୁର୍ଘଟଣା ହୋଇ ଲୋକେ ଖଣ୍ଡିଆ ଖାବରା ହେବାର ମଧ୍ୟ ନଜିର ରହିଛି। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଏହିପରି ସମସ୍ୟା ନେଇ ସହରବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ସହର ହୋଇଥବାରୁ ଅନେକ ଲୋକଙ୍କ ସମାଗମ ଅନେକ ରହିଛି। କିନ୍ତୁ ରାସ୍ତାଗୁଡିକର ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ନିୟମିତ ଭାବେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରର ଅଧିକାଂଶ ରାସ୍ତା ଗୁଡ଼ିକ ପୂର୍ତ୍ତ ବିଭାଗ ଅଧିନରେ ରହିଥିବା ବେଳେ ରକ୍ଷଣାବେକ୍ଷଣ ନିହାତି ଆବଶ୍ୟକ ଅଟେ। କିନ୍ତୁ ସରକାରୀ ଘୋଷଣା ପରେ ବି ରାସ୍ତାର ଅବସ୍ଥା ସୁଧୁରୁ ନାହିଁ। ଉକ୍ତ ରାସ୍ତାର ଖାଲଖମା ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ତୁରନ୍ତ ରାସ୍ତାର ମରାମତି କାର୍ଯ୍ୟ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ଶିବମୁନିଙ୍କ ଜୟନ୍ତୀ ପାଳିତ

ବେତନଟୀ,୧୨।୧୦(ସମିସ): ବେତନଟୀ ଆଞ୍ଚଳିକ ମୁନି ସମାଜ ତରଫରୁ ସ୍ଥାନୀୟ ପଣ୍ଡୁଗଡ଼ିଆ ଶିବମୁନି ଯୋଗାଶ୍ରମରେ ମୁନିସମାଜ ସଂସ୍ଥାପକ ଶ୍ରୀ ଶିବ ମୁନିଙ୍କ ୧୪୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବୟୋଜ୍ୟେଷ୍ଠ ଯୋଗୀ ଭାଗବତ ମୁନି ସତ୍ୟପତାକା ଉତ୍ତୋଳନ କରି ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଆୟୋଜିତ ସାଧାରଣ ସଭାରେ ବେତନଟୀ ଆଞ୍ଚଳିକ



ମୁନିସମାଜର ଅଧ୍ୟକ୍ଷ ଯୋଗୀ କୃଷ୍ଣଚନ୍ଦ୍ର ମୁନି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଯୋଗୀ ଭାଗବତ ମୁନି ନିଜ ବକ୍ତବ୍ୟରେ ଗୁରୁ କାହାକୁ କୁହନ୍ତି ଏବଂ ଏହି ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁନି ସମାଜର ଅଧ୍ୟକ୍ଷ ଯୋଗୀ ହରେକୃଷ୍ଣ ମୁନି ଯୋଗଦେଇ ଚିତ୍ତଶୁଦ୍ଧି ଓ ଯୋଗର ଗୂଢ଼ ରହସ୍ୟ ବର୍ଣ୍ଣନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଜିଲ୍ଲା ମୁନିସମାଜର ସମ୍ପାଦକ ଡ଼ଃ ଅଳକା ମଞ୍ଜରୀ ଭୂୟାଁ ଏବଂ ସମ୍ମାନିତ ଅତିଥି ଭାବେ ଯୋଗୀ କ୍ଷେତ୍ରମୋହନ ମୁନି ଓ ଯୋଗୀ ତପନ ମୁନି ଉପସ୍ଥିତ ଥିଲେ। ଅନ୍ୟତମ ବକ୍ତା ଭାବେ ଯୋଗୀ ଚୈତନ୍ୟ ମୁନି, ଯୋଗୀ ଦାଶରଥି ହାଁସଦାଃ, ଯୋଗୀ ପରମାନନ୍ଦ ମୁନି, ଯୋଗୀ ରସାନନ୍ଦ ରାଉତ, ଯୋଗୀ ବସନ୍ତ କୁମାର ବଳ, ଯୋଗୀ ଦିଲ୍ଲୀପ ମୁନି ପ୍ରମୁଖ ଶିବ ମୁନିଙ୍କ ଜୀବନୀ ଓ ଦର୍ଶନ ଆଲୋକପାତ କରିଥିଲେ। ପତାକା ସଙ୍ଗୀତ ଓ ପ୍ରାରମ୍ଭିକ ଗୀତ ଗାନ କରିଥିଲେ ଯୋଗୀ ମହିମା ମୁନି। ଜ୍ଞାନଦୀପ ସମ୍ପାଦକ ଯୋଗୀ ସଞ୍ଜୟ ମୁନି ମଞ୍ଚ ପରିଚାଳନା କରିଥିଲେ। ଯୋଗୀ ଅଜିତ ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ



ବଡ଼ସାହି,୧୨।୧୦(ସମିସ): ବଡ଼ସାହି ବ୍ଲକ୍ ପ୍ରଶାସନ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଏଥିରେ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଦେଶ ଓ ସମାଜ ପାଇଁ ବରିଷ୍ଠ ନାଗରିକଙ୍କ ଆବଶ୍ୟକତା ଓ ଭୂମିକା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ହେଉଛନ୍ତି ଦେଶ, ସମାଜ ଓ ପରିବାର ପାଇଁ ଅମୂଲ୍ୟ ସମ୍ପଦ। ତେଣୁ ସେମାନଙ୍କର ଅଭିଜ୍ଞତା ସମାଜ ଓ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ବୋଲି ମତପ୍ରକାଶ ପାଇଛି। ଏହି ଅବସରରେ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ଉପଢୋ଼କନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପରେ ଉଚ୍ଚ ବିଦ୍ୟାଳୟ ସ୍ତରରେ 'ପରିବର୍ତ୍ତିତ ବିଶ୍ୱରେ ବରିଷ୍ଠ ନାଗରିକଙ୍କ ସ୍ଥିରତା' ଉପରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନିତେଶ କୁମାର ସାହୁ (ପ୍ରଥମ), ଲିପିକା ମୁର୍ମୁ (ଦ୍ୱିତୀୟ) ଓ ଗାୟତ୍ରୀ ବେହେରା(ତୃତୀୟ) ସ୍ଥାନ ଅଧିକାର କରିଥିଲେ। ଶିକ୍ଷାବିତ ସଚ୍ଛିନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ବିଏସ୍ଏସ୍ଓ ସାଓନା ମୁମୁର୍ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପୁଳ ପରିମାଣରେ ପୋଚ ଓ ଦେଶୀମଦ ଜବତ

ବୈଶିଙ୍ଗା,୧୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ ଭିତର ଶୋଳ ଗ୍ରାମରେ ଅଚାନକ ଚଢ଼ଉ କରି ୨୨୦୦ କେଜି ପୋଚ ଏବଂ ୨୦୦ ଲିଟର ଦେଶୀ ମଦ ଜବତ କଲା ବୈଶିଙ୍ଗା ପୁଲିସ। ସୂତ୍ରରୁ ଖବର ପାଇଁ ଶନିବାର ପୂର୍ବାହ୍ନରେ ବୈଶିଙ୍ଗା ଥାନା ଅଧିକାରୀ ବାରୁଣୀ ଦାସଙ୍କ ନିର୍ଦ୍ଦେଶରେ ଏଏସଆଇ ଶୁଭ୍ରାଂଶୁ ରାଉଳ ସଦଳବଳ କେନ୍ଦୁଆ ପଞ୍ଚାୟତ ଅଧୀନ ଭିତରଶୋଳ ଗ୍ରାମରେ ଚଢ଼ଉ କରିଥିଲେ। ବିପୁଳ ପରିମାଣରେ ଦେଶୀ ମଦ ରୋଷେଇ କାର୍ଯ୍ୟ ଚାଲିଥିବା ବେଳେ ବୈଶିଙ୍ଗା ପୁଲିସ ଚଢଉ କରିଥିଲା। ଦେଶୀମଦ କାରଖାନାରେ ଚଢ଼ଉ କରାଯାଇ ୨୨୦୦ କେଜି ମହୁଲ ପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୨୦୦ ଲିଟର ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ଏଥିସହି ଏହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମଗୁଡିକୁ ଭାଙ୍ଗିରୁଜି ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଏବଂ ଆଲୁମିନିୟମ ଡେକଚି ଜବତ କରାଯାଇଥିଲା। ଚଢଉରେ ମଦ ମାଫିଆମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଚମ୍ପଟ ମାରିଥିଲେ। ଏନେଇ ବୈଶିଙ୍ଗା ପୁଲିସ ତରଫରୁ ୫୧୫/୨୫ନମ୍ବର ବିଶିଷ୍ଟ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି।

## ଦୁର୍ଘଟଣାରେ ଛାତ୍ର ଗୁରୁତର, ଚାଳକ ଗିରଫ

ବୈଶିଙ୍ଗା,୧୨।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଛକ ନିକଟରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଛାତ୍ର ଜଣକ ଗୁରୁତର ହୋଇଥିବା ବେଳେ ମଦ୍ୟପ ଚାଳକକୁ ବୈଶିଙ୍ଗା ପୁଲିସ ଗିରଫ କରିଛି। ଥାନା ଅଧୀନ ସୋରିଷକୋଠା ଗ୍ରାମର ଗଣେଶ୍ୱର ପାଲଙ୍କ ପୁଅ ରୋହିତ ପାଲ ରଙ୍ଗାମାଟିଆସ୍ଥିତ ନିଜର ମାମୁଁ ଘରେ ରହି ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟରେ ପାଠ ପଢୁଛନ୍ତି। ଶନିବାର ଅପରାହ୍ଣରେ ରୋହିତ ସାଇକଲରେ କଲେଜରୁ ମାମୁଁ ଘରକୁ ଫେରୁଥିବା ବେଳେ ଏକ ବାଇକ ପଛପଟୁ ଧକ୍କା ଦେଇଥିଲା। ଫଳରେ ଛାତ୍ର ରୋହିତ ଗୁରୁତର ଭାବେ ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲା। ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମଦ୍ୟପ ଚାଳକକୁ ଗିରଫ କରିବା ସହ ଗାଡ଼ିଟିକୁ ଜବତ କରାଯାଇଥିଲା। ଏନେଇ ବୈଶିଙ୍ଗା ଥାନାରେ ୫୧୬/୨୫ ର ମାମଲା ରୁଜୁ କରାଯାଇଥିବା ଜଣାଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ କଲେ ୩ ବନ୍ଧୁ

ରାଇରଙ୍ଗପୁର/ବହଳଦା,୧୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାର ରକ୍ତଭଣ୍ଡାରରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ସହିତ ତାଙ୍କ ଦୁଇବନ୍ଧୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ରକ୍ତ ଭଣ୍ଡାରରେ ବିଭିନ୍ନ ସମୟରେ ରକ୍ତ ଅଭାବ ରହୁଥିବା ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଆଜି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାର ରକ୍ତ ଭଣ୍ଡାରରେ ପୂର୍ବତନ ବହଳଦା ବ୍ଲକ ଅଧ୍ୟକ୍ଷ ରବିନ୍ଦ୍ରନାଥ ମାର୍ଣ୍ଡିଙ୍କ ସହ ତେନ୍ତଲା ଗ୍ରାମର ନୀଳରତନ ମଣ୍ଡଳ ଓ ଗଜନା ମୁର୍ମୁ ପ୍ରମୁଖ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ କରି ମହାନତାର ପରିଚୟ ଦେଇଛନ୍ତି।

## ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବାରିପଦା,୧୨।୧୦(ସମିସ): ସ୍ଥାନୀୟ ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଯୋଗଦେଇଥିବା ବିଶିଷ୍ଟ ସାହିତ୍ୟିକ ତଥା ପୁରୀ ସତ୍ୟବାଦୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପୂର୍ବତନ ବିଭାଗମୁଖ୍ୟ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କୁ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଫେସର ବେହେରା ସ୍ୱେଚ୍ଛାସେବୀମାନଙ୍କୁ ଆହ୍ୱାନ ଦେଇ, ଘର ପରି ଆମ ମହାବିଦ୍ୟାଳୟର ଚତୁଃପାର୍ଶ୍ୱକୁ ସଫା ରଖିବା, କିପରି ଭାବରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଜାତୀୟ ସେବା ଯୋଜନାରେ ଯୋଗଦେବେ ଏବଂ ସ୍ୱେଚ୍ଛାସେବୀ ମାନେ ଆଗକୁ ଆହୁରି ଭଲ କାର୍ଯ୍ୟକରି ପୁରସ୍କୃତ ହୋଇ ମହାବିଦ୍ୟାଳୟର ମାନ ରଖନ୍ତୁ କହିଥିଲେ। ଏହି ଅବସରରେ ଉପସ୍ଥିତ ଥିଲେ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳ, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା ଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ କାର୍ଯ୍ୟାଳୟ ସହାୟକ ଅଜୟ କୁମାର ବଳ, ମହାବିଦ୍ୟାଳୟର ବରିଷ୍ଠ ସ୍ୱେଚ୍ଛାସେବୀ ରିଙ୍କୁ ଦାସ, ଆଦର୍ଶ କୁମାର ରାଉତ, ଦେବସ୍ମିତା ନାଏକ, ନିବେଦିତା ମହାନ୍ତ, ଶୁଭଲକ୍ଷ୍ମୀଙ୍କ ସମେତ ୫୦ରୁ ଅଧିକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## ୧୫ରେ କର୍ମଶାଳା ଭିତ୍ତିକ ନାଟକ 'ଇତି ଯେବେ ହସେ'

ବାରିପଦା,୧୨।୧୦(ସମିସ): ଦୀର୍ଘ ବର୍ଷ ପରେ ବାରିପଦାରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଯୁବକଳାକାରଙ୍କୁ



ନେଇ ନାଟ୍ୟ କର୍ମଶାଳା ଅକ୍ଟୋବର ୧ତାରିଖରୁ ଆରମ୍ଭ ହୋଇଯାଇଛି। ୧୪ ଦିନର ପ୍ରଶିକ୍ଷଣ ପରେ ଯୁବ କଳାକାରମାନେ ୧୫ ତାରିଖ ଦିନ ସନ୍ଧ୍ୟା ୭ଟାରେ କର୍ମଶାଳା ଭିତ୍ତିକ ନାଟକ 'ଇତି ଯେବେ ହସେ' ସ୍ଥାନୀୟ ସହିଦ ଭବନରେ ପରିବେଷଣ କରିବେ। ଅତୀତରେ ଉକ୍ରଳର ସାଧବ ପୁଅମାନେ ଦୂରଦେଶକୁ ବଣିଜ କରିବାକୁ ଯାଇ ବହୁ ଧନସମ୍ପତ୍ତି ନେଇ ଘରକୁ ଫେରୁଥିଲେ। ଝିଅ ବୋହୂମାନେ ବୋଇତ ବନ୍ଦାଣ କରୁଥିଲେ। ବ୍ରିଟିଶ ଶାସନ ସମୟର ଜମିଦାରୀ ପ୍ରଥା ଏହି ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବେଶ ପ୍ରଭାବିତ କରିଥିଲା। ଏହାହିଁ ନାଟକର ବିଷୟବସ୍ତୁ ଓ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସାଙ୍କ ସଂଯୋଜନାରେ ତଥା ଉତ୍କଳ ସଂଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନବୀନ ପରିଡାଙ୍କ ରଚିତ ଓ ନିର୍ଦ୍ଦେଶିତ ଭିନ୍ନସ୍ୱାଦର ନାଟକଟିକୁ ଦେଖିବା ସହ ଯୁବ କଳାକାର ମାନଙ୍କୁ ଉତ୍ସାହିତ କରିବା ପାଇଁ ଆୟୋଜକଙ୍କ ତରଫରୁ ଅନୁରୋଧ କରାଯାଇଛି।

## ରୋଟାରୀ ହେରିଟେଜ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ବାରିପଦା,୧୨।୧୦(ସମିସ): ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟ ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ସେଣ୍ଟ ଜାଭିଆର ହାଇସ୍କୁଲ ପାଲବାଣୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀୟାନ ସନ୍ତୋଷ କୁମାର କାସ୍ତଙ୍କ ପରିଚାଳନା ଏବଂ ଆଇପିପି ନଳିନ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ବରିଷ୍ଠ ସଦସ୍ୟ ତରଣୀସେନ ଧଳ, ଭୂମିକା ଚକ୍ଷୁ ଚିକିତ୍ସାଳୟ ତରଫରୁ ଉତ୍ତର ଓଡିଶା ଜୋନାଲ ମ୍ୟାନେଜେର କର୍ଣ୍ଣାଟ କିଶୋର ଜେନା ଏବଂ ଜୋନାଲ ମ୍ୟାନେଜେର ବିରଞ୍ଚି ନାରାୟଣ ସେଠୀ ଯୋଗଦେଇଥିଲେ। ସଭାପତି ଶ୍ରୀ ଚୌଧୁରୀ ଏବଂ ଶ୍ରୀ ଧଳ ରୋଟାରୀର ନୀତି, ଆଦର୍ଶ ତଥା ସ୍ୱାସ୍ଥ୍ୟ ଶିକ୍ଷାରେ ରୋଟାରୀର ଭୂମିକା ଏବଂ ଶ୍ରୀ ଜେନା ଓ ଶ୍ରୀ ସେଠୀ ଆଖିର ବିଭିନ୍ନ ସମସ୍ୟା ଏବଂ ସମାଧାନରେ ଭୂମିକା ଚିକିତ୍ସାଳୟର ସହଯୋଗ ସମ୍ବନ୍ଧରେ ବିସ୍ତୃତ ସୂଚନା ଦେଇଥିଲେ। ତତ୍ପରେ ଡାକ୍ତର ଏବଂ ଟେକନିସିଆନ ମାନଙ୍କ ଦ୍ୱାରା ୪୮ ଜଣ ଓପିଡି ଏବଂ ୫ ଜଣ କ୍ୟାଟ୍ରାକଟ ପରୀକ୍ଷା କରାଯାଇଥିଲା। ଏଥିରେ କ୍ଲବର ସଦସ୍ୟ ଅମିତାଭ ପଟ୍ଟନାୟକ, ପ୍ରଦୀପ କୁମାର ନାୟକ, ଶୈବାଳକାନ୍ତ ନାୟକ, ଚିତ୍ତରଞ୍ଜନ ପଳତା, ଅନିରୁଦ୍ଧ ପୃଷ୍ଟି, ଜ୍ୟୋତିପ୍ରକାଶ ପଣ୍ଡା, ସଂଜୀବ ଦଣ୍ଡପାଟ ବରିଷ୍ଠ ଡା. ପାର୍ଥ ସାରଥୀ ଜେନା, ଆଉଟ ରିଚ ମ୍ୟାନେଜେର ଓମ ରାମଚନ୍ଦ୍ର ରାୟ, ପେସେଣ୍ଟ କେୟାର ମ୍ୟାନେଜେର ଜଗନ୍ନାଥ ନାୟକ, ଅପ୍ଟମ ସ୍ନେହାଶିଷ ହାଜରା, ଅପଟିକାଲ ଇନଚାର୍ଜ କମଳ କୁମାର ଜେନା, ଟେକନିକାଲ ଆସିଷ୍ଟାଣ୍ଟ ସୌମ୍ୟଜ୍ୟୋତି ଦାସ ଅଧିକାରୀ, ଏଏନଏମ ପଙ୍କଜିନୀ ବିଶ୍ୱାଳ ଓ ଟେକନିସିଆନ ବଳରାମ ମଲ୍ଲିକ ସହଯୋଗ କରିଥିଲେ।

## ଏମ୍‌ପିସି କଲେଜରେ ବିଇଡି ଇଣ୍ଟର୍ଣ୍ଣସିପ୍ ସମୀକ୍ଷା ବୈଠକ




ବାରିପଦା,୧୨।୧୦(ସମିସ): ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ସେପ୍ଟେମ୍ବର ୮ ତାରିଖରୁ ପରିଚାଳିତ ହେଉଥିବା ଇଣ୍ଟିଗ୍ରେଟେଡ୍ ବିଇଡି ଇଣ୍ଟର୍ଣ୍ଣସିପ୍‌ର ସମୀକ୍ଷା ବୈଠକ ଡ. ସରୋଜ ନାୟକଙ୍କ ସଂଯୋଜନାରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କର ସଫଳତା ଓ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଶୁଣିବା ସହିତ ତାଙ୍କୁ ଉତ୍ତମ ଶିକ୍ଷକ ହେବା ପାଇଁ ଆବଶ୍ୟକ ମାନସିକତାର ବିଷଦ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ସଦାନନ୍ଦ ମେହେର, ଉମେଶ ଚନ୍ଦ୍ର ମାଝୀ, ଡ. ଦିଲ୍ଲୀପ କୁମାର ଦଳେଇ, ସୁଶାନ୍ତ ରଣା, ପ୍ରଶାନ୍ତ ଘଡେଇ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସହକାରୀ ପ୍ରଫେସର ଡ. ନିରୁପମା ନାୟକ, ସୁଶ୍ରୀ ସଂଗୀତା ପାତ୍ର, ବୈଜୟନ୍ତୀ ଧରା, ସବିତା ଶୋଭା ପ୍ରଧାନ, ଭାଦବ ହେମ୍ବ୍ରମ, ମାନସ କୁମାର ବେହେରା, ରାଜେନ୍ଦ୍ର କୁମାର ବେହେରା, ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟା କ୍ୟାପଟେନ ଡ. ବିଦ୍ୟୁତ ପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ସହରରୁ ମୋବାଇଲ ଛିନ୍‌ତାଇ

ବାରିପଦା,୧୨।୧୦(ସମିସ): ୨୪ଟି ଛିନ୍‌ତାଇ ମୋବାଇଲ ଉଦ୍ଧାର ସହ ୨ଜଣ ଆନ୍ତଃରାଜ୍ୟ ଦୁର୍ବୃତ୍ତ କୋର୍ଟଚାଲାଣର ୩ଦିନ ପରେ ପୁଣି ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପୁଲିସ ପ୍ରତି ଚ୍ୟାଲେଞ୍ଜ ସାଜିଛି। ପୁଣି ଦୁର୍ବୃତ୍ତ ମାନେ ପରିବା ମାର୍କେଟରୁ ମୋବାଇଲ ଛିନ୍‌ତାଇ କରିଛନ୍ତି। ଏନେଇ ତୁଳସୀଚୌରା ଅଞ୍ଚଳର ବିଶାଳ ପାରମାର ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସକାଳୁ ସେ ପରିବା କିଣିବା ପାଇଁ କଚେରୀ ମାର୍କେଟକୁ ଆସିଥିଲେ। ସେଠାରେ ପରିବା କିଣିବା ବେଳେ ମୋବାଇଲ ଦୁର୍ବୃତ୍ତ ମାନେ ଛିନ୍‌ତାଇ କରିଥିଲେ। ତେବେ ଦୁର୍ବୃତ୍ତ ମୋବାଇଲ ଫୋନ ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ସୁଦ୍ଧା ସେ ଧରି ପାରିନଥିଲେ। ଏନେଇ ଥାନାରେ ଅଭିଯୋଗକ୍ରମେ ତଦନ୍ତ ଜାରି ରହିଛି। ସହରରେ ଚୋରି ଓ ଛିନ୍‌ତାଇ ମାତ୍ରାଧିକ ଭାବେ ବୃଦ୍ଧି ପାଇଛି।

ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଦିବସ

# ୨.୧୨ଲକ୍ଷ ଶିଶୁଙ୍କୁ ବୁନ୍ଦା ଖୁଆଇବା ଲକ୍ଷ୍ୟ

ବାରିପଦା,୧୨।୧୦(ସମିସ):

■ ଘରକୁ ଘର ବୁଲି ଶତପ୍ରତିଶତ ସେବନ ପାଇଁ ୨୩୪୦ ଟିମ୍ ଗଠନ
■ ୭୬ଟି ଆଇଏଲ୍ଆର୍‌ପଏଣ୍ଟର ବ୍ୟବସ୍ଥା



ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବାରିପଦାର ଦେବେନ୍ଦ୍ରପୁରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ବୁନ୍ଦାସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସଏ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପି ଶୂନରୁ ୫ବର୍ଷ ବୟସର ଶିଶୁଙ୍କ ପାଇଁ ଏହି ପଲ୍ସ ପୋଲିଓ ବୁନ୍ଦା ସେବନ କାର୍ଯ୍ୟକ୍ରମ ଚାଲିବ। ଏହି ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମ ଜିଲ୍ଲା ସଦର ଚିକିତ୍ସାଳୟ, ସମସ୍ତ ଉପଖଣ୍ଡ ଚିକିତ୍ସାଳୟ ସମେତ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ଅଙ୍ଗନବାଡି କେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସେବାକେନ୍ଦ୍ରକୁ ମିଶାଇ ମୋଟ ୧୧୭୦ ଗୋଟି କେନ୍ଦ୍ରରେ ଦିଆଯାଉଛି ବୋଲି କହିଥିଲେ। ଜିଲ୍ଲାରେ ମୋଟ ୨ଲକ୍ଷ ୧୨ହଜାର ୧୯୯ ଶିଶୁଙ୍କୁ ଏହି ବୁନ୍ଦା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ୨ଲକ୍ଷ ୫୦ହଜାର ଭ୍ୟାକସିନ ମହଜୁଦ ରହିଛି। ଆଜି କେନ୍ଦ୍ରମାନଙ୍କରେ ଦିଆଯିବା ପରେ ଆସନ୍ତାକାଲି ସୋମବାର ଆଶା, ଅଙ୍ଗନବାଡି କର୍ମୀ, ଏଏନ୍ଏମ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ଯାଇ ବାକି ରହିଯାଇଥିବା ଶିଶୁମାନଙ୍କୁ ଚିହ୍ନଟ କରି ଏହି ପୋଲିଓ ବୁନ୍ଦା ଖୁଆଇବେ। ଏତଦ୍‌ବ୍ୟତୀତ ଆବଶ୍ୟକ ସ୍ଥଳେ ଜନଗହଳିପୂର୍ଣ୍ଣ ସାଧାରଣ ସ୍ଥାନ ଯଥା ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ବଜାର ଇତ୍ୟାଦି ଜାଗାମାନଙ୍କରେ ମଧ୍ୟ ଶୂନରୁ ୫ ବର୍ଷ ଶିଶୁ ମାନଙ୍କୁ ଚିହ୍ନଟ କରାଯାଇ ଏହି ବୁନ୍ଦା ଖୁଆଇବା ପାଇଁ ପ୍ରୟାସ କରାଯିବ। ଏହି ଶୂନରୁ ୫ବର୍ଷ ବୟସର କୌଣସି ଶିଶୁ ଯେମିତି ଏହି ଔଷଧ ସେବନରୁ ବାଦ୍ ନପଡ଼ନ୍ତି ସେଥିପାଇଁ ଏହାର ସୁପରିଚାଳନ ପାଇଁ ୨୩୪୦ ଟିମ ଗଠନ ସହିତ ୭୬ଟି ଆଇଏଲ୍ଆର୍‌ପଏଣ୍ଟର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ଅଧିକ ବିବରଣୀ ପାଇଁ ସ୍ଥାନୀୟ ଆଶା କର୍ମୀ, ଏଏନ୍ଏମ୍ ଏବଂ ଅଙ୍ଗନବାଡି କର୍ମୀଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଉଛି। ଏଥିସହିତ ନିଜର ତଥା ନିଜ ସମ୍ପର୍କୀୟ ଓ ବନ୍ଧୁ ପରିଜନଙ୍କ ଶୂନରୁ ୫ବର୍ଷ ଶିଶୁଙ୍କୁ ବୁଥ୍‌କୁ ଆଣି ପୋଲିଓ ବୁନ୍ଦା ଖୁଆଇବା ପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହେଉଛି।

# ବ୍ଲକ୍‌ସ୍ତରୀୟ ଛାତ୍ରଛାତ୍ରୀଙ୍କ ବିଜ୍ଞାନମେଳା



ହାଟଡ଼ିହୀ,୧୨।୧୦(ସମିସ): ହାଟଡ଼ିହୀ ହାଇସ୍କୁଲରେ ବ୍ଲକସ୍ତରୀୟ ଛାତ୍ରଛାତ୍ରୀଙ୍କ ୨୦୨୫ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ଏହାର ମୁଖ୍ୟ ପରିଚାଳନା ଦାୟିତ୍ୱ ତୁଲାଇଥିଲା ବେଳେ ବିଚାରକ ଭାବେ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଜେନା ଓ ପ୍ରିୟଦର୍ଶିନୀ ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ୨୬ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମସ୍ଥାନରେବଞ୍ଚୋବରାହୀହାଇସ୍କୁଲରଯଶପ୍ରୀତିଜେନା,୨ୟସ୍ଥାନରେହାଟଡ଼ିହୀ ହାଇସ୍କୁଲର ସୋମନାଥ ଜେନା ଏବଂ ୩ୟ ସ୍ଥାନରେ ଓରାଳି ହାଇସ୍କୁଲର ଶୁଭଲକ୍ଷ୍ମୀ ସାହୁ କୃତିତ୍ୱ ହାସଲ କରିଛନ୍ତି। ଆସନ୍ତା ତାରିଖରେ କୃତୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଏବିଇଓ ପ୍ରମୋଦ ନାୟକ କହିଛନ୍ତି।

# ମା’ କୁରୁମେଇ ଯୁବକ ସଂଘର ବୈଠକ



ବେଲବାହାଲି,୧୨।୧୦(ସମିସ): ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମରେ ଗଠନ ହୋଇଥିବା ମା’ କୁରୁମେଇ ଯୁବକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ସମାଜସେବୀ ପ୍ରମୋଦ କୁମାର ବାରିକଙ୍କ ନେତୃତ୍ୱରେ ଯୁବକ ସଂଘର ସଭାପତି ଲଲାଟେନ୍ଦୁ ସାହୁ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ସମସ୍ତ ଗ୍ରାମର ପ୍ରତିନିଧିତ୍ୱ କରୁଥିବା ସଂଘର ସଦସ୍ୟ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଉପସଭାପତି ମନୋଜ କୁମାର ବାରିକ, ସମ୍ପାଦକ ସମ୍ବିତ ସାହ, କୋଷାଧ୍ୟକ୍ଷ ସୁମନ୍ତ କୁମାର ସାହୁଙ୍କ ସହ ବିଭିନ୍ନ ସାହିରୁ ପ୍ରତିନିଧି ଭାବରେ କୋଦଣ୍ଡ ସେଠୀ, ଦେବାଶିଷ ସାହୁ, କିରଣ କୁମାର ବେଜ, ସୌମ୍ୟଦର୍ଶନ ସାହୁ, ସନ୍ତୋଷ ସାହୁ, ସୌମ୍ୟଦର୍ଶନ ବାରିକ, ବାବୁଲା ସା, ସଦାଶିବ ସାହୁ, ଛବି ଜେନାଙ୍କ ସହିତ ବହୁସଂଖ୍ୟାରେ ଉପସ୍ଥିତ ସଦସ୍ୟଙ୍କ ଉପସ୍ଥିତିରେ ନିଆଯାଇଥିବା ନିଷ୍ପତ୍ତିଗୁଡିକ ମଧ୍ୟରେ ଏଣିକି ସଂଘର ବୈଠକ ନିୟମିତ ଭାବରେ ବସିବା, ପଞ୍ଚାୟତରେ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନ କାମ ଠିକ ଭାବରେ ହେଉଛି କି ନାହିଁ, ଏହାର ତଦାରଖ କରିବା ଓ ଆବଶ୍ୟକ ହେଲେ ପଞ୍ଚାୟତ ବା ବ୍ଲକ ଓ ଉପଖଣ୍ଡର ବିଭିନ୍ନ ସରକାରୀ ଓ ବେସରକରୀ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ କାର୍ଯ୍ୟପାଇଁ ଅସୁବିଧାରେ ପଡୁଥିବା ପଞ୍ଚାୟତର ଲୋକଙ୍କୁ ସହାୟତା ଯୋଗାଇଦେବା ପାଇଁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଛି।

# ମଉଡ଼ ବାରିକଙ୍କ ପରଲୋକ



ହାଟଡ଼ିହୀ,୧୨।୧୦(ସମିସ): ହାଟଡ଼ିହୀ ବ୍ଲକ୍ କପୁଣ୍ଡି ଗ୍ରାମର ମଉଡ଼ ବାରିକ(୮୨)ଙ୍କ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇପଡ଼ିଥିଲେ। ମୃତ୍ୟୁ ଘଟିବାର ଦୁଇଦିନ ତଳେ ପରିସ୍ରାଜନିତ ପୀଡ଼ା ଅନୁଭବ କରିଥିଲେ। ବୁଧବାର ଅପରାହ୍ନରେ ଅବସ୍ଥା ଖରାପ ହେବାରୁ ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। କଟକ ନେଉଥିବା ବେଳେ ପାଣିକୋଇଲି ନିକଟରେ ରାତ୍ର ସାଢ଼େ ୧ଟା ସମୟରେ ହଠାତ ହୃଦଘାତ୍‌ଜନିତ କଷ୍ଟ ଯୋଗୁଁ ସେହିଠାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ବଡ଼ପୁଅ ଅଲେଖ କହିଛନ୍ତି। ମଉଡ଼ ହାଟଡ଼ିହୀ ଆଞ୍ଚଳିକ କଲେଜରେ ଜଣେ କର୍ତ୍ତବ୍ୟନିଷ୍ଠ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲେ। ସେ ହାଟଡ଼ିହୀ ଅଞ୍ଚଳରେ ଜଣେ ଉତ୍ତମ ସଂସ୍କାରୀ, ପରୋପକାରୀ, ହୃଦୟବାନ୍ ବ୍ୟକ୍ତି ଥିଲେ। ଅଞ୍ଚଳରେ ତାଙ୍କୁ ଅଧିକାଂଶ ମଉଡ଼ ବାପା ନାମରେ ତ ପୁଣି ବୟସ୍କମାନେ ମଉଡ଼ ଭାଇ ବୋଲି ସମ୍ବୋଧନ କରୁଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ହାଟଡ଼ିହୀ ସମିତିସଭ୍ୟ କୈଳାସ ରାଉତ, ବରିଷ୍ଠ ସମାଜସେବୀ ଗୌରାଙ୍ଗ ରଣାଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଚମ୍ପୁଆରେ ପୋଲିଓ ଖାଇଲେ ୧୫୫୪ ଶିଶୁ



ଚମ୍ପୁଆ,୧୨।୧୦(ସମିସ): ଚମ୍ପୁଆ ଏନଏସିରେ ୧୫୫୪ ଜଣ ଶିଶୁଙ୍କୁ ଆଜି ପୋଲିଓ ବୁନ୍ଦା ଦିଆଯାଇଛି। ଏହି ପୋଲିଓ କାର୍ଯ୍ୟକ୍ରମକୁ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ ବସଷ୍ଟାଣ୍ଡଠାରେ ଥିବା ପୋଲିଓ ବୁଥରେ ଶିଶୁଙ୍କୁ ପୋଲିଓ ବୁନ୍ଦା ଦେଇଥଲେ। ୧୬୬୩୧ ଜନସଂଖ୍ୟା ବିଶିଷ୍ଟ ଚମ୍ପୁଆ ଏନଏସିରେ ୧୧ଟି ୱାର୍ଡରେ ୧୨ଟି ବୁଥ କରାଯାଇ ଜନ୍ମରୁ ୫ ବର୍ଷ ମଧ୍ୟରେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା। ୧୨୯୪ ଜଣଙ୍କୁ ଏହି ପୋଲିଓ ବୁନ୍ଦା ଦେବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୧୫୫୪ ଜଣ ଶିଶୁଙ୍କୁ ଏହା ପ୍ରଦାନ କରାଯାଇଥିବା ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ୨୪ଜଣ କର୍ମଚାରୀ ଓ ୫ଜଣ ସୁପରଭାଇଜର ନିଯୁକ୍ତ ହୋଇଥିବା ଜଣାଯାଇଛି।

# ପାଇପ୍ ଜଳଯୋଗାଣ ବ୍ୟବସ୍ଥା ଦୟନୀୟ; ବଢୁଛି ଅସନ୍ତୋଷ

ଆନନ୍ଦପୁର, ୧୨।୧୦ (ସମିସ)

ଆନନ୍ଦପୁର ସହରାଞ୍ଚଳ ଜଳଯୋଗାଣ ବ୍ୟବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡୁଛି। ଏହି ବ୍ୟବସ୍ଥାର ଉନ୍ନତିକରଣ ପାଇଁ ପୂର୍ବ ବିଜେଡି ସରକାର ୭୦ କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଥିଲେ ହେଲେ

## ଧୀର ଆସୁଛି ପାଣି, ଉପଭୋକ୍ତା ହନ୍ତସନ୍ତ

ତଦାରଖ ଅଭାବରୁ ନିର୍ମାଣକାରୀ ଠିକସଂସ୍ଥା ଚଞ୍ଚକତା କରି ପ୍ରକଳ୍ପକୁ ଶେଷ କରିଦେଇଥିବା ଅଭିଯୋଗ ହେଉଛି। ୩ ବର୍ଷ ପାଇଁ ଏହି ଯୋଜନା ଓ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା କରିଥିବା ବେଳେ ଏଥିରେ ବ୍ୟତିକ୍ରମ ହେଉଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଆନନ୍ଦପୁର ପୌରାଞ୍ଚଳର ଅଧିକାଂଶ ସ୍ଥାନରେ ବାରମ୍ବାର ପାଇପ ଲିକ ନଜରକୁ ଆସୁଛି। ମରାମତିର ପ୍ରକ୍ରିୟା







ଖୁବ୍ ମନ୍ଥର। ତେଣୁ ଦୂଷିତ ପାଣି ବ୍ୟବହାର କରିବାକୁ ଲୋକେ ବାଧ ହେଉଛନ୍ତି। ଜଳଧାରା ଖୁବ୍ ଧିର। ଏପରିକି ସାମାନ୍ୟ ଉଚ୍ଚରେ ଥିବା ପାଣି ଟାଙ୍କି କିମ୍ବା ଫିଲ୍ଟର ପାଇଁ ଆବଶ୍ୟକ ହେଉଥିବା ପ୍ରେସର୍ ମଧ ହେଉନାହିଁ। ଖୁବ୍ କମ୍ ସମୟ ପାଇଁ ପାଣି ଆସୁଥିବାରୁ ଲୋକେ ପାଣି ଟାଙ୍କିରେ ପାଣି ରଖିବା ଜରୁରୀ ହେଉଛି, କିନ୍ତୁ ଟାଙ୍କି ଆଠ ଫୁଟରୁ ଅଧିକ ଉଚ୍ଚରେ ରହିଲେ ପାଣି ଉଠିବା ସମ୍ଭବ ହେଉନାହିଁ। ମରାମତି ପାଇଁ ଠିକାଦାର ନିଯୁକ୍ତି ବ୍ୟବସ୍ଥା ମଧ ଠିକ୍ ମନେ ହେଉନାହିଁ। ଏହି ପ୍ରକଳ୍ପର ନିର୍ମାଣକାରୀ ଠିକସଂସ୍ଥା ଇଷ୍ଟଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ କମ୍ପାନୀ ପୂର୍ବରୁ ଥିବା ପାଇପ ନବଦଳାଇ ପୁରୁଣା ପାଇପରେ ଜଳଯୋଗାଣ କରିଥିବାରୁ ପାଇପ ଫାଟି ଯିବା ଆଶଙ୍କା ଥିବାରୁ ଅତ୍ୟନ୍ତ ଲୋପ୍ରେସରରେ ପାଣି ସପ୍ଲାଏ କରାଯାଉଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ୱାଟକୋ ଜରିଆରେ ଇଷ୍ଟଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ କମ୍ପାନ କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ୭୦ କୋଟି ବ୍ୟୟବରାଦ କରାଯାଇଥିଲା। ଆନନ୍ଦପୁର ସହରରେ ସମୁଦାୟ ୯୩ କିଲୋମିଟର ନୂତନ ପାଇପ୍ ବସାଇବାଇବାକୁ ଥିବା ବେଳେ ନିର୍ମାଣକାରୀ ଠିକାସଂସ୍ଥା ଇଷ୍ଟଇଣ୍ଡିଆ କମ୍ପାନୀ ବିଭିନ୍ନ ସାହିବସ୍ତିକୁ ୬୨ କିଲୋ ମିଟର ପାଇପ ବିଛାଇ ପ୍ରକଳ୍ପକୁ ଶେଷ କରିଦେଇଛି। ହେଲେ ମେନପାଇପ ବଦଳା ଯାଇ ନଥିବାରୁ ପୁରୁଣା ପାଇପ୍ ମାଧ୍ୟମରେ ପାଣି ଯୋଗାଇବାକୁ କାହାଠାରୁ ଅନୁମତି ମିଳିଛି ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଓ ୱାଟକୋ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ଫୁଲକଅଁଳେଇ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ତୁରୁମୁଙ୍ଗା, ୧୨।୧୦(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜଜପଶି ପଞ୍ଚାୟତ ଫୁଲକଅଁଳେଇ ଗ୍ରାମରେ ଚାଲିଥିବା ଦିନିକିଆ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ ରରୁଆଁଗୁଡା ସହ ରଙ୍ଗାମାଟିଆ ମଧ୍ୟରେ ରୋମାଞ୍ଚକର ପ୍ରତିଯୋଗିତା ହୋଇଥିଲା। ଏଥିରେ ପେନାଲଟି ସଟରେ ରରୁଆଁଗୁଡାକୁ ୨-୧ ଗୋଲରେ ହରାଇ ରଙ୍ଗାମାଟିଆ ଏକାଦଶ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ସମ୍ମାନିତଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବଳଭଦ୍ର ମହାନ୍ତ ସମାଜସେବୀ ଡେଭିଡ ମହାନ୍ତ ପ୍ରମୁଖ ବିଜେତା ଦଳ ଓ ଉପବିଜେତା ଦଳକୁ ପୁରସ୍କାର ସ୍ୱରୂପ ମେଣ୍ଢା ଓ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ରେଫରି ଭାବରେ ସୁଦର୍ଶନ ବାରିକ୍ ପ୍ରଶ୍ନକୁମାର ନାଏକ ପରିଚାଳନା କରିଥିଲ। ଭାଷ୍ୟକାର ସୁଶୀଲ କୁମାର ବେହେରା ଖେଳର ସବିଶେଷ ଧାରାବିବରଣୀ ପ୍ରଦାନ କରିଥିଲେ। କମିଟିର ସତ୍ୟବ୍ରତ ବେହେରା, ହିମାଂଶୁ ଶେଖର ବେହେରା, ପ୍ରଦ୍ୟୁମ୍ନ କୁମାର ମହାନ୍ତ, ଜଗଦୀଶ ନାଏକ, ଗଙ୍ଗାଧର ମହାନ୍ତ, ଶିରିଷ ନାଏକ, ସନ୍ତୋଷ ନାଏକ, ହାତୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବେଲବାହାଳି ଓ ଟୋଲଙ୍କପଡ଼ା ବଜାର ପାଇଁ ସିସି କ୍ୟାମେରା ଦାବି



ବେଲବାହାଲି,୧୨।୧୦(ସମିସ): ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ବେଲବାହାଲି ବଜାର ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ସିସି କ୍ୟାମେରା ଲଗାଇବାକୁ ବ୍ୟବସାୟୀଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି। କେନ୍ଦୁଝର ଜିଲ୍ଲାର ବେଲବାହାଲି ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ବେଶେ ଜଣାଶୁଣା। ଏହି ଅଞ୍ଚଳରେ ପ୍ରତ୍ୟେକ ଦିନ ବ୍ୟବସାୟିକ କ୍ଷେତ୍ରରେ ଜିନିଷ ଆମଦାନି ଓ ରପ୍ତାନି ହୋଇଥାଏ। ବିଭିନ୍ନ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ବ୍ୟବସାୟ ଏଠାରେ ହୋଇଥାଏ। ଏହି ବଜାର ଅଞ୍ଚଳ ଉପରେ ପ୍ରତ୍ୟେକ ଦିନ ପାଖାପାଖି ୫ରୁ ଅଧିକ ପଞ୍ଚାୟତର ୧୦ ହଜାର ଜନସାଧାରଣଙ୍କ ସମାଗମ ହୋଇଥାଏ। ବେଲବାହାଲି ବଜାର ଅଞ୍ଚଳ ଦେଇ ୨୦ନଂ ଜାତୀୟ ରାଜପଥକୁ ପ୍ରତିଦିନ ଶହ ଶହ ଗାଡ଼ିଠାରୁ ଆରମ୍ଭ କରି ଅନେକ ଯାତ୍ରୀବାହୀ ଏବଂ ସ୍କୁଲ ବସ, ଜରୁରିକାଳୀନ ଗାଡ଼ି ସହିତ ବଡ଼ ବଡ଼ ଯାନବାହନ ମଧ୍ୟ ଚଳାଚଳ କରିଥାନ୍ତି। ପ୍ରତ୍ୟେକ ଦିନ ଭୋର ପ୍ରାୟ ସାଢେ ୩ଟାଠାରୁ ରାତ୍ର ୧୧ଟା ଯାଏ ଏହି ବଜାରରେ ଭିଡ଼ ପରିଲକ୍ଷିତ ହୋଇଥାଏ। ଅନ୍ୟପଟେ ବଜାର ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ଥାଇ ମଧ କିଛି ସ୍ଥାନରେ ଲାଇଟ ଅଚଳ ହୋଇପଡିବାରୁ ରାତିରେ ବଜାର ଅନ୍ଧାରମୟ ଦିଶୁଛି। ବ୍ୟବସାୟକୁ ନେଇ ସର୍ବଦା ଚଳଚଞ୍ଚଳ ରହୁଥିବାରୁ ଅନେକ ସମୟରେ ବାଇକ, ମୋବାଇଲ, ଟଙ୍କା, ସୁନା ଅଳଙ୍କାର ଆଦି ଚୋରି ହେଉଥିବା ଅଭିଯୋଗ ଆସୁଛି। ସେହିପରି ହରିଡ଼ାପାଳ ପଞ୍ଚାୟତ ଟୋଲଙ୍କପଡା ଗ୍ରାମରେ ବିଭିନ୍ନ ସମୟରେ ଗାଡ଼ି ଚୋରି ଡକାୟତି ଭଳି ଘଟଣା ଘଟୁଥିବାରୁ ସାଧାରଣ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ କ୍ୟାମେରା ସ୍ଥାପନ କରାଗଲେ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ଓଡ଼ିଶା କ୍ୟାନସର ହେଲ୍ପଲାଇନ ୱିଙ୍ଗ୍‌ସର ବୈଠକ



ଆନନ୍ଦପୁର, ୧୨।୧୦ (ସମିସ): ଘଷିପୁରା ବ୍ଲକର ଦେଓଗାଁଠାରେ ଓଡ଼ିଶା କ୍ୟାନସର ହେଲ୍ପଲାଇନ ଉଇଙ୍ଗସ ପକ୍ଷରୁ କୁଶଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଉଇଙ୍ଗସର ସଭାପତି ଶଙ୍କର୍ଷଣ ଜେନାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଥିବା କ୍ୟାନସର ପୀଡ଼ିତ ରୋଗୀଙ୍କୁ ଚିହ୍ନଟ କରିବା ସହିତ କ୍ୟାନସର ରୋଗର ନିରାକରଣ ବିଷୟରେ ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା। କ୍ୟାନସର ରୋଗ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ମହାବିଦ୍ୟାଳୟରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା କ୍ୟାନସର ସଚେତନତା କାର୍ଯ୍ୟକ୍ରମ କରିବା ନିମନ୍ତେ ପ୍ରୟାସ କରାଯିବ ବୋଲି ଏହି ବୈଠକରେ ସ୍ଥିର କରାଯାଇଛି। ବୈଠକରେ ସମ୍ପାଦିକା ରଶ୍ମିରେଖା ପାତ୍ରଙ୍କ ସମେତ ଅମର କୁମାର ପାତ୍ର ପ୍ରଦୀପ କୁମାର ପଣ୍ଡା, କମଲଲୋଚନ ବିଶ୍ୱାଳ, ଶ୍ରୀରାମ ଚନ୍ଦ୍ର ସାହୁ, ମୌସୁମୀ ମହାନ୍ତି, ଅରବିନ୍ଦ ସାହୁ ଚିତ୍ରସେନ ମହାନ୍ତି, ସତ୍ୟଜିତ ସାହୁ ନୃସିଂହ ଜେନା ବନମାଳି ସାହୁ ସୁମିତ୍ରା ତ୍ରିପାଠୀ ମମତା ପାଢ଼ୀ, ମାଳତୀ ପଣ୍ଡା, ଜଗବନ୍ଧୁ ପଣ୍ଡା, ମନୋରଞ୍ଜନ ପତି ଅଂଶଗ୍ରହଣ କରିଥିଲେ।

# ନୂତନ ପଞ୍ଚାୟତ ମାନ୍ୟତା ଦାବିରେ ବିଡିଓଙ୍କୁ ଦାବିପତ୍ର

ହାଟଡ଼ିହୀ,୧୨।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଶିବନାରାୟଣପୁର ଗ୍ରାମକୁ ପଞ୍ଚାୟତର ମାନ୍ୟତା ଦାବିରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମଟି ବଞ୍ଚୋ ଗ୍ରାମପଞ୍ଚାୟତ ଅଧୀନରେ ଅଛି। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଶିବନାରାୟଣପୁର ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ଅନେକ ସମୟରେ ବହୁତ ସରକାରୀ ସୁବିଧାରୁ ବଞ୍ଚିତ ହେବାକୁ ପଡ଼ିଛି। ପଞ୍ଚାୟତର ମୁଖ୍ୟ ଗ୍ରାମ ବଞ୍ଚୋରେ ସମସ୍ତ ସରକାରୀ ସୁବିଧା ସୀମିତ ରହିଯାଉଛି। ବୃଦ୍ଧବୃଦ୍ଧା ଓ ଅକ୍ଷମ ବ୍ୟକ୍ତି ସରକାରୀ ଚାଉଳ, ଭତ୍ତା ଆଣିବାରେ ବିଶେଷ ଅସୁବିଧା ଭୋଗୁଛନ୍ତି। ପଞ୍ଚାୟତ ହାଇସ୍କୁଲ ଗ୍ରାମଠାରୁ ୫ କିଲୋମିଟର ଦୂର ହୋଇଥିବାରୁ ପିଲାଙ୍କ ପାଇଁ ସ୍କୁଲ ଯିବା ସୁଗମ ହୋଇପାରୁନି। ଅପରପକ୍ଷରେ ଶିବନାରାୟଣପୁର ଗ୍ରାମ ଗୋଟିଏ ପଞ୍ଚାୟତ ହେବାପାଇଁ ସମସ୍ତ ଆବଶ୍ୟକତା ପୂରଣ କରୁଛି। ତିନି ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ୨ହଜାରରୁ ଊର୍ଦ୍ଧ୍ୱ ଭୋଟର ଅଛନ୍ତି। ସେହିପରି ପଞ୍ଚୁଗୋଛିଆ ପଞ୍ଚାୟତରୁ କିଛି ଲୋକ ଉଠି ଆସି ଶିବନାରାୟଣପୁର ଗ୍ରାମ ନିକଟରେ ବସତି ସ୍ଥାପନ କରିଛନ୍ତି। ତେଣୁ ଭୌଗଳିକ ଦୃଷ୍ଟିରୁ ସେମାନଙ୍କୁ ଶିବନାରାୟଣପୁର ଗ୍ରାମ ସହିତ ସାମିଲ୍ କରାଗଲେ ଏହା ଗୋଟିଏ ଭଲ ପଞ୍ଚାୟତ ହେଇପାରିବ। ସରକାରଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ପଞ୍ଚାୟତ ପୁନର୍ଗଠନ ଯୋଜନାରେ ଆମ ଗ୍ରାମକୁ ଏକ ପଞ୍ଚାୟତର ମାନ୍ୟତା ଦେବା ପାଇଁ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏବେ ଗ୍ରାମବାସୀ ଅବହେଳିତ ଅବସ୍ଥାରେ ଦିନ କାଟୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାମବାସୀ ଶିବନାରାୟଣପୁର ପଞ୍ଚାୟତ ଗଠନ କରିବାକୁ ଦାବି କରିଛନ୍ତି। ଏନେଇ ସେମାନେ କେନ୍ଦୁଝର ଜିଲ୍ଲାପାଳ, ପଞ୍ଚାୟତରାଜ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିବା ବେଳେ ଶୁକ୍ରବାର ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନିତ୍ୟାନନ୍ଦ ଜେନା, ନିତ୍ୟାନନ୍ଦ ବେହେରା, ବାବାଜୀ ଚରଣ ଜେନା ରତ୍ନାକର ସାହୁ, ହୃଷୀକେଶ ପରିଡା, ପ୍ରଭାକର ଖଣ୍ଡା, ମୋହନ ଜେନା, ଆନନ୍ଦ ଖଣ୍ଡା, ମିନହରୀ ମହାନ୍ତି, ଅଲେଖ ବେହେରା, ମଦନ ମୋହନ ଗିରି, ନରେନ୍ଦ୍ର ସାହୁ, କୋଦଣ୍ଡ ମହାନ୍ତି, ନରହରି ପରିଡା, ସୁରେନ୍ଦ୍ର ସାହୁ, ସନ୍ତୋଷ ବେହେରା, ଶରତ ଖଣ୍ଡାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରୋଟାରୀ କ୍ଲବ୍ ପକ୍ଷରୁ ପୋଲିଓ ଦିବସ



କେନ୍ଦୁଝର,୧୨।୧୦(ସମିସ): ପୋଲିଓ ଦିବସ ୧୨ ଅକ୍ଟୋବର ରବିବାରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିନୋଦ ବିହାରୀ ମିଶ୍ର, ରୋଟାରୀ କ୍ଲବ କେନ୍ଦୁଝରଗଡ଼ର ସଭାପତି ରୋଟାରିଆନ୍ ହରିହର ମହାନ୍ତ, ସମ୍ପାଦକ ରୋଟାରିଆନ ବିଜୟ ବେହେରା, ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ ଓତା, ରୋଟାରିଆନ ଗଜେନ୍ଦ୍ର ପ୍ରସାଦ ବେହେରା, ସଞ୍ଜୟ ମହାପାତ୍ର, ବିଜୟନାଥ କପୁର, ବିଷ୍ଣୁଚରଣ ମାଝୀଙ୍କ ଉପସ୍ଥିତିରେ ୫ ବର୍ଷରୁ କମ୍ ପିଲାଙ୍କୁ ଦୁଇ ବୁନ୍ଦା ପୋଲିଓ ଟୀକା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅନେକ ପିତାମାତା ସେମାନଙ୍କ ଛୁଆଙ୍କୁ ପୋଲିଓ ଟୀକା ଆଗ୍ରହର ସହ ଦେଇଥିଲେ। ପରେ ସହରର ୧୮ଟି ପୋଲିଓ ବୁଥ କେନ୍ଦ୍ରକୁ ରୋଟାରିଆନମାନେ ଯାଇ ଆଶା କର୍ମୀ, ଅଙ୍ଗନବାଡ଼ି ଦିଦିଙ୍କୁ ଉତ୍ସାହିତ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

# ୫ମ ଚନ୍ଦ୍ରଶେଖର କପ୍ ଫୁଟ୍‌ବଲ୍ ମହାକୁମ୍ଭ





ଚମ୍ପୁଆ,୧୨।୧୦(ସମିସ)

## ୩୨ ଜଣିଆ ମ୍ୟାନେଜର ମିଟ୍

ଅକ୍ଟବର ୨୪,୨୫ ଓ ୨୬ ତାରିଖରେ ଚମ୍ପୁଆ ନେହରୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ଚନ୍ଦ୍ରଶେଖର କପ ଫୁଟବଲ ମହାକୁମ୍ଭ ପାଇଁ ଏହି ପ୍ରତିଯୋଗିତାରେ ଭାଗନେଇଥିବା ୩୨ଟି ଦଳର ମ୍ୟାନେଜରଙ୍କୁ ନେଇ ସକ୍ଷୀ କଲ୍ୟାଣ ମଣ୍ଡପଠାରେ ଏକ ମ୍ୟାନେଜର ମିଟ ଅନୁଷ୍ଠିତ ହୋଇଯାଇଛି। ମଣିଙ୍ଗ କ୍ଲବ ଚମ୍ପୁଆ ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାନେଜର ମିଟରେ ଚମ୍ପୁଆ ଆଥେଲେଟିକ ଆସୋସିଏସନ ସଭାପତି ରମେଶଚନ୍ଦ୍ର ପ୍ରଧାନ, ସଂପାଦକ ଅଭୟ ଦାସ ଯୋଗ ଦେଇଥିବା ବେଳେ ମଣିଙ୍ଗ କ୍ଲବ ସଭାପତି ରସ୍ମିରଂଜନ ସେଠୀ ଓ ସଂପାଦକ ଅମିତାଭ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଉପସ୍ଥିତ ଟିମ ମ୍ୟାନେଜର ମାନଙ୍କୁ ଖେଳର ୧୫ଟି ନିୟମାବଳୀ, ୯ଟି ଖେଳାଳିଙ୍କୁ ନେଇ ଖେଳ ଅନୁଷ୍ଠିତ ହେବ। ଫିଫାର ନିୟମ ଅନୁସାରେ ଖେଳ ପରିଚାଳନା କରାଯିବ। ସଠିକ ସମୟରେ ଦଳ ପଡିଆ ପ୍ରବେଶ ଓ ମ୍ୟାନେଜର ମାନଙ୍କ ଦାୟିତ୍ୱ ବିଷୟରେ ଅବଗତ କରିଥିଲେ। ଏହି ପ୍ରତିଯୋଗିତାରେ ଚାମ୍ପିଅନ ଦଳ ପାଇଁ ଦୁଇଲକ୍ଷ ୨୦ ହଜାର, ରନର୍ସ ଅପ ଦଳପାଇଁ ଏକ ଲକ୍ଷ ତିରିଶ ହଜାର, ତୃତୀୟ ଦଳ ପାଇଁ ୭୫ ହଜାର ଓ ଚତୁର୍ଥ ଦଳ ପାଇଁ ୬୦ ହଜାର ଅର୍ଥରାଶି ସହ ଟ୍ରଫି ରହିଛି। ଚାମ୍ପିଅନ ଦଳର ମ୍ୟାନେଜର ଓ ମ୍ୟାନଅଫଦି ଟୁର୍ଣ୍ଣାମେଣ୍ଟ ଖେଳାଳି ପାଇଁ ବିଦେଶ ଯାତ୍ରାର ବ୍ୟବସ୍ଥା ରହିଥିବା ସଭାପତି ସୂଚନା ଦେଇଥିଲେ। କ୍ଲବ ସଭ୍ୟ ସତ୍ୟଜିତ ମହାକୁଡ, ସରୋଜ ବେହେର, ବିଷ୍ଣୁଚରଣ ପାଣି ସମେତ ବହୁ ସଦସ୍ୟ ସହଯାଗ କରିଥିଲେ।

# ଗୁମୁରାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ବାଲିବନ୍ଧ, ୧୨।୧୦(ସମିସ): କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକ ଗୁମୁରା ପଞ୍ଚାୟତ ଗୁମୁରାଠାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଏବଂ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ବ୍ଲକ ବିଜେଡି ସଭାପତି ଡମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନାରଦପୁର, ନିଶ୍ଚିନ୍ତପୁର ଏବଂ ଗୁମୁରା ଗ୍ରାମପଞ୍ଚାୟତର ବିଜେଡି କର୍ମୀ ଓ ଛାମୁଆଁ ନେତା ସାମିଲ ହୋଇଥିଲେ। ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀନିର୍ଯାତନା ବୃଦ୍ଧି, ସଦର ନିର୍ବାଚନମଣ୍ଡଳୀ ତଥା ଖଣି ଅଞ୍ଚଳର ଟ୍ରକ ମାଲିକଙ୍କ ଦୁରବସ୍ଥା ଆଦି କ୍ଷେତ୍ରରେ ବିଫଳତାକୁ ଜନସାଧାରଣ ନିକଟରେ ପହଞ୍ଚାଇବା ନେଇ ବିଜେଡି ପକ୍ଷରୁ କୁହାଯାଇଛି। କର୍ମୀମାନେ ଜନସାଧାରଣଙ୍କ ନିକଟତର ହୋଇ ବିଜେଡି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଆଲୋଚନା କରିବା ସହ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ସମସ୍ୟାର ସମାଧାନ କରିବା ନେଇ ସଂକଳ୍ପ ନେଇଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଗୁମୁରା ସରପଞ୍ଚ ତପନ ନାଏକ, ନାରଦପୁର ସମିତିସଭ୍ୟ ଅଯୋଧ୍ୟା ନାଏକ, ନାରଦପୁର ପଞ୍ଚାୟତ ସଭାପତି ଅଖିଳଚନ୍ଦ୍ର ବାରିକ, ନବୀନ ମହାକୁଡ଼, ନିଶ୍ଚିନ୍ତିପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଜ୍ଞାନରଞ୍ଜନ ମୁଣ୍ଡା, ନିମାଇଁଚରଣ ମହାନ୍ତ, ରୟା ମହାନ୍ତ, ଶିବନାଥ ସର୍ଦ୍ଦାର, ଅମିତ ବାରିକ ପ୍ରମୁଖ ସାମିଲ ଥିଲେ।

# ସରକାରୀ ପ୍ରୋତ୍ସାହନ ଅଭାବ: ବୁଡ଼ିଗଲାଣି ମୁରୁଗା ଚାଷ

କେନ୍ଦୁଝର, ୧୨।୧୦(ସମିସ)

କେନ୍ଦୁଝର ଖଣି ବହୁଳ ଓ କୃଷି ବହୁଳ ଜିଲ୍ଲା ଅଟେ। ଜିଲ୍ଲାର ଚାଷୀମାନେ ବିଭିନ୍ନ ସମୟରେ ଅନ୍ୟ ଜିଲ୍ଲାର ଚାଷୀଙ୍କଠାରୁ ଭିନ୍ନ ଚାଷକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହିଳା ଚାଷୀମାନେ ମଧ୍ୟ ଚାଷ କ୍ଷେତ୍ରରେ ପଛରେ ନପଡି ସବୁବେଳେ ରୋଜଗାର ବଢାଇବାର ପ୍ରମୁଖ ଭୂମିକା

## ଶହଶହ ମହିଳାଙ୍କର ରୋଜଗାରର ମାଧ୍ୟମ ସାଜିଥିଲା ମୁରୁଗା

ଗ୍ରହଣ କରିଆସିଛନ୍ତି। ବର୍ତ୍ତମାନ ଜିଲ୍ଲାର ମହିଳାମାନେ ଚାଷ କ୍ଷେତ୍ରରେ ଅନେକ ଆଗୁଆ ରହିଥିବାବେଳେ ଆଜକୁ ୨୦/୨୫ ବର୍ଷ ତଳେ ଏକ ଭିନ୍ନ ପ୍ରକାରର ଚାଷରୁ ମହିଳାମାନେ ରୋଜଗାର କରିବା ସହ ରାଜ୍ୟରେ ସେମାନଙ୍କ ଭିନ୍ନ ପରିଚୟ ସୃଷ୍ଟି କରିପାରିଥିଲେ। ବର୍ତ୍ତମାନ ଆଉ ସେ ଚାଷ ନାହିଁ ବା ବିଗତ ଦିନର ଉକ୍ତ ଚାଷକୁ ପୁନଃ ଆରମ୍ଭ କରାଯିବାକୁ ଚେଷ୍ଟା ମଧ୍ୟ ହୋଇନାହିଁ।

ଏଭଳି ଉକ ସ୍ୱତନ୍ତ୍ର ଚାଷ ହେଉଛି ଜିଲ୍ଲାର ହେଉଥିବା ମୁରୁଗା ବା ସିସାଲ ଚାଷ। ସିସାଲ ବା ମୁରୁଗା ଗଛ ହେଉଛି ଗ୍ରୀଷ୍ମମଣ୍ଡଳୀୟ ଏକ ଉଦ୍ଭିଦ; ଯାହାର ପତ୍ରରୁ ତିଆରି ହେଉଥିବା ଦଉଡି ବା ତନ୍ତୁକୁ ଦିନେ ବଡବଡ ପାଣି ଜାହାଜରେ ବ୍ୟବହାର କରାଯାଉଥିଲା। କେନ୍ଦୁଝର ଜିଲ୍ଲାରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨୦/୨୫ ବର୍ଷ ପୂର୍ବରୁ ଜିଲ୍ଲାର ୪/୫ଟି ବ୍ଲକର ୨୦ରୁ ଅଧିକା ଗ୍ରାମରେ ମୁରୁଗା ଚାଷ ହେଉଥିଲା। ସେତେବେଳେ ମହିଳାମାନେ ଏଥିରୁ ସେମାନଙ୍କ ରୋଜଗାର ପାଉଥିଲେ।

ସାଧାରଣତଃ ମୁରୁଗା ଗଛକୁ ନିପାଣିଆ ଜମି ଓ ମୃତ୍ତିକା କ୍ଷୟ ହେଉଥିବା ଜମିରେ ରୋପଣ କରାଯାଇ ମୃତ୍ତିକା ସଂରକ୍ଷଣ ହେବା ସହ ମହିଳା ଚାଷୀମାନେ ରୋଜଗାର ପାଉଥିଲେ। ମୁରୁଗା ଗଛଗୁଡିକର ଉପର ଅଂଶ କଣ୍ଟାଳିଆ ହୋଇଥିବାରୁ ଏବଂ ପତ୍ରଗୁଡିକ ଶକ୍ତ ଥିବାରୁ ଏ ଗଛଗୁଡିକୁ ଜମିର ସୁରକ୍ଷା ବାଡ ହିସାବରେ ମଧ୍ୟ ବ୍ୟବହାର କରାଯାଉଥିଲା। ସେଗୁଡିକୁ କାଟି ଦଉଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ବ୍ୟବହାର କରାଯାଉଥିଲା। କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ,



ହରିଚନ୍ଦନପୁର ବ୍ଲକ, ପାଟଣା ବ୍ଲକ ଏବଂ ସାହାରପଡା ବ୍ଲକରେ ଅଧିକ ସଂଖ୍ୟାରେ ମୁରୁଗା ଚାଷ ହେଉଥିଲେ ମଧ୍ୟ ଅନ୍ୟ ବ୍ଲକ ଅଞ୍ଚଳରେ ମୁରୁଗା ଚାଷ ହେଉଥିଲା। ଘଟଗାଁ ବ୍ଲକର ସାନବରବେଡାର ୩୦ ହେକ୍ଟର ଜମିରେ, ବଡ ମସିଣାବିଲାର ୩୦ ହେକ୍ଟର ଜମିରେ, ଟିକିରାରେ ୧୨ ହେକ୍ଟରରେ, ପିପିଳିଆରେ ୩୩.୬୦ ହେକ୍ଟରରେ, ଚିକିଣିଆରେ ୧୨.୮୦ ହେକ୍ଟର, ବାଙ୍କପାଟୁଳିର ୬.୦୦ ହେକ୍ଟରରେ, କାଶିବେଡାର ୮.୦୦ ହେକ୍ଟର, ଖଣ୍ଡଘରର ୧୮.୦୦ ହେକ୍ଟର, ବାଟ ହରିଚନ୍ଦନପୁର ୪.୦୦ ହେକ୍ଟରରେ, ଦେହୁରୀପଶିର ୮.୦୦ ହେକ୍ଟରରେ, କପାଶପଡାର ୬.୦୦ ହେକ୍ଟର ସମେତ ୧୬୮.୪୦ ହେକ୍ଟରରେ ମୁରୁଗା ଗଛର ଚାଷ ହେଉଥିଲା। ମୁରୁଗା ଗଛକୁ ଧାଡିଧାଡିକରି ରୋପଣ ହେଉଥିଲା। ଏହାକୁ ପେଡିବାବେଳେ ସେଥିରୁ ଆଖୁରସଭଳି ବାହାରୁଥିଲା ଏବଂ ଦଉଡି ଅଂଶ ବଳକା ରହିଯାଉଥିଲା। ଏହାକୁ ନେଇ ପାଣି କୁଣ୍ଡରେ ଭଲଭାବେ ଧୋଇବାପରେ ସେଥିରୁ ବାହାରୁଥିବା ଝୋଟଭଳି ଶକ୍ତ ଅଂଶକୁ ଶୁଖାଇ ରଖାଯାଉଥିଲା। ପରେ ଏହାକୁ ବିଭାଗର ଷ୍ଟୋରକୁ ପଠାଇ ଦିଆଯାଉଥିଲା। ଏଥିରୁ ଅତ୍ୟନ୍ତ ଶକ୍ତ ଏବଂ ଅନେକଦିନ ପର୍ଯ୍ୟନ୍ତ ବ୍ୟବହାର ହେଉଥରବା ଜାହାଜ ଦଉଡି, ଅନ୍ୟାନ୍ୟ ସ୍ଥାନରେ ଉୟବହୃତ ଦୀର୍ଘସ୍ଥାୟୀ ଦଉଡି, ଛୋଟଛୋଟ ଦଉଡି ଅଂଶରୁ ଭଳିକିଭଳି ହାତ ତିଆରି କଣ୍ଢେଇ ତିଆରି କରାଯାଇ ବିକ୍ରୟ ହେଉଥିଲା।

ମୁରୁଗା ଗଛ କଟାଯିବା ପରେ ଗଛ ମଝିରେ ବାହାରୁଥିବା ଲମ୍ବା ଶଣ୍ଢାରୁ ରୋଲବାଡି, ପୁଲିସ ଠେଙ୍ଗିଣୀ ମଧ୍ୟ ତିଆରି ହେଉଥିଲା। ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରଚେଷ୍ଟାରେ ୨୩.୮୬ ହେକ୍ଟର ଡ୍ରାଲ୍ୟାଣ୍ଡରେ ମୁରୁଗା ଗଛକୁ ପୁନଃ ରୋପଣ କରାଯାଇଥିଲା। କ୍ଷତିସହି ଲୋକେ ଏ ଚାଷ କରିବାକୁ ଚାହିଁଲେ ନାହିଁ। ଫଳରେ ଆଜକୁ ୧୫/୧୭ ବର୍ଷ ପୂର୍ବରୁ ଏହିଚାଷକୁ ବନ୍ଦ କରିଦିଆଗଲା। ବର୍ତ୍ତମାନ କେବଳ ମୁରୁଗାର ସନ୍ତକ ଭଳି ସେ ଅଞ୍ଚଳରେ କେତେକ ଗଛ ଦଣ୍ଡାୟମାନ ଅଛି। କିଛିକିଛି ସ୍ଥାନରେ ଏହାକୁ ଦଉଡି ଭାବେ ବ୍ୟବହାର ନିମନ୍ତେ ଅଳ୍ପ ଚାଷ ହେଉଛି। ହେଲେ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ମୁରୁଗା ରୋପଣକୁ ପୁନଃରୁଦ୍ଧାର ହୋଇପାରିଲା ନାହିଁ। ଦିନେ ମୁରୁଗା ଗଛର ସମ୍ଭାର ଦେଖାଯାଉଥିବା ଜମି ଏବେ ପରିତ୍ୟକ୍ତ ଏବଂ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ପାରମ୍ପରିକ ମୁରୁଗା ରୋପଣକୁ ପୁନଃ ଧ୍ୟାନ ଦିଆ ଯାଇପାରିଲେ ମୃତ୍ତିକା ସଂରକ୍ଷଣ, ଡ୍ରାଇଲ୍ୟାଣ୍ଡଗୁଡିକର ସୁରକ୍ଷା ସହିତ ସ୍ଥାନୀୟ ମହିଳାଙ୍କୁ ରୋଜଗାର ମିଳିପାରିନ୍ତା ବୋଲି ମତ ପୋଷଣ ହେଉଛି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ବେଲବାହାଳି,୧୨।୧୦(ସମିସ): ଆନନ୍ଦପୁର ଉପଖଣ୍ଡ ମଦନପୁର ପଞ୍ଚାୟତ ପଥରପଦା ଛକରେ ସକାଳ ସମୟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଖପରାଖାଇ ଗ୍ରାମର ପ୍ରଫୁଲ୍ଲ ପେରେଇ ଆହତ ହୋଇଛନ୍ତି। ସେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଘଟଣାସ୍ଥଳରେ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ ମାଝୀ ପହଞ୍ଚି ଆମ୍ବୁଲାନ୍ସକୁ ଅପେକ୍ଷା ନକରି ପୁଲିସ ଗାଡିରେ ଗୁରୁତର ଆହତଙ୍କୁ ସାଇଁକୁଳ ମେଡିକାଲ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ଥିବାରୁ କଟକ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ପ୍ରଫୁଲ୍ଲଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

## ଭ୍ୟାନ୍‌ଧକ୍କାରେ ବାଇ୍‌କ ଚାଳକ ଗୁରୁତର



ଠାକୁରମୁଣ୍ଡା/ମହୁଲଡିହା,୧୨।୧୦(ସମିସ):ଠାକୁରମୁଣ୍ଡା ବଜାରଠାରେ ରବିବାର ସନ୍ଧ୍ୟାରେ ପିକଅପ ଭ୍ୟାନ ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। କରଞ୍ଜିଆ ପଟୁ ଏକ ବୋଇତାଲୁ ବୋଝେଇ ହୋଇ ଆନନ୍ଦପୁର ଆଡକୁ ଯାଉଥିବା ପିକଅପ ଭ୍ୟାନ ନମ୍ବର ଓଡ଼ି ୩୪ ଏନ ୫୯୩୩ ଠାକୁରମୁଣ୍ଡା ବଜାରର ବନ୍ଧ ନିକଟରେ ଏକ ବାଇକ ସହିତ ଧକ୍କା ହୋଇଥିଲା। ପିକଅପ ଧକ୍କାରେ ବାଇକ ଚାଳକ ଦିଗଧର ଗ୍ରାମର ଗୁରୁଚରଣ ପାତ୍ର ଗୁରୁତର ହୋଇଥିଲେ। ତାଙ୍କର ବାମ ହାତ ଭାଙ୍ଗିଯିବା ସହ ମୁହଁ ଓ ଦେହରେ ଆଘାତ ଲାଗିଥିଲା। ଖବର ପାଇ ଠାକୁରମୁଣ୍ଡା ଥାନା ପୁଲିସ ଦୁର୍ଘଟଣା ଘଟାଇ ଥିବା ପିକଅପ ଭ୍ୟାନକୁ ଥାନାରେ ଅଟକ ରଖିଛନ୍ତି।

## ପୂର୍ବତନ ସେନା ସୁବେଦାରଙ୍କ ପରଲୋକ



ଆନନ୍ଦପୁର, ୧୨।୧୦ (ସମିସ): ଭାରତୀୟ ପଦାତିକ ବାହିନୀର ସୁବେଦାର ତଥା ଆନନ୍ଦପୁର ଆଳିଆସାହି ନିବାସୀ ତପନ କୁମାର ସିଂହ (୬୮)ଙ୍କର ଦେହାନ୍ତ ହୋଇଯାଇଛି। ସେନାବାହିନୀରୁ ଅବସର ଗ୍ରହଣ କରିବା ପରେ ସେ ଆନନ୍ଦପୁରରେ ପୂର୍ବତନ ସୈନିକ ସଙ୍ଘର ସାଙ୍ଗଠନିକ କାର୍ଯ୍ୟ କରୁଥିଲେ। କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସା ହେଉଥିବା ବେଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ରବିବାର ଅପରାହ୍ନରେ ତାଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆନନ୍ଦପୁରସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଆନନ୍ଦପୁର ପୂର୍ବତନ ସୈନିକ ସଙ୍ଘ ସଭାପତି ତ୍ରିଲୋଚନ ଦାଶ ତାଙ୍କ ଶବଧାରରେ ଜାତୀୟ ପତାକା ଓ ପୁଷ୍ପ ଗୁଛ ଦେଇ ସଲାମୀ ଦେଇଥିଲେ। ରବୀନ୍ଦ୍ର କୁମାର ସାହୁ ମୁରଲୀଧର ମିଶ୍ର ଗଗନ ସିଂହ ପ୍ରଭାକର ସାହୁ ଜଗବନ୍ଧୁ ଜେନା ଅଭିମନ୍ୟୁ ରାମ, ଅଲେଖ ରାମ, କ୍ଷେତ୍ରବାସୀ ସାହୁ, ଅଭିମନ୍ୟୁ ମହାରଣା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜୋର୍‌ଧରିଲା ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି



ବୈଶିଙ୍ଗା,୧୨।୧୦(ସମିସ): ବେତନଟୀ ବ୍ଲକ୍ ଅଧୀନ କେନ୍ଦୁଆ ପଞ୍ଚାୟତର ବଣଦାମଦୋରପୁର ସ୍ଥିତ ଡୁଟୁସାହି ସିର୍ଜନ ମୁଣ୍ଡାରୀ କଲଚୁରାଲ ଟ୍ରଷ୍ଟ (ସେନଗେସୁଗଲ) ଅନୁଷ୍ଠାନ ପକ୍ଷରୁ ମୁଣ୍ଡାରୀ ସମାଜର ଜନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ କର୍ମକର୍ତ୍ତା ରଥ ସିଂ, ଶତ୍ରୁଘ୍ନ ସିଂ, ରୁହ୍ୟା ସିଂ, ଶ୍ୟାମ ସିଂଙ୍କ ଆହ୍ୱାନ କ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପଦେଷ୍ଟା ଗୁରା ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଓ ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ ଏବଂ ପେସା ଆଇନ ବାବଦରେ ଆଲୋଚନା ହୋଇଥିଲା। ମୁଣ୍ଡାରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଏବଂ ବିଭିନ୍ନ ଦାବିରେ ଆସନ୍ତା ଡିସେମ୍ବର ମାସ ପାର୍ଲାମେଣ୍ଟ ଶୀତ ଅଧିବେସନରେ ଜନ୍ତରମନ୍ତରଠାରେ ବିରାଟ ଗଣଧାରଣା ଅନୁଷ୍ଠିତ ହେବାକୁ ଥିବାନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସମ୍ପାଦକ ତୁଫାନ ସିଂ, ସଦସ୍ୟ କଟି ସିଂ, ସୁରେନ ସିଂ, ଦିଲୁ ସିଂଙ୍କ ସମେତ ଶତାଧିକ ମୁଣ୍ଡାରୀ ସମାଜର ଜନସାଧାରଣ ଯୋଗଦେଇଥିଲେ। ଶେଷରେ ବେତନଟୀ ବ୍ଲକ୍ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆବାହକ ତପନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ବିଶ୍ୱ ଦୃଷ୍ଟି ଦିବସ



ରାସଗୋବିନ୍ଦପୁର,୧୨।୧୦(ସମିସ): ବ୍ଲକ୍ ଅଧୀନ ଦେବଶୂଳ ପଞ୍ଚାୟତରେ ଅବସ୍ଥିତ ଉତ୍ତର ଓଡ଼ିଶାର ସର୍ବପୁରାତନ ସ୍ୱେଚ୍ଛାସେବୀ ସଂଗଠନ ଅନ୍ତୋଦୟ ଚେତନାମଣ୍ଡଳ ତଥା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୩ତମ ଜୟନ୍ତୀ ଏବଂ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଛି। ଡା. ଆଦିତ୍ୟ ଭାଇଙ୍କ ଆବାହକତ୍ୱରେ ଉପସ୍ଥିତ ନେତୃମଣ୍ଡଳୀ ଓ ସହଯୋଗୀ ସାଥୀକର୍ମୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୀବନୀ ତଥା ଗଣତନ୍ତ୍ରର ସୁରକ୍ଷା ଓ ସେବା ମନୋଭାବ, ଦେଶର ଜନସାଧାରଣଙ୍କ ଧନଜୀବନ ଓ ସମାଜର କୁସଂସ୍କାରକୁ ଦୂରୀଭୂତ କରିବା ଦିଗରେ ଯୁବପିଢିଙ୍କୁ ଆହ୍ୱାନ କରି ଭ୍ରଷ୍ଟାଚାର ଓ ଦୁର୍ନୀତି ମୁକ୍ତ ସମାଜ ଓ ସରକାର ଗଠନ କରିବାରେ ଜୟପ୍ରକାଶ ନାରାୟଣଙ୍କ ଭୂମିକା ସାରା ବିଶ୍ୱରେ ଗୁରୁତ୍ୱ ବହନକରି ଅଛି। ଗାନ୍ଧୀ ବିନୋବାଙ୍କ ପରି ସେ ପ୍ରଚଳିତ ବ୍ୟବସ୍ଥାର ପରିବର୍ତ୍ତନ ନିମନ୍ତେ ଦୁର୍ନୀତି ମୁକ୍ତ ସରକାର ଗଠନ କରିବାରେ ଜୟପ୍ରକାଶ ନାରାୟଣ ମୁଖ୍ୟ ଭୂମିକା ନିଭାଇଥିଲେ ବୋଲି ଡା. ଆଦିତ୍ୟ ଭାଇ ତାଙ୍କର ବକ୍ତବ୍ୟ ରଖିଥିଲେ। ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ପ୍ରତାପ ଚନ୍ଦ୍ର ମହାନ୍ତ, ସହାୟକ ସର୍ବେଶ୍ୱର ଦାସ, ରାଜେଶ ପାଳ ଚକ୍ଷୁ ରୋଗ ସମ୍ପର୍କରେ ସତର୍କତା ଓ ନିରାକରଣ ପାଇଁ ଆଲୋଚନା କରିଥିଲେ। ଚକ୍ଷୁଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିବା ବୟୋଜ୍ୟେଷ୍ଠ ବନମାଳୀ ପଣ୍ଡା ତାଙ୍କ ଅନୁଭୂତି ପ୍ରକାଶକରି ଦୃଷ୍ଟି ହୀନତା ଦୂରୀକରଣ କାହିଁକି ଜରୁରୀ ବୋଲି ମତ ପ୍ରକାଶ କରିଛନ୍ତି। ଚିକିତ୍ସାଳୟର ସମସ୍ତ କର୍ମୀ ଅନ୍ତୋଦୟ ଚେତନାମଣ୍ଡଳ ଶିକ୍ଷାଶ୍ରମର ଛାତ୍ରଛାତ୍ରୀ ତଥା ରଙ୍ଗମାଟିଆ ଗ୍ରାମର ଅଧିବାସୀ ବିଭିନ୍ନ ଚକ୍ଷୁ ସଚେତନତା ପୋଷ୍ଟର ହାତରେ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମୀ ଯାଜ୍ଞସେନୀ ପଟ୍ଟନାୟକ ଓ ରାଜେଶ ପାଳ ବୈଠକକୁ ପରିଚାଳନା କରିଥିଲେ।

## ଉତ୍ତର ଓଡ଼ିଶା ସ୍ୱୟଂଶାସିତ ପରିଷଦ ଦାବି ଜୋର୍‌ଧରିଲା

ବିଶୋଇ,୧୨।୧୦(ସମିସ): ବିଶୋଇ ଡାକବଙ୍ଗଳା ପ୍ରାଙ୍ଗଣରେ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ଓ ମୂଳବାସୀ ମଞ୍ଚ(ବିଜେଏଏମ୍‌ଏମ୍)ର ବୈଠକ ମଞ୍ଚର ସଭାପତି ରାମଚନ୍ଦ୍ର ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ସଭ୍ୟମାନେ ଆଲୋକପାତ କରିଥିଲେ। ବିଶେଷଭାବରେ ଉତ୍ତର ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କ୍ରମାଗତ ଭାବେ ଅର୍ଥନୈତିକ ଶୋଷଣର ଶିକାର ହୋଇ ଆସିଥିବାରୁ ବିକାଶ ସୂଚକାଙ୍କରେ ଏହା ଅନ୍ୟ ଅଞ୍ଚଳଠାରୁ ପଛୁଆ ଅଛି। ଏହି ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହାକୁ ନେଇ ସ୍ୱତନ୍ତ୍ର ପରିଷଦ ଗଠନ କରିବା ଦାବି ହୋଇଆସୁଛି। ରାଜ୍ୟ ସରକାର ମଧ୍ୟ ଏହା ଉପରେ ଟାସ୍କଫୋର୍ସ କମିଟି ଗଠନ କରିଛନ୍ତି। ମାତ୍ର ଟାସ୍କଫୋର୍ସ ଗଠନର ଏକ ବର୍ଷରୁ ଅଧିକ ସମୟ ଅତିବାହିତ ହୋଇଥିଲେ ମଧ୍ୟ ସରକାରଙ୍କ ଏହି ପ୍ରସ୍ତାବ ଶୀତଳଭଣ୍ଡାରରେ ଥିବା ଭଳି ଜଣାପଡେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏହାକୁ ନେଇ ସଚେତନତା କର୍ମଶାଳା ଆୟୋଜନ କରାଯାଇ ଉତ୍ତର ଓଡ଼ିଶାର ଏହି ଅଞ୍ଚଳକୁ ନେଇ ସ୍ୱୟଂଶାସିତ ପରିଷଦ ଗଠନ ପାଇଁ ସରକାରଙ୍କ ପାଖରେ ଚାପ ସୃଷ୍ଟି କରାଯିବ। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜୟନ୍ତୀଙ୍କୁ ରାଜ୍ୟ ସରକାର 'ଜନଜାତି ଗୌରବ ଦିବସ'ଭାବେ ପାଳନ କରାଯିବ। ତାପୂର୍ବରୁ ରାଜ୍ୟ ସରକାର ଉତ୍ତର ଓଡ଼ିଶା ଅଞ୍ଚଳକୁ ନେଇ ପରିଷଦ ଗଠନ ପାଇଁ ସକରାତ୍ମକ ପଦକ୍ଷେପ ନନେଲେ ଆଗାମୀ ଦିନରେ ମଞ୍ଚ ତରଫରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନସାଂସଦ ଇଂ ରାମଚନ୍ଦ୍ର ହାଁସଦା, ବେଣୁଧର ଘୋଷ, ମୋହନ ହାଁସଦା, କାଶୁ ମାଝୀ, ମାଟୁରାମ ମୁଣ୍ଡା, ଗୋପାଳ ମାର୍ଣ୍ଡି, ସୁନ୍ଦରମୋହନ ଟୁଡୁ, ପଞ୍ଚାନନ ମୁର୍ମୁ, ହରିହର ହାଁସଦା, ଚାମ୍ପରୁ ବେଶ୍ରା, ରଘୁନାଥ ଟୁଡୁ ଓ ବିନୋଦ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ।

## ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ବାରିପଦା,୧୨।୧୦(ସମିସ): ବାରିପଦା ପୌରପରିଷଦ ପକ୍ଷରୁ ମେଡିକାଲ ଛକଠାରେ ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଉଦଘାଟିତ ହୋଇଛି। ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପାନୀୟ ଜଳ ପ୍ରକଳ୍ପଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ଉଦଘାଟନ ଉତ୍ସବରେ ଅନ୍ୟତମ ଅତିଥି ଭାବେ ଭଞ୍ଜସେନ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମଧ୍ୟ ଉପସ୍ଥିତ ଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ରାଜ୍ୟସଭା ସାଂସଦ ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିଥିଲେ ତତ୍କାଳୀନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍। ଏହି ପ୍ରକଳ୍ପକୁ ପୌରପରିଷଦ ଦ୍ୱାରା ପରିଚାଳନା କରାଯିବ ବୋଲି କହିଛନ୍ତି ପୌରାଧ୍ୟକ୍ଷ। ଏଭଳି ପ୍ରକଳ୍ପ ଯୋଗୁଁ ବାରିପଦା ସହରର ବହୁ ଲୋକେ ଉପକୃତ ହୋଇ ପାରୁଛନ୍ତି। ଏହି ପାନୀୟ ଜଳ ପ୍ରକଳ୍ପ ଯୋଗୁଁ ମେଡିକାଲକୁ ଆସୁଥିବା ଲୋକଙ୍କ ସହ ସ୍ଥାନୀୟ ଲୋକ ଓ ପଥଚାରୀ ମାନେ ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ଦ୍ୱିବେଦୀ, କାଶୀନାଥ ରଣା, ସୁଜିତ୍ ମହାନ୍ତି, ମୋହନା ବେହେରା, ସଞ୍ଜୀବ ରାଉତ, ପ୍ରଶନ୍ନ ମହାପାତ୍ର, ଶିବୁ ରଣା, ସତ୍ୟବାନ୍ ପାତ୍ର, ସମୀର ଦେ, ସନ୍ଦୀପ ପୃଷ୍ଟି, ଆଶୁତୋଷ ସାହୁ, ମଦନ ସାହୁ, ସୁକାନ୍ତ ବଳା, ବଳିଆ ରଣା ଓ ଜଗନ୍ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆହାର କେନ୍ଦ୍ର ଓ ମଡିକାଲକୁ ଆସୁଥିବା ଜନସାଧାରଣଙ୍କ ପାଇଁ ଏହି ପ୍ରକଳ୍ପ ଲାଭଦାୟକ ହେବ।

## ଯୋଗଗୁରୁ ଶିବମୁନିଙ୍କର ଜୟନ୍ତୀ



ମହୁଲଡିହା,୧୨।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ମୁନି ସମାଜର ଯୋଗ ଆଶ୍ରମ ପକ୍ଷରୁ ମୁନି ସମାଜର ପ୍ରତିଷ୍ଠାତା ଯୋଗଗୁରୁ ଶିବ ମୁନିଙ୍କ ୧୪୨ ତମ ଜୟନ୍ତୀ ପାଳନ ହୋଇଯାଇଛି। ସ୍ଥାନୀୟ ଯୋଗଗୁରୁ ମୁନି ଚାରୁଚନ୍ଦ୍ର ନାଏକଙ୍କ ସଂଯୋଜନାରେ ଜାମୁନାଳିଆ ଆଶ୍ରମର ଯୋଗଗୁରୁ ମୁନି ଚୈତନ୍ୟ ମହାନ୍ତଙ୍କ ସଭାପତିତ୍ୱରେ ସମାଜସେବୀ ପଦ୍ମଲୋଚନ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ମୁନି ଗୌର ମହାନ୍ତ ଉଦାହରଣ ମାଧ୍ୟମରେ ଆଧ୍ୟାତ୍ମିକ ତତ୍ତ୍ୱ ଜ୍ଞାନ ପ୍ରଦାନ କରିଥିଲେ। ସର୍ବପ୍ରଥମେ ସଭାପତିଙ୍କ ଦ୍ୱାରା ସତ୍ୟପତାକା ଉତ୍ତୋଳନ ପରେ ସମସ୍ତେ ପତାକା ତଳେ ପ୍ରାର୍ଥନା ସହିତ ସ୍ଲୋଗାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମୁନି କୃଷ୍ଣଚନ୍ଦ୍ର ଜେନା, ମୁନି ଯୋଗେଶ୍ୱର ନାଏକ, ମୁନିମତୀ ଶକୁନ୍ତଳା, ମୁନି ତପନ କୁମାର, ଆମ ତତ୍ତ୍ୱ ଓ ଯୋଗ ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ମୁନି ବୁଧୁରାମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ୭୫ ବର୍ଷରେ ବି ଭତ୍ତାରୁ ବଞ୍ଚିତ ହାରାଧନ



ବହଳଦା,୧୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍ ଅଧୀନ ଗିଦିଘାଟୀ ପଞ୍ଚାୟତ ହଳଦୀବଣୀ ଗ୍ରାମର ହାରାଧନ ମୁଣ୍ଡାରୀ ୭୫ ବର୍ଷ ବୟସ ବିତିବାକୁ ବସିଥିବା ବେଳେ ବାରମ୍ବାର ଆବେଦନ ସତ୍ତ୍ୱେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ ହଳଦୀବଣୀ ଗ୍ରାମର ହାରାଧନଙ୍କ ବୟସ ୭୫ ବର୍ଷ ଅତିକ୍ରମ କରିବାକୁ ବସିଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ କରିବା ପରେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ୬୦ ବର୍ଷ ବୟସ ସୀମା ରହିଥିବା ବେଳେ ୭୫ ବର୍ଷ ପରେ ମଧ୍ୟ ସେ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହେବା ଦୁଃଖର ବିଷୟ। ହାରାଧନ ଜଣେ ମଫସଲ ଗ୍ରାମାଞ୍ଚଳର ଗରିବ ଶ୍ରେଣୀର ନାମମାତ୍ର ଚାଷୀ ଶ୍ରେଣୀର କୃଷକ। ଖରିଫ ଫସଲ ଓ ଗୃହପାଳିତ ପଶୁଙ୍କୁ ନେଇ ପରିବାର ପ୍ରତିପୋଷଣ କରି ଆସିଥିବା ବେଳେ ବର୍ତ୍ତମାନ ବାର୍ଦ୍ଧକ୍ୟ ସମୟରେ ଅଭାବ ଅନଟନରେ ତାଙ୍କ ଗୁଜୁରାଣ ହେଉଛି। ବୟସର ଅପରାହ୍ନରେ ସମ୍ମାନଜନକ ଜୀବନ ପାଇବା ପାଇଁ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ ହେବାକୁ ବାରମ୍ବାର ଆବେଦନ କରି ନିରାଶ ହେଉଛନ୍ତି। ତେବେ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ୭୫ ବର୍ଷ ବୟସ୍କ ହାରାଧନଙ୍କ ପ୍ରତି ଦୃଷ୍ଟି ଦେଇ ପ୍ରଶାସନ ପକ୍ଷରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସାମିଲ କରାଯିବା ନେଇ ସାଧାରଣରେ ଦାବି ହେଉଛି।

## ଥାଲାସେମିଆ ଓ ସିକିଲସେଲ ରୋଗୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର




ବାରିପଦା,୧୨।୧୦(ସମିସ): ସାଧାରଣତଃ ଥାଲାସେମିଆ ଓ ସିକିଲସେଲ ରୋଗୀମାନଙ୍କ ଶରୀରରେ ରକ୍ତକଣିକା ତିଆରି ହୋଇପାରେ ନାହିଁ। ଫଳରେ ମାସକୁ ଥରେ ବା ଦୁଇଥର ସେମାନଙ୍କର ରକ୍ତର ଆବଶ୍ୟକତା ଦେଖାଯାଇଥାଏ। ଏହାକୁ ଆଖିଆଗରେ ରଖି ରେଡଗ୍ରୀନ ଫାଉଣ୍ଡେସନ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିରର ଆୟୋଜନ କରିଥାଏ। ଏହି ଅବସରରେ ଫାଉଣ୍ଡେସନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଓଡିଶା ରକ୍ତ ଭଣ୍ଡାର, ବାରିପଦାରେ ଆୟୋଜିତ ଆଜିର ରକ୍ତଦାନ ଶିବିରରେ ମୋଟ ୧୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୋମନାଥ ସିଂହ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ୧୨୯ ଥର ରକ୍ତଦାନ କରିଥିବା ବିଶିଷ୍ଟ ସମଜସେବୀ ଡା. ନିରୋଜ କୁମାର ପୋଥାଳ, ସମାଜସେବୀ ସର୍ଦ୍ଦାର ହରିଚରଣ ସିଂହ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ଅନୁଷ୍ଠାନର ସମ୍ପାଦକ ଅରବିନ୍ଦ ମୁଖୀ, କୋଷାଧକ୍ଷ କବିତା ମଣ୍ଡଳ, ରାଜାରାମ ମାରାଣ୍ଡି, ଉତ୍ତମ ରାଉତ, ରୁମା ବାରିକ, ପୁଷ୍ପଲତା ସ୍ୱାଇଁ, ନମିତା ନାୟକ ସୀତା ମାରାଣ୍ଡି, କ୍ରିଷ୍ଣା ମୁଖି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ରୁଚିକା ଖୁରାନା, ପ୍ରଭାସିନୀ ସାହୁ, ଶକୁନ୍ତଳା ମହାନ୍ତ ଓ କରୁଣାକର ଜେନା ରକ୍ତ ସଂଗ୍ରହ କରିଥିଲେ।

## ଅସୁନ୍ତୁଳିତ ଜଳବାୟୁ: ଅସୁରକ୍ଷିତ ବନ୍ୟପ୍ରାଣୀ ଶୀର୍ଷକ ଆଲୋଚନାଚକ୍ର



ରାଇରଙ୍ଗପୁର,୧୨।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ପରିକ୍ରମା ପକ୍ଷରୁ ଅସୁନ୍ତୁଳିତ ଜଳବାୟୁ: ଅସୁରକ୍ଷିତ ବନ୍ୟପ୍ରାଣୀ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ ମୋନଜ ଦାସଙ୍କ ନେତୃତ୍ୱରେ ରାଇରଙ୍ଗପୁର କଲ୍ୟାଣମଣ୍ଡପଠାରେ ଏହି ଆଲୋଚନାଚକ୍ରସହ ବିଦ୍ୟାଳୟସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା ଏବଂ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଇରଙ୍ଗପୁର ପୌରପରିଷଦ ଅଧୀନ ସରକାରୀ ଓ ବେସରକାରୀ ୧୨ଟି ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଓ ଇଂରାଜୀ ବକ୍ତୃତାରେ ୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ରାଇରଙ୍ଗପୁର ସରକାରୀ ବାଳିକା ବିଦ୍ୟାଳୟର ମୌସୁମୀ ବେହେରା ପ୍ରଥମ ସ୍ଥାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନୁରାଧା ବେହେରା ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଂଶୁମାନ ଗିରି। ଠିକ୍ ସେହିପରି ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିଲେ କେରଳା ପବ୍ଲିକ ସ୍କୁଲର ଆଞ୍ଚେଲ ଅଗ୍ରୱାଲ, ଦ୍ୱିତୀୟ ସ୍ଥାନରେ ଉକ୍ତ ସ୍କୁଲର ରିତି ଶ୍ରୀଆର୍ ଓ ଲିଟର ଫ୍ଲାୱାର ସ୍କୁଲର ଶିଖା କୈବର୍ତ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଉପଖଣ୍ଡ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଏବଂ ସମ୍ମାନିତ ଅତିଭାବେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଯୋଗଦେଇ ପରିବେଶ ଓ ଅସୁନ୍ତୁଳିତ ପର୍ଯ୍ୟାବରଣ ବିଷରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର ଜିଲ୍ଲା ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର, ଅବସରପ୍ରାପ୍ତ ରେଞ୍ଜର ଶ୍ରୀଯୁକ୍ତ ମାଝୀ ଯୋଗଦେଇ ମତପ୍ରକାଶ କରିଥିଲେ। ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ନନ୍ଦ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ମୂଲ୍ୟାୟନ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତିମିର ରଞ୍ଜନ ପଣ୍ଡା ଓ ରମାକାନ୍ତ ମାଝୀ ଏବଂ ଇଂରାଜୀ ବିଭାଗରେ ମୂଲ୍ୟାଙ୍କନ କରୁଥିଲେ ଅଧ୍ୟାପକ ମାନସ ରଞ୍ଜନ ପରିଡ଼ା, ଅଧ୍ୟାପକ ପ୍ରତାପ ବରାଳ ଓ ଅବସରପ୍ରାପ୍ତ ସିଆର୍‌ସିସି ସୁଶାନ୍ତ ପରିଷା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତିମିର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ।

**ବୃଷ:** ବନ୍ଧୁଙ୍କ ବ୍ୟବହାର ବ୍ୟଥିତ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଅନ୍ୟମାନଙ୍କ ଉପରେ ଅଧିକ ବିଶ୍ୱାସ କରନ୍ତୁନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ସଫଳତା ପାଇଁ କଠିନ ପରିଶ୍ରମ କରିବେ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କର୍କଟ:** ନୂତନ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ପରିବାର ଲୋକଙ୍କ ମଧ୍ୟରେ ସମୟ ଅତିବାହିତ କରିବେ। ଧ୍ୟାନର ସହିତ ନିଜ କାର୍ଯ୍ୟ କରନ୍ତୁ। ତରବରିଆ ଭାବେ ନିବେଶ କରନ୍ତୁ ନାହିଁ।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ।

**କନ୍ୟା:** ନିଜ ପାଇଁ ସମୟ ବାହାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ତୁଳା:** ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଛେଦ ପଡ଼ିବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସମାଜ ସେବାରେ ସମୟ ଅତିବାହିତ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି। ଅଚାନକ ଖୁସି ଖବର ପାଇବେ।

**ଧନୁ:** ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶାରୀରିକ ପୀଡ଼ା ଅନୁଭବ କରିବେ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜି ହେବ।

**ମକର:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ।

## ଆଜିର ଐତିହ୍ୟ

- ୧୯୪୩- ଇଟାଲୀ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୬- ବଲିଭିଆରେ ବୋଇଂ ଜେଟ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।
- ୧୯୯୯- ଅଟଳ ବିହାରୀ ବାଜପେୟୀ ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୩- ମଧ୍ୟପ୍ରଦେଶର ଦତିଆ ଜିଲ୍ଲାରେ ଏକ ପୋଲ ଉପରେ ଦଳାଚକଟା ଯୋଗୁଁ ୧୦୯ ଜଣଙ୍କ ମୃତ୍ୟୁ।

## କୁକୁର ପାଇଁ କର



ଇଟାଲିରେ ଏବେ ଲୋକଙ୍କ ସହ କୁକୁରଙ୍କ ଉପରେ ବି ଟୁରିଷ୍ଟ ଟ୍ୟାକ୍ସ ଲଗାଇବା ଯୋଜନା କରାଯାଇଛି। ବୋଲଜାନୋ ସହରର ଡୋଲୋମାଇଟ୍ ପାହାଡ଼ ପାଖରେ ୨୦୨୬ ମସିହାରୁ ବାହାରୁ ଆସୁଥିବା କୁକୁରଙ୍କ ଉପରେ ପ୍ରତିଦିନ ଦୁଇ ଡଲାର ଟ୍ୟାକ୍ସ ଲାଗିବ। କେବଳ ସେତିକି ନୁହେଁ, ଏଠାରେ ଯେଉଁ ସ୍ଥାନୀୟ ଲୋକଙ୍କ ପାଖରେ କୁକୁର ଅଛି, ସେମାନଙ୍କୁ ମଧ୍ୟ ପ୍ରତିବର୍ଷ ୧୦୦ ୟୁରୋ ଦେବାକୁ ପଡ଼ିବ। ତେବେ ଏଭଳି ନିୟମ ହେବା ପଛରେ କାରଣ ମଧ୍ୟ ରହିଛି। ଟିକସ ଅର୍ଥରେ ରାସ୍ତା ସଫେଇ କାର୍ଯ୍ୟ କରାଯିବା ସହ କୁକୁରଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ତିଆରି କରାଯିବ। ତେବେ ଏହି ଟ୍ୟାକ୍ସ ଏକ ବଡ଼ ନିୟମ ପରେ ଆସିଛି। ଉକ୍ତ ନିୟମ ଅନୁଯାୟୀ, ମାଲିକମାନଙ୍କୁ ନିଜ କୁକୁରଙ୍କର ଡିଏନ୍‌ଏ ପଞ୍ଜୀକରଣ କରିବାକୁ ହୋଇଥାଏ। ଯଦି କୌଣସି ମାଲିକ ନିଜ କୁକୁରର ମଳ ନ ଉଠାଇବେ, ସେମାନଙ୍କ ଉପରେ ଡିଏନଏନ୍ ମେଳ କରାଯାଇ ୬୦୦ ୟୁରୋ ଜରିମାନା ଲଗାଯିବ। ସେହିପରି ଯେଉଁମାନେ ପୂର୍ବରୁ ଡିଏନ୍‌ଏ ରେଜିଷ୍ଟ୍ରେସନ କରିସାରିଛନ୍ତି, ସେମାନଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି କରରୁ ମୁକ୍ତି ମିଳିବ। ଏହି ନିୟମ ଆଣିଥିବା କାଉନସିଲର ଲୁଇସ୍ ଭାଲଚରଙ୍କ ମତରେ ଏହା ଏକ ଉଚିତ ପଦକ୍ଷେପ। ଅନ୍ୟପଟେ ଏଭଳି ନିଷ୍ପତ୍ତିରେ ସମସ୍ତେ ଖୁସି ନାହାନ୍ତି। ପ୍ରାଣୀ ସୁରକ୍ଷା ସଂଗଠନ ଇଏନ୍‌ପିଏର ସଦସ୍ୟ କାର୍ଲା ରୋଚି ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଏହା ଏକ ଭୁଲ ନିଷ୍ପତ୍ତି। କାରଣ ଏହା କେବଳ ପରିବାର ଏବଂ ପର୍ଯ୍ୟଟକଙ୍କୁ ବିଚଳିତ କରିବ ନାହିଁ, ବରଂ ଏହା ପଶୁମାନଙ୍କୁ କରଦାତା କରି ଏକ ଭୁଲ ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି। ସେହିପରି ପ୍ରାଣୀ ପରିବାରର ଏକ ଅଂଶ। ସେମାନଙ୍କ ଉପରେ ଟ୍ୟାକ୍ସ ଲଗାଇବା ସମସ୍ୟାର ସମାଧାନ ନୁହେଁ। ଏହାଦ୍ୱାରା ଲୋକେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲାବୁଲି କମ୍ କରିବେ। ଏପରିକି ଲୋକେ ପୋଷା ଜୀବଜନ୍ତୁ ରଖିବାରୁ ନିବୃତ୍ତ ରହିବେ। ଅନ୍ୟପଟେ ଏହି ସ୍ଥାନ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ଏଠାରେ ସେହି ଲୋକଙ୍କୁ ଟାର୍ଗେଟ୍ କରାଯାଉଛି, ଯେଉଁମାନେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲୁଛନ୍ତି।

## "୧୦୦ କୋଟି ଦେଲେ ବି ସଞ୍ଜୟଙ୍କ ସହ କାମ କରିବିନି"




ବଲିଉଡ୍‌ର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି ସଞ୍ଜୟ ଲୀଳା ଭଁସାଲି। ସଞ୍ଜୟ ସଙ୍ଗୀତ ନିର୍ଦ୍ଦେଶକ ଇସ୍ମାଇଲ୍ ଦରବାରଙ୍କ ସହ 'ଦେବଦାସ', 'ହମ୍ ଦିଲ୍ ଦେ ଚୁକେ ସନମ୍' ଫିଲ୍ମରେ କାମ କରିଛନ୍ତି। ଏହି ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଅନେକ ସମୟରେ ସଞ୍ଜୟ ଓ ଇସ୍ମାଇଲଙ୍କ ମଧ୍ୟରେ ବିବାଦକୁ ନେଇ ଚର୍ଚ୍ଚା ହୋଇଛି। ନିକଟରେ ଇସ୍ମାଇଲ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସଞ୍ଜୟଙ୍କ ସହ ତାଙ୍କ ବିବାଦକୁ ନେଇ ମୁହଁ ଖୋଲିଛନ୍ତି। ସେ ସଞ୍ଜୟଙ୍କୁ ଅହଙ୍କାରୀ କହିବା ସହ ୧୦୦ କୋଟି ଦେଲେ ବି ତାଙ୍କ ସହ କାମ କରିବେନି ବୋଲି କହିଛନ୍ତି। ଇସ୍ମାଇଲ୍ ଆହୁରି ମଧ୍ୟ କହିଛନ୍ତି, ୨୦୧୦ରେ ସେ 'ଗୁଜାରିଶ୍' ଫିଲ୍ମରେ ସଞ୍ଜୟଙ୍କ ସହ କାମ କରିଥାନ୍ତେ। କିନ୍ତୁ 'ହମ୍ ଦିଲ୍ ଦେ ଚୁକେ ସନମ୍' ସେଟ୍‌ରୁ ଆରମ୍ଭ ହୋଇଥିବା ବିବାଦ 'ଦେବଦାସ ଫିଲ୍ମ ସମୟରେ ଆହୁରି ବଢ଼ି ଯାଇଥିଲା ଯେତେବେଳେ ସଞ୍ଜୟ ତାଙ୍କ ପିଆର୍ ଟିମ୍‌କୁ ଇସ୍ମାଇଲ୍‌ଙ୍କୁ ସାକ୍ଷାତକାରରୁ ଦୂରେଇ ରଖିବାକୁ କହିଥିଲେ। ସଞ୍ଜୟଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି'ର ସଙ୍ଗୀତ ଦାୟିତ୍ୱ ମଧ୍ୟ ଇସ୍ମାଇଲଙ୍କ ହାତକୁ ଆସିଥିଲା। ତେବେ ଏକ ଆର୍ଟିକଲ୍‌ରେ 'ହୀରମଣ୍ଡି'ର ସଙ୍ଗୀତ ତା'ର ମେରୁଦଣ୍ଡ ବୋଲି ପ୍ରକାଶ ପାଇବା ପରେ ଏହା ଇସ୍ମାଇଲ୍ କରିଛନ୍ତି ବୋଲି ସଞ୍ଜୟ ଭାବିଥିଲେ। ଏହାପରେ ସଞ୍ଜୟ ଇସ୍ମାଇଲ୍‌ଙ୍କୁ ତାଙ୍କ ଅଫିସ୍‌କୁ ଡାକି ଏବାବଦରେ ପଚାରିଥିଲେ। ସଞ୍ଜୟ ତାଙ୍କୁ ଏଭଳିସ୍ଥିତିରେ ପକାଇବେ ଯାହା ତାଙ୍କୁ ଏହି ୱେବ୍‌ସିରିଜ୍ ଛାଡ଼ିବାକୁ ବାଧକରିବ ଆଶା କରି ଇସ୍ମାଇଲ୍ ଏଥିରୁ ଓହରି ଯାଇଥିଲେ। ଯଦି ସଞ୍ଜୟ ତାଙ୍କୁ ୧୦୦ କୋଟି ଦେଇ ତାଙ୍କ ଫିଲ୍ମର ସଙ୍ଗୀତ ଦେବାକୁ କୁହନ୍ତି ସେ ତାଙ୍କୁ ଶୀଘ୍ର ଏଠାରୁ ଚାଲି ଯାଆନ୍ତୁ ବୋଲି କହିବେ ବୋଲି ଇସ୍ମାଇଲ୍ କହିଛନ୍ତି।



## ଚର୍ଚ୍ଚାରେ ବିବାହ ବିଜ୍ଞାପନ

ଆଜିକାଲି ଅନେକ ଯୁବକ, ଯୁବତୀ ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକରୁ ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ଏଭଳି ବିଜ୍ଞାପନଗୁଡ଼ିକ ବେଶ୍ ସାଧାରଣ ହୋଇଥାଏ। ଏଇ ଯେଭଳି ଯୁବକ କିମ୍ବା ଯୁବତୀ ସୁନ୍ଦର ହୋଇଥିବେ, ଭଲ ଚାକିରି କରିଥିବେ, ସଂସ୍କାରୀ ପରିବାରର ହୋଇଥିବେ ଆଦି ବିଜ୍ଞାପନରେ ଉଲ୍ଲେଖ କରାଯାଇଥାଏ। ହେଲେ ଏବେ ଏକ ମ୍ୟାଟ୍ରିମୋନିଆଲ ବିଜ୍ଞାପନ ଚର୍ଚ୍ଚାରେ ଅଛି। କାରଣ ଏହି ବିଜ୍ଞାପନ ସାଧାରଣ ମ୍ୟାଟ୍ରିମୋନିଆଲ ବିଜ୍ଞାପନର ସମ୍ପୂର୍ଣ୍ଣ ବିପରୀତ। ବିଜ୍ଞାପନଟି ବିହାରର ଜଣେ ବେକାରୀ ଦନ୍ତ ଚିକିତ୍ସକ ଦେଇଛନ୍ତି। ତେବେ ସେ ନିଜ ପାଇଁ ଯେଉଁ ପ୍ରକାର କନ୍ୟା ଖୋଜୁଛନ୍ତି, ତାକୁ ଦେଖି ଲାଗୁଛି, ସେ ଜଣେ ସୁପର୍‌ଓମ୍ୟାନ୍ ସନ୍ଧାନରେ ଅଛନ୍ତି। ସେ ତାଙ୍କ ବିଜ୍ଞାପନରେ ଲେଖିଛନ୍ତି, ଯୁବତୀ ଜଣକ ସୁନ୍ଦରୀ ଓ ଗୌରବର୍ଣ୍ଣ ହୋଇଥିବେ। ସଚ୍ଚୋଟ, ଭରସାଯୋଗ୍ୟ, ସାହସୀ ହେବା ସହ ଧନୀ ଓ ଦେଶଭକ୍ତ ହୋଇଥିବେ। ଭାରତର ସୈନ୍ୟ ଓ କ୍ରୀଡ଼ା କ୍ଷମତାକୁ ବଢ଼ାଇବା ଦିଗରେ ଆଗ୍ରହୀ ଥିବେ। ଯୁବତୀ ଜଣକ ଦୟାଳୁ ହେବା ସହ ଛୋଟ ପିଲାଙ୍କର ଦେଖାଶୁଣା କରିପାରୁଥିବେ। ରୋଷେଇ ମଧ୍ୟ ଭଲ ଜାଣିଥିବେ। କେବଳ ସେତିକି ନୁହେଁ, ସେ ବିହାର କିମ୍ବା ଝାଡ଼ଖଣ୍ଡର ହିନ୍ଦୁ ବ୍ରାହ୍ମଣ ପରିବାରରୁ ହେବା ସହ କର୍ମଜୀବୀ ହୋଇଥିବେ। ତେବେ ଏତିକିରେ ତାଙ୍କ ବିଜ୍ଞାପନ ଶେଷ ହେବା ଭାବିବା ସ୍ୱାଭାବିକ। ହେଲେ ପୂରା କୁଣ୍ଡଳି ମେଳ ସହିତ ୩୬ ଗୁଣ ମେଳ ମଧ୍ୟ ଅନିବାର୍ଯ୍ୟ ବୋଲି ସେ ଶେଷରେ ଲେଖିଛନ୍ତି। ଏହି ବିଜ୍ଞାପନର ସ୍କ୍ରିନସଟ୍ ରେଡ୍ଡିଟ୍‌ରେ ପୋଷ୍ଟ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହା ଉପରେ ଲୋକେ ବେଶ୍ ମଜାଳିଆ ପ୍ରତିକ୍ରିୟା ଦେଇଛନ୍ତି।



BRAHMIN
Dr. Abhinao Kumar, BDS, 5'8" (Presently not working) (DOB-2.4.1989, Time of Birth-9:45 am, Place of Birth-Bhagalpur, Bihar, Caste-Brahmin, Gohtra-Bhardawaj) want any very fair, beautiful, very loyal, very trustworthy, loving, caring, brave, powerful, rich, EXTREMELY PATRIOTIC TO INDIA WITH A KEEN DESIRE TO INCREASE INDIA'S MILITARY AND SPORTS CAPABILITIES, an extremist



## କାର୍ତ୍ତିକ ସ୍ନାନର ମହତ୍ତ୍ୱ

**ଚାଲିଛି ପବିତ୍ର କାର୍ତ୍ତିକ ମାସ। ତେବେ କାର୍ତ୍ତିକ ମାସରେ ସ୍ନାନ, ବ୍ରତ, ତୁଳସୀ ପୂଜା, ଦୀପଦାନ ଓ ଦାନ ଦ୍ୱାରା ପାପରୁ ମୁକ୍ତି ମିଳିଥାଏ। ତା'ସହ ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମାଙ୍କ ଉପାସନା ଲାଗି ଖୁବ୍ ମହତ୍ତ୍ୱପୂର୍ଣ୍ଣ। ତେବେ ଏହି ମାସରେ ସ୍ନାନର ମହତ୍ତ୍ୱ କ'ଣ ରହିଛି, ସେ ସମ୍ପର୍କରେ ଜାଣିବା।**

ନିୟମିତ ପୂଜା ପାଠ କରିବା ଦ୍ୱାରା ଆଧ୍ୟାତ୍ମିକ ବିକାଶ ଘଟେ।

**ନିୟମ**

- ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠିବା ଉଚିତ।
- ପବିତ୍ର ନଦୀରେ ସ୍ନାନ କରିବା ଦରକାର।
- ସ୍ନାନ ସମୟରେ ଭଗବାନ ବିଷ୍ଣୁଙ୍କ ନାମ ସ୍ମରଣ କରିବା ଉତ୍ତମ।
- ସ୍ନାନ ପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରନ୍ତୁ।
- ଏହା ପରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ବୃନ୍ଦାବତୀଙ୍କ ପୂଜା କରିବା ଦରକାର।
- ଏହାବାଦ୍ ପ୍ରତିଦିନ ତୁଳସୀ ଗଛ ମୂଳରେ ଘିଅ ଦୀପ ପ୍ରଜ୍ୱଳିତ କରନ୍ତୁ।


**ମହତ୍ତ୍ୱ:** କାର୍ତ୍ତିକ ମାସରେ ସ୍ନାନର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ଅତ୍ୟନ୍ତ ପୁଣ୍ୟଦାୟକ ବୋଲି କୁହାଯାଇଛି। ଏହି ମାସରେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଗଙ୍ଗା, ଯମୁନା ତଥା କୌଣସି ପବିତ୍ର ନଦୀରେ ସ୍ନାନ କରିବାକୁ ଶ୍ରେଷ୍ଠ ବୋଲି ବିଚାର କରାଯାଏ। ଯଦି ପବିତ୍ର ନଦୀରେ ସ୍ନାନ ସମ୍ଭବ ନୁହେଁ, ତେବେ ପାଣିରେ ଗଙ୍ଗା ଜଳ ମିଶାଇ ଘରେ ସ୍ନାନ କରିପାରିବେ। ଏହାଦ୍ୱାରା ଶରୀର ଏବଂ ଆତ୍ମା ଶୁଦ୍ଧ ହୁଏ ଏବଂ ପାପରୁ ମୁକ୍ତି ମିଳେ। ଭଗବାନ ବିଷ୍ଣୁ ଏବଂ ମା ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୁଏ। ଜୀବନରେ ଧନ, ସୁଖ ଓ ସମୃଦ୍ଧି ପ୍ରାପ୍ତ ହୁଏ। ଶରୀର ସୁସ୍ଥ ଓ ମନ ଶାନ୍ତ ରହେ। କାର୍ତ୍ତିକ ମାସ ଯାକ

## ଭୁଲରେ ବି ତଳେ ରଖନ୍ତୁନି ଠାକୁର ମୂର୍ତ୍ତି

ପ୍ରତ୍ୟେକ ହିନ୍ଦୁଙ୍କ ଘରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଏ। ଏହା ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ତେବେ ପୂଜା ସମୟରେ କିଛି ଜିନିଷକୁ ତଳେ ଭୁଲବଶତଃ ରଖିବା ଦ୍ୱାରା ଖରାପ ପ୍ରଭାବ ପଡ଼ିଥାଏ। ଯାହା ଅନେକ ଜାଣି ନାହାନ୍ତି। ସାଧାରଣତଃ ସଫାସଫି କରିବା ସମୟରେ ଲୋକମାନେ ଠାକୁରଙ୍କ ମୂର୍ତ୍ତିକୁ ତଳେ ଭୁଲବଶତଃ ରଖି ଦିଅନ୍ତି। ତେବେ ଏଭଳି କରିବା ଅନୁଚିତ। କୁହାଯାଏ, ଠାକୁରଙ୍କ ମୂର୍ତ୍ତିକୁ ତଳେ ରଖିବା ଦ୍ୱାରା ତାଙ୍କ ପ୍ରତି ଅପମାନ ହୋଇଥାଏ। ଏହାଦ୍ୱାରା ଘରେ ଅଶାନ୍ତି ଦେଖାଦିଏ। ଠାକୁର ଘର ସଫା ବା ପରିଷ୍କାର କରିବା ସମୟରେ ମୂର୍ତ୍ତିକୁ ତଳେ ରଖନ୍ତୁ ନାହିଁ। ତେବେ ମୂର୍ତ୍ତିକୁ ନାଲି କପଡ଼ାରେ ଗୁଡ଼ାଇ ଥାଳିରେ ରଖିବା ଉଚିତ।





## ଧନତେରସ

**କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀକୁ ଧନ୍ୱନ୍ତରୀ ତ୍ରୟୋଦଶୀ ବା 'ଧନତେରାସ୍' ବୋଲି କୁହାଯାଏ। ଦୀପାବଳିର ଦୁଇଦିନ ପୂର୍ବରୁ ଏହାକୁ ପାଳନ କରାଯାଏ। ଏହିଦିନ ସୁନା,ରୁପା କିଣାକିଣିକୁ ଶୁଭ ବୋଲି ବିବେଚନା କରାଯାଏ।**

ପୌରାଣିକ କାହାଣୀ ଅନୁସାରେ, ସମୁଦ୍ର ମନ୍ଥନ ଶେଷରେ ଦେବବୈଦ୍ୟ ଧନ୍ୱନ୍ତରୀ ଅମୃତ କଳସରେ ପ୍ରକଟ ହୋଇଥିଲେ। ସେ ହିଁ ଦୁନିଆକୁ ଆୟୁର୍ବେଦ ବିଦ୍ୟାର ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲେ। ଏହି ପର୍ବ ଦୀପାବଳିର ଦୁଇ ଦିନ ପୂର୍ବରୁ ଆସିଥାଏ। ଏହିଦିନ ଧନର ଦେବତା କୁବେରଙ୍କ ପୂଜାର ମହତ୍ତ୍ୱ ରଖେ। ଅନ୍ୟ ଏକ ମାନ୍ୟତାନୁସାରେ, ଏହିଦିନ ଯମରାଜାଙ୍କଠାରୁ ରାଜା ହିମଙ୍କ ପୁତ୍ରଙ୍କୁ ତାଙ୍କ ପତ୍ନୀ ରକ୍ଷା କରିଥିଲେ। ସେହିପରି ସନ୍ଧ୍ୟାରେ ଧନ୍ୱନ୍ତରୀଙ୍କୁ ଦୀପଦାନ କରିବା ଶୁଭ ବୋଲି କୁହାଯାଇଛି। ଏହାଦ୍ୱାରା ଯମରାଜ ଖୁସି ହୁଅନ୍ତି ଏବଂ ଅକାଳ ମୃତ୍ୟୁରୁ ରକ୍ଷା ମିଳେ।

ପ୍ରାଚୀନକାଳରୁ ହିଁ ଧନତେରାସ୍‌ରେ କିଛି ନା କିଛି କିଣିବାର ପରମ୍ପରା ରହିଛି। ଏହିଦିନ କିଣାଯାଉଥିବା ଜିନିଷ ନଷ୍ଟ ହେଉ ନ ଥିବା ବିଶ୍ୱାସ ଅଛି। ଅନେକ ଲୋକ ଏହି ଦିନରେ ସୁନା, ରୁପା ଆଦି କିଣିଥାନ୍ତି। କିଛି ଲୋକ ଝାଡୁ ନିହାତି ଏହିଦିନ କିଣନ୍ତି। ଝାଡୁକୁ ମା' ଲକ୍ଷ୍ମୀଙ୍କ ରୂପ ଭାବେ ବିବେଚନା କରାଯାଏ। ଏହା ସୁଖ ସହିତ ଖରାପ ଶକ୍ତି ନାଶ କରୁଥିବା ବିଶ୍ୱାସ ଅଛି। ମା' ଲକ୍ଷ୍ମୀ ସମୃଦ୍ଧି ପ୍ରଦାନ କରନ୍ତି।

ଏହିଦିନ ମା'ଲକ୍ଷ୍ମୀ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି କିଣିବା ଦ୍ୱାରା ଘର ଧନଧାନ୍ୟରେ ଭରପୂର ହୋଇଥାଏ। ଏହା ସହିତ ଦକ୍ଷିଣାବର୍ତ୍ତୀ ଶଙ୍ଖ, ରୁଦ୍ରାକ୍ଷ, ଧାର୍ମିକ ପୁସ୍ତକ ଓ ପଦ୍ମମାଳା କିଣିବା ଶୁଭ। ସେହିପରି ଏହିଦିନ ବାସନ କିଣିବା ମଧ୍ୟ ଶୁଭ। ବାସନରେ କିଛି ଶସ୍ୟ, ନଚେତ୍ ଟଙ୍କା ଭରି ଆଣିବା ଦ୍ୱାରା ଘର ସବୁବେଳେ ଧନଧାନ୍ୟରେ ଭରି ରହିଥାଏ ବୋଲି ଏହା ଦର୍ଶାଏ। ଅନ୍ୟପକ୍ଷରେ ଷ୍ଟିଲ୍, ଆଲୁମିନିୟମ, ପ୍ଲାଷ୍ଟିକ୍, କାଚ ବାସନ କିଣିବା ଅଶୁଭ ହୋଇଥାଏ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ


ଶିବନାରାୟଣ ମହାପାତ୍ର


(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ'ରେ ଉପାଖ୍ୟାନ ସମ୍ପର୍କରେ କୁହାଯାଇଥିଲା। ଏଥର ଏହାର ତତ୍ତ୍ୱ ସମ୍ପର୍କରେ କୁହାଯାଇଛି।)

ଏବେ ଉପାଖ୍ୟାନର ତତ୍ତ୍ୱ କୁ ବୁଝିବାକୁ ଚେଷ୍ଟା କରିବା।

ଏହି ଗଳ୍ପର ଚରିତ୍ର ଗୁଡିକ ହେଉଛନ୍ତି:

ପୁରଞ୍ଜନ : ଜୀବତ୍ମା
ଅଭିଜ୍ଞାତ : ପରମାତ୍ମା
ପୁରଞ୍ଜନୀ : ଜୀବର ମତୀ / ବୁଦ୍ଧି
ନବ ଦ୍ୱାର ସମ୍ପନ୍ନ ପ୍ରାସାଦ : ମଣିଷର ଶରୀର
ନଅ ଗୋଟି ଦ୍ୱାର : ମଣିଷର ମୁହଁରେ ସାତ ଗୋଟି ଦ୍ୱାର (ନାକ-୨ ,କାନ -୨ , ଆଖି -୨ ,ପାଟି-ଏକ)
ନିମ୍ନରେ ଦୁଇଟି ଦ୍ୱାର ( ମଳ ଦ୍ୱାର ଓ ମୂତ୍ର ଦ୍ୱାର)
ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର : ମଣିଷ ଶରୀର ର ପଞ୍ଚ କୋଷ ( ଅନ୍ନମୟ ,ପ୍ରାଣମୟ ,ମନୋମୟ ,ବିଜ୍ଞାନମୟ ,ଆନନ୍ଦମୟ)
ପୁରଞ୍ଜନୀର ଦଶ ଅଙ୍ଗ ରକ୍ଷକ : ଜୀବର ପାଞ୍ଚ କର୍ମେନ୍ଦ୍ରିୟ (ହାତ ,ମୁହଁ ,ଗୋଡ ,ଲିଙ୍ଗ ,ଗୁର୍ଦା )
ପାଞ୍ଚ ଜ୍ଞାନେନ୍ଦ୍ରିୟ ( ଆଖି, କାନ ,ନାକ ,ଜିଭ ,ଚର୍ମ)
ପୁରଞ୍ଜନୀର ସେନାପତି : ଜୀବର ମନ
ପାଞ୍ଚ ଫଣା ବିଶିଷ୍ଟ ସର୍ପ : ପାଞ୍ଚ ପ୍ରାଣ (ପ୍ରାଣ ,ଆପାନ ,ବ୍ୟାନ ,ଉଧାନ ,ସାମାନ )
ପାଞ୍ଚ ଟି ଘୋଡା : ପାଞ୍ଚ ଇନ୍ଦ୍ରୀୟ (ଶ୍ରବଣ , ଘ୍ରାଣ ,ଦର୍ଶନ ,ସ୍ପର୍ଶ ,ସ୍ୱାଦ )
ଦୁଇ ଚକ ବିଶିଷ୍ଟ ରଥ : ମଣିଷ ର ଦୁଇ ଗୋଡ
ଜରା : ବୃଦ୍ଧାବସ୍ଥା
ଚଣ୍ଡବେଗ : କାଳ ଚକ୍ର
ଚଣ୍ଡବେଗର କଳା ,ଧଳା ସୈନ୍ୟ : ଦିନ (ଧଳା ) ଓ ରାତି (କଳା )

ଏବେ ସମ୍ପୂର୍ଣ୍ଣ ଘଟଣାଟି ଆଲୋଚନା କରିବା।

ଏକଦା ପୁରଞ୍ଜନ (ଜୀବତ୍ମା ) ଏବଂ ଅଭିଜ୍ଞାତ (ପରମାତ୍ମା ) ଦୁଇ ଅନ୍ତରଙ୍ଗ ବନ୍ଧୁ ଥିଲେ। ଯେ ପର୍ଯ୍ୟନ୍ତ ପୁରଞ୍ଜନ (ଜୀବତ୍ମା ) ଅଭିଜ୍ଞାତ (ପରମାତ୍ମା )ଙ୍କ ସହିତ ନିବିଡ଼ ଥିଲା, ପୁରଞ୍ଜନ ଅତ୍ୟନ୍ତ ଆନନ୍ଦରେ ଥିଲା। ହଠାତ୍ ପୁରଞ୍ଜନ (ଜୀବତ୍ମା )ର ଇଚ୍ଛା ହେଲା କିଛି ନଗର ( ବିଭିନ୍ନ ଯୋନି ରେ) ଭ୍ରମଣ କରିବାକୁ। ବିଭିନ୍ନ ସହର (ଚୌରାଶି ଲକ୍ଷ ଯୋନି) ବୁଲିବା ପରେ ହିମାଳୟର ଦକ୍ଷିଣ ଦିଗ (ଭାରତ ) ରେ ଆସି ପହଞ୍ଚିଲା। ସେଠାରେ ନବ ଦ୍ୱାର ବିଶିଷ୍ଟ ଏକ ପ୍ରାସାଦ (ମଣିଷ ଶରୀର ) ଦେଖିଲା। ଏହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ଥିଲା (ପ୍ରାଚୀର ଗୁଡିକୁ ଉପରେ ବ୍ୟାଖ୍ୟା କରାଯାଇ ଅଛି)। ଉକ୍ତ ପ୍ରାସାଦରେ ଜଣେ ସୁନ୍ଦରୀ କନ୍ୟା (ନାମ ପୁରଞ୍ଜନୀ) (ମଣିଷ ର ମତି / ବୁଦ୍ଧି / ଅବିଦ୍ୟା ) ବାସ କରୁ ଥିଲା। ଏହି କନ୍ୟାଙ୍କୁ ଦଶ ଜଣ ଅଙ୍ଗ ରକ୍ଷକ (ଉପରେ ବ୍ୟାଖ୍ୟା କରା ଯାଇ ଅଛି) ଘେରି ରହିଥିଲେ ଏବଂ କନ୍ୟାର ଜଣେ ସେନାପତି ( ମଣିଷ ର ମନ ) ଥିଲେ। ସୁନ୍ଦରୀ ଯୁବତୀ ଅବିବାହିତ ଥିଲେ - ପୁରଞ୍ଜନଙ୍କୁ ବିବାହ ନିମନ୍ତେ ଆଗ୍ରହ କରିବାରୁ ପୁରଞ୍ଜନ ପୁରଞ୍ଜନୀ ଙ୍କୁ ବିବାହ କଲେ ( ମଣିଷ ଯୋନିରେ ପ୍ରବେଶ କଲେ)।

(କ୍ରମଶଃ...)


କେଶୁରା
ମୋ: ୮୨୪୯୨୧୩୦୪୦

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

### କୁଳଦୀପଙ୍କୁ ୫ ୱିକେଟ; ୱେଷ୍ଟଇଣ୍ଡିଜ୍ ୨୪୮ ରେ ଆଉଟ୍

# ଫଲୋଅନ୍ ପରେ ଲଢ଼ିଲେ ହୋପ୍-କ୍ୟାମ୍ପବେଲ୍

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି)

ଦୁଇ ବାମହାତୀ ସ୍ପିନର କୁଳଦୀପ ଯାଦବଙ୍କୁ ୫ ଓ ରବୀନ୍ଦ୍ର ଜାଡେଜାଙ୍କୁ ୩ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ୫ ୱିକେଟରେ ୫୧୮ (ଘୋଷଣା) ରନ୍ ଜବାବରେ ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଫଳରେ ୨୭୦ରନ୍‌ରେ ପଛରେ ରହି ୱେଷ୍ଟଇଣ୍ଡିଜ୍ ଫଲୋଅନ୍ ହୋଇଛି। ଫଲୋଅନ୍ ପରେ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଲଢ଼ୁଆ ବ୍ୟାଟିଂ କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ୱିକେଟରେ ୧୭୩ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ କ୍ୟାମ୍ପବେଲ ୮୭ ଓ ହୋପ୍ ୬୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡ଼ିରୁ ୧୩୮ ରନ୍ ସଂଗ୍ରହ କରିବା ଫଳରେ ୨୦୧୬ ପରେ ପ୍ରଥମଥର ମ୍ୟାଚ୍ ଚତୁର୍ଥ ଦିନକୁ ଯାଇଛି। ଦଳ ପକ୍ଷରୁ ଟାଗେନାରିନ୍ ଚନ୍ଦରପଲ ୧୦ ଓ ଆଲିକ୍ ଆଥାନାଜେ ୭ ରନ୍‌ରେ ଆଉଟ ହୋଇଥିଲେ। ମହମ୍ମଦ୍ ସିରାଜ ଓ ୱାଶିଂଟନ ସୁନ୍ଦର ଭାରତ ପକ୍ଷରୁ ଉପରୋକ୍ତ ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି।





### ପ୍ରଥମ ଇନିଂସରେ ସ୍ପିନରଙ୍କର ପ୍ରାଧାନ୍ୟ

ଏହି ଟେଷ୍ଟର ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୪ ୱିକେଟରେ ୧୪୦ ରନ୍‌ରୁ ଖେଳ ଆରମ୍ଭ କରି ସତର୍କତାର ସହ ଖେଳିଥିଲେ ୱେଷ୍ଟଇଣ୍ଡିଜ୍‌ର ସାଇ ହୋପ୍ ଓ ଟେଭିନ ଇମ୍‌ଲାଚ୍। ତୃତୀୟ ଦିନ ୱେଷ୍ଟଇଣ୍ଡିଜ୍ ଆଉ ୧୬ ରନ୍ ଯୋଡ଼ିବା ପରେ ହୋପ୍‌ଙ୍କୁ ୩୬ ରନ୍‌ରେ ବୋଲ୍ଡ କରି କୁଳଦୀପ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାର ୭ ରନ୍ ପରେ ପୂର୍ବଦିନର ଅନ୍ୟତମ ଅପରାଜିତ ବ୍ୟାଟର ଇମ୍‌ଲାଚ୍ (୨୧) ମଧ୍ୟ କୁଳଦୀପଙ୍କ ଶିକାର ବନିଥିଲେ। ଏହି ସମୟରେ ଦଳ ସାମୟିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଭ୍ରମଣକାରୀ ଦଳ ୧୭୫ ରନ୍‌ରେ ୮ମ ୱିକେଟ ହରାଇବା ପରେ ଖାରୀ ପିଏରେ ଓ ଆଣ୍ଡରସନ ଫିଲିପ୍ ୯ମ ୱିକେଟରୁ ୪୬ ରନ୍, ଫିଲିପ୍ ଓ ଜେଡେନ ସିଲ୍ସ ୨୭ ରନ୍ ଉଠାଇଥିଲେ। ଏହା ଫଳରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୨୪୮ ରନ୍ କରିଥିଲେ ମଧ୍ୟ ଫଲୋଅନ ହୋଇଥିଲା।

ଏଠାରେ ବ୍ୟାଟିଂ କରିବା ସହଜ ହୋଇଥିଲେ ମଧ୍ୟ ଭାରତୀୟ ସ୍ପିନରମାନେ ସୁଯୋଗ ସୃଷ୍ଟି କରି ୱିକେଟ ହାସଲ କରିଥିଲେ। ଦଳ ପକ୍ଷରୁ ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ସର୍ବାଧିକ ୫ଟି ଓ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ପାଇଥିଲେ। ଜାଡେଜାଙ୍କୁ ଦ୍ୱିତୀୟ ଦିନ ସମସ୍ତ ୩ଟି ଯାକ ୱିକେଟ ମିଳିଥିଲାବେଳେ ତୃତୀୟ ଦିନ ବିଫଳ ହୋଇଥିଲେ। ଆଜି ୱେଷ୍ଟଇଣ୍ଡିଜ୍ ହରାଇଥିବା ୬ଟି ୱିକେଟ ମଧ୍ୟରୁ କୁଳଦୀପଙ୍କୁ ୫ ୱିକେଟ ମିଳିଥିଲା। ବୁମ୍‌ରା ଅନ୍ୟ ଜଣଙ୍କୁ ଆଜି ଆଉଟ କରିଥିଲେ।

### ଏ ବର୍ଷର ରେକର୍ଡ ପାର୍ଟନରସିପ୍

ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦୁଇଟି ସହଜ ୱିକେଟ ହରାଇଥିଲା। ୩୫ ରନ୍‌ରେ ୨ ୱିକେଟ ହରାଇଥିବା ପରେ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଅବିଭକ୍ତ ତୃତୀୟ ୱିକେଟରୁ ୧୩୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ ୱିକେଟରେ ୧୭୩ ରନ୍ କରିଥିଲା। ଏହି ପାର୍ଟନରସିପ୍ ଚଳିତବର୍ଷ ୱେଷ୍ଟଇଣ୍ଡିଜ୍ ଲାଗି ସର୍ବାଧିକ। ସେହିପରି କାଉଣ୍ଟର ଆଟାକ କରିଥିବା କ୍ୟାମ୍ପବେଲ ମଧ୍ୟ ଟେଷ୍ଟ କ୍ରିକେଟରେ ସର୍ବାଧିକ ୮୭ ରନ୍ କରିଛନ୍ତି। ହୋପ୍ ୩୧ଟି ଇନିଂସ ପରେ ଅର୍ଦ୍ଧଶତକ ହାସଲ କରି ୬୬ ରନ୍‌ରେ ଅପରାଜିତ ରହିଛନ୍ତି। ଏହା ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ହାତରେ ୮ଟି ୱିକେଟ ବାକି ରଖି ଏବେ ମଧ୍ୟ ୯୭ ରନ୍‌ରେ ପଛରେ ରହିଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍-୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଳଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୧୭୩/୨, ୪୯ ଓଭର** (କ୍ୟାମ୍ପବେଲ-ବ୍ୟାଟିଂ-୮୭, ହୋପ୍-ବ୍ୟାଟିଂ-୬୬, ସିରାଜ-୧/୧୦, ସୁନ୍ଦର-୧/୪୪)।

## ଜୟସ୍ୱାଲଙ୍କ ଉପରକୁ ବଲ ପକାଇ ସିଲ୍ସ ଦଣ୍ଡିତ

ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ୱେଷ୍ଟଇଣ୍ଡିଜ୍ ଫାଷ୍ଟ ବୋଲର ତାଙ୍କ ଉପରକୁ ବଲ ଫିଙ୍ଗି ଦଣ୍ଡିତ ହୋଇଛନ୍ତି। ଦଣ୍ଡ ଆକାରରେ ମ୍ୟାଚ୍ ରେଫରି ତାଙ୍କ ମ୍ୟାଚ୍ ଫି'ର ୨୫ ଶତକଡ଼ା କାଟିନେଇଛନ୍ତି ଓ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ଦେଇଛନ୍ତି। ଏଭଳି ଆଚରଣ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଓ ବିପଜ୍ଜନକ ବୋଲି ମ୍ୟାଚ୍ ରେଫରିଙ୍କର ହୃଦ୍‌ବୋଧ ହୋଇଛି। ଘଟଣାରୁ ଜଣାଯାଇଛି, ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ଭାରତୀୟ ଇନିଂସର ୨୯ତମ ଓଭରରେ ଏହି ଅଘଟଣ ଘଟିଥିଲା। ଏହି ଓଭରରେ ଜେଡେନ୍ ସିଲ୍ସ ଫଲୋ ଥ୍ରୁ'ରେ ବଲ ଧରିବା ପରେ ଜୟସ୍ୱାଲଙ୍କ ଉପରକୁ ବଲ ଫିଙ୍ଗିଥିଲେ। ବଲ୍‌ଟି ତାଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହା ଫଳରେ କୌଣସି କ୍ଷତି ହୋଇ ନ ଥିଲା। ଏହାକୁ କିନ୍ତୁ ଗମ୍ଭୀରତାର ସହ ନେଇଥିଲେ ଓ ବିଚାର ବେବେଳ ସିଲ୍ସ ଏହାକୁ ଅସ୍ୱୀକାର କରିଥିଲେ। ରନ୍ ଆଉଟ କରିବା ଲାଗି ସିଲ୍ସ ଯେତେ କହିଥିଲେ ମଧ୍ୟ ଏହା ଅଣଖେଳୱାଡ ଓ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରୁଛି ବୋଲି ମ୍ୟାଚ୍ ରେଫରି କହିଥିଲେ। ଏହା ପରେ ଦଣ୍ଡ ସ୍ୱରୂପ ୨୫ ଶତକଡ଼ା ମ୍ୟାଚ୍ ଫି କାଟିନେବା ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେବାକୁ ନିଷ୍ପତ୍ତି ନେଇଥିଲେ।

## ସାଙ୍ଘାଇ ମାଷ୍ଟର୍ସ ଜିତି ଇତିହାସ ରଚିଲେ ଭାଲେଣ୍ଟିନ



ସାଙ୍ଘାଇ, ୧୨।୧୦ (ଏଜେନ୍ସି): ବିଶ୍ୱ ର୍‌ୟାଙ୍କିଙ୍ଗ୍‌ର ୨୦୪ତମ ସ୍ଥାନରେ ରହିଥିବା ମୋନାକୋର ଭାଲେଣ୍ଟିନ ଭାଚେରୋଟ୍ ଏଠାରେ ଅନୁଷ୍ଠିତ ସାଙ୍ଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟ ଜିତି ଇତିହାସ ରଚିଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ଯୋଗ୍ୟତା ଅର୍ଜନକାରୀ ଭାଲେଣ୍ଟିନ ୪-୬, ୬-୩, ୬-୩ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ରହିଥିବା ଫ୍ରାନ୍ସର ଅର୍ଥର ରିଣ୍ଡେର୍କନେଚଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୬ ବର୍ଷୀୟ ଭାଲେଣ୍ଟିନ ଏଟିପି ମାଷ୍ଟର୍ସ-୧୦୦୦ ଟାଇଟଲ୍ ଜିତିବାରେ ବିଶ୍ୱର ସର୍ବନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ଏହି ରେକର୍ଡ କ୍ରୋଏସିଆର ବୋର୍ନା କୋରିକଙ୍କ ନାମରେ ରହିଥିଲା। ୨୦୨୨ରେ ବୋର୍ନା ୧୫୨ତମ ସ୍ଥାନରେ ରହିଥିବାବେଳେ ଏଟିପି-୧୦୦୦ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ସିନ୍‌ସିନାଟି ଓପନ୍ ଟାଇଟଲ୍ ଜିତିଥିଲେ। ଉଲ୍ଲେଖଯୋଗ୍ୟ, ଭାଲେଣ୍ଟିନ ପ୍ରଥମେ ଯୋଗ୍ୟତା ପର୍ଯ୍ୟାୟ ଦେଇ ସାଙ୍ଘାଇ ମାଷ୍ଟର୍ସର ମୁଖ୍ୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ସେମିଫାଇନାଲରେ ସେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଚାମ୍ପିଅନ ହେବା ସହ ସେ ୯ କୋଟି ୯୭ ଲକ୍ଷ ଟଙ୍କା ପୁରସ୍କାର ଜିତିଛନ୍ତି।

● ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

## ଅନୁପମା ସ୍ୱାଇଁଙ୍କୁ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ



ଭୁବନେଶ୍ୱର,୧୨।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ତୃତୀୟ ତଥା ଶେଷ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ପଦକ ରହିଛି। ମହିଳା ଖେଳାଳି ଅନୁପମା ସ୍ୱାଇଁ କଣ୍ଟାକ୍ଟ ଫାଇଟିଙ୍ଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ହ୍ୟାଟ୍ରିକ୍ ସ୍ୱର୍ଣ୍ଣ। ଅମରେଶ୍ୱର ସ୍ୱାଇଁ ଆଜିର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ଓ ଦ୍ୱିତୀୟ ଦିନରେ ୧୪ଟି ପଦକ ମିଳିଥିଲା। ମୋଟରେ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୯ଟି କାଂସ୍ୟ ସହ ଓଡ଼ିଶା ୨୮ଟି ପଦକ ଜିତି ଶ୍ରେଷ୍ଠ ସଫଳତା ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଦିନ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିପରି ପ୍ରଥମ ଦିନରେ ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

● ବାସୁଦେବ ମହାନ୍ତି ସ୍ମାରକୀ ଚେସ୍

## ପ୍ରୀତିକା ପ୍ରଧାନଙ୍କୁ ଟାଇଟଲ୍



ଭୁବନେଶ୍ୱର,୧୧।୧୦(ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରୀତିକା ପ୍ରଧାନ ବାସୁଦେବ ମହାନ୍ତି ସ୍ମାରକୀ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ୫ ରାଉଣ୍ଡ ଖେଳ ଶେଷସୁଦ୍ଧା ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ପ୍ରୀତିକା ଅନ୍ୟମାନଙ୍କୁ ପଛରେ ପକାଇ ଟାଇଟଲ କବ୍‌ଜା କରିନେଇଥିଲେ। ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ନିଶାଦ ସେନାପତି ଦ୍ୱିତୀୟ, ପୋଖରୀପୁଟ ଡିଏଭି ସ୍କୁଲ୍‌ର ଦିବ୍ୟାଂଶ ମହନ୍ତ ତୃତୀୟ, ଭୁବନେଶ୍ୱର କେଭି ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ୫ମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ଓ ମାନପତ୍ର ଆୟୋଜକଙ୍କଠାରୁ ପ୍ରଦାନ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏହାକୁ ଆୟୋଜିତ କରିଥିଲା। ଏହାର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

## ହଂକଂଠୁ ହାରି ଭାରତ ବିଦା



ଭୁବନେଶ୍ୱର,୧୨।୧୦(ସମିସ): ହଂକଂଠାରୁ ୩-୦ ବ୍ୟବଧାନରେ ପରାଜିତ ହୋଇ ଭାରତୀୟ ପୁରୁଷ ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ରୁ ବିଦାୟ ନେଇଛି। ଆଜି ଅପରାହ୍ଣରେ ଖେଳାଯାଇଥିବା ମୁକାବିଲାରେ ହଂକଂ ପ୍ରଥମ ୩ଟି ମୁକାବିଲାକୁ ଜିତିନେବା ପରେ ଆଉ କୌଣସି ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ର୍‌ୟାଙ୍କ ଚତୁର୍ଥ ଓ ହଂକଂର ଷଷ୍ଠ ଥିଲାବେଳେ ମ୍ୟାଚ୍ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ହଂକଂ ଖେଳାଳିମାନେ ଶୃଙ୍ଖଳିତ, ଦୃଢ଼ ମାନସିକ ଓ ଟେକ୍ନିକାଲି ଦୃଢ଼ ଥିବାରୁ ଭାରତୀୟମାନେ ସେମାନଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଗତ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଭାରତ ୨ଥର କାଂସ୍ୟ ପଦକ ଜିତିଥିଲା। ମାନୁସ ଶାହ, ମାନବ ଠାକର ଓ ଯୁବ ଖେଳାଳି ଅଙ୍କୁର ଭଟ୍ଟାଚାର୍ଯ୍ୟ ପ୍ରତିଦ୍ୱନ୍ଦ୍ୱୀ ହଂକ ଖେଳାଳିଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଏବେ ୫ମ ସ୍ଥାନ ଲାଗି ଭାରତ ଓ କୋରିଆ ମଧ୍ୟରେ ମୁକାବିଲା ହେବ। ଆଜିର ଅନ୍ୟ ମୁକାବିଲାରେ ଜାପାନ ୩-୧ରେ କୋରିଆକୁ ହରି ସେମିଫାଇନାଲରେ ପ୍ରବେଶ କରିଛି।

ସୁଲତାନ ଜୋହର କପ୍

## ଭାରତର ଦ୍ୱିତୀୟ ବିଜୟ

ଜୋହର ବାହରୁ, ୧୨।୧୦: ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ଜୁନିଅର ପୁରୁଷ ଦଳ ୪-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ଅର୍ଶଦୀପ୍ ସିଂହ ଓ ୧୫ତମ ମିନିଟ୍‌ରେ ପିବି ସୁନିଲ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଅରଜିତ୍ ସିଂହ ହୁଣ୍ଡାଲ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଓଡ଼ିଆ ଖେଳାଳି ରୋଶନ କୁଜୁର ଦଳ ପାଇଁ ଅନ୍ତିମ ତଥା ୪ର୍ଥ ଗୋଲ୍‌ଟି ଦେଇଥିଲେ।

● ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ଜାଭେଲିନରେ କୁନିଙ୍କୁ ରୌପ୍ୟ ସଫଳତା



ଭୁବନେଶ୍ୱର, ୧୨।୧୦ (ସମିସ): ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶା ଦଳର ପଦକ ବିଜୟଧାରା ଜାରି ରହିଛି। ପ୍ରତିଯୋଗିତାର ତୃତୀୟ ଦିବସରେ ରବିବାର ଓଡ଼ିଶାର କୁନି ରାଜଗୋଣ୍ଡ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ବାଳିକା ୧୪ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ କୁନି ଏହି ସଫଳତା ପାଇଛନ୍ତି। ସେ ୩୭.୫୫ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ହରିୟାଣାର ଆରାଧ୍ୟା ସିଂହ (୩୮.୬୪ମିଟର) ଓ ପଶ୍ଚିମବଙ୍ଗର ଅନୁଶ୍ରୀ ବିଶ୍ୱାସ (୩୬.୫୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ୍ ସମୀକ୍ଷା ସ୍ୱରପ୍ରେମୀ ୨୦.୧୫ ମିଟର ଜାଭେଲିନ ଫିଙ୍ଗି ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଦିବସରେ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ଓଡ଼ିଶାର ପ୍ରତୀକ ମହାରଣା ରୌପ୍ୟ ଏବଂ ୨ୟ ଦିବସରେ ଆଲୋକିକା ସ୍ୱାଇଁ ମହିଳା ୧୮ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ଜିତିଥିଲେ।



ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ମନ୍ଧାନାଙ୍କ ବିଶ୍ୱରେକର୍ଡ; ଭାରତର ରେକର୍ଡ ସ୍କୋର

ବିଶାଖାପାଟନମ, ୧୨।୧୦ (ଏଜେନ୍ସି)

ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଏକ ହାଇସ୍କୋରିଂ ବିଶିଷ୍ଟ ମ୍ୟାଚ୍ ଦେଖିବାକୁ ମିଳିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆୟୋଜକ ଭାରତ ଦୁଇ ଓପନର୍ ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ବଳରେ ୩୩୦ ରନର ରେକର୍ଡ ସ୍କୋର କରିଥିଲା। ଜବାବରେ ଏହାକୁ ପିଛା କରିଥିବା ୭ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ଦଳ ମଧ୍ୟ ଦମ୍‌ଦାର ଆରମ୍ଭ କରିଛି। ଶେଷ ଖବର ସୁଦ୍ଧା ଅଷ୍ଟ୍ରେଲିଆ ୧୪ ଓଭରରେ ଗୋଟିଏ ୱିକେଟ୍ ହରାଇ ୯୭ ରନ ସଂଗ୍ରହ କରିଛି। ଓପନର୍ ଆଲିସା ହେଲୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ଉଭୟ ଅଷ୍ଟ୍ରେଲିଆ ଓ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପରେ ୩ଟି ଲେଖାଏ ମ୍ୟାଚ୍ ଖେଳି ଯଥାକ୍ରମେ ୫ ଓ ୪ ପଏଣ୍ଟ ପାଇଛନ୍ତି।

ରବିବାର ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହେଲୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତର ଦୁଇ ଓପନର୍ ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନା କିନ୍ତୁ ହେଲୀଙ୍କ ନିଷ୍ପତ୍ତିକୁ ଭୁଲ ପ୍ରମାଣିତ କରି ପ୍ରଥମ ୱିକେଟ୍‌ରେ ଦେଢ଼ଶହ ରନ ଭାଗୀଦାରି ଗଢ଼ିଥିଲେ। ୯ ଚୌକା ଓ ୩ ଛକା ବଳରେ ୬୬ ବଲରୁ ୮୦ ରନ କରିଥିବାବେଳେ ମନ୍ଧାନାଙ୍କୁ ଆଉଟ୍ କରି ବାମହାତୀ ସ୍ପିନର ସୋଫି ମୋଲିନେକ୍ସ ଅଷ୍ଟ୍ରେଲିଆକୁ ବଡ଼ ବ୍ରେକ ଥ୍ରୁ ଦେଇଥିଲେ। ଏହାପରେ ଅନ୍ୟତମ ଓପନର୍ ପ୍ରତୀକା ମଧ୍ୟ ୭୫ ରନ କରି ଆନ୍ନାବେଲ୍ ସଦରଲାଣ୍ଡଙ୍କ ବଲରେ ଆଉଟ୍ ହୋଇଥିଲେ। ଏହି ଦୁଇ ଖେଳାଳିଙ୍କ ଆଉଟ୍ ପରେ ମଧ୍ୟକ୍ରମ ଭାରତୀୟ ବ୍ୟାଟର୍ ଉପଯୋଗୀ ବ୍ୟାଟିଂ କରିବାରୁ ଦଳ ୪୮.୫ ଓଭରରେ ୩୩୦ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୩୮, ଜେମିମା ରୋଡ୍ରିଗ୍ସେଜ ୩୩, ରିଚା ଘୋଷ ୩୨, ଅଧିନାୟିକା ହରମନପ୍ରୀତ୍ କୌର ୨୨ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ମଧ୍ୟଗତିର ବୋଲର ସଦରଲାଣ୍ଡ ସର୍ବାଧିକ ୫ଟି ଓ ମୋଲିନେକ୍ସ ୩ଟି ୱିକେଟ ନେଇଥିଲେ।



**ଆଜିର ମ୍ୟାଚ୍**
ଦ. ଆଫ୍ରିକା- ବାଂଲାଦେଶ
ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: ବିଶାଖାପାଟଣମ୍

### ମ୍ୟାଚ୍‌ରେ କୀର୍ତ୍ତିମାନ

**୫ ହଜାର ରନ:** ମିତାଲି ରାଜ (୭୮୦୫ ରନ)ଙ୍କ ପରେ ୨ୟ ଭାରତୀୟ ଭାବେ ମନ୍ଧାନା (୫୦୨୨) ଦିନିକିଆରେ ୫ ହଜାର ରନ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱରେ ସର୍ବକନିଷ୍ଠ (୨୯ ବର୍ଷ), ସବୁଠୁ କମ୍ ଇନିଂସ (୧୧୨) ଓ ସବୁଠୁ କମ୍ ବଲ୍ (୫୫୬୯) ଖେଳି ୫ ହଜାର ରନ ସଂଗ୍ରହ କରିବାରେ ମନ୍ଧାନା କୀର୍ତ୍ତିମାନ କରିଛନ୍ତି। ଷ୍ଟିଫାନୀ ଟେଲର (୧୨୯ ଇନିଂସ) କମ୍ ଇନିଂସ ଓ ସୁଜି ବେଟ୍ସ (୬୧୮୨) କମ୍ ବଲ୍ ଖେଳି ୫ ହଜାର ରନ ସଂଗ୍ରହ କରିଥିଲେ।

**୧୦୦୦ ରନ:** ବିଶ୍ୱର ପ୍ରଥମ ମହିଳା କ୍ରିକେଟର୍ ଭାବେ ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ଦିନିକିଆ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ଗୋଟିଏ ବର୍ଷରେ ସର୍ବାଧିକ ରନ ବେଲିଣ୍ଡା କ୍ଲାର୍କ (୯୭୦ ରନ, ୧୯୯୭ ମସିହା)ଙ୍କ ନାମରେ ରହିଥିଲା।

**୧୫୫ ରନ:** ମନ୍ଧାନା ଓ ପ୍ରତୀକା ଓପନିଂ ଯୋଡ଼ିରେ ୧୫୫ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଦଳର ସର୍ବାଧିକ ଓପନିଂ ପାର୍ଟନରସିପ୍।

**୩୩୦ ରନ:** ଦିନିକିଆ ବିଶ୍ୱକପ୍ ଇତିହାସରେ ଭାରତ ଏହାର ସର୍ବାଧିକ ଦଳଗତ ସ୍କୋର ହାସଲ କରିଛି। ୨୦୨୨ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩୧୭ ରନ କରିଥିଲା।

**୩୦୦+:** ବିଶ୍ୱକପ୍‌ରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ମହିଳା ବିପକ୍ଷରେ କୌଣସି ଦଳ ୩୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS